

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ !!!

# ଚରମ


❋ ପଞ୍ଚମ ପୁଷ୍ପ ❋ ତୃତୀୟ ପାଖୁଡ଼ା ❋ ଦ୍ୱାବିଂଶ ସଂଖ୍ୟା ❋

ସଂପାଦକ : ଶ୍ରୀ କେଶବଦାସ ବୃନ୍ଦାବନ ।

ପ୍ରକାଶକ : ପୀତାମ୍ବର ଦାସ, ସାଧାରଣ ସଂପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ

ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ୍,
କଟକ, ଫୋନ- ୦୬୭୧-୨୩୧୧୪୩୧

## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା
ପିନ୍ - ୭୫୪୨୦୬
ଫୋନ୍ - (୦୬୭୧) ୨୭୬୭୧୦୧

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ ତରଫରୁ ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ ଏବଂ ଇନ୍ ପ୍ରିଣ୍ଟ, କଟକଙ୍କ ଦ୍ୱାରା ମୁଦ୍ରିତ ।

ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ୱ ସଂରକ୍ଷିତ ।

❋ ଭକ୍ତି ପ୍ରେମାଞ୍ଜଳି : ପ୍ରତି ଖଣ୍ଡ : ପନ୍ଦର ମୁଦ୍ରାଞ୍ଜଳି ❋

❋ କେଶବାବ୍ଦ : ତ୍ରିଚତ୍ୱାରିଂଶତ୍ ❋ ଅଗ୍ନି-ଉତ୍ସବ ମାସ ❋ ଅଗ୍ନି ପୂର୍ଣ୍ଣିମା ❋

# ପ୍ରବେଶ ପରିଚିତି

❋ ପଞ୍ଚମ ପୁଷ୍ପ ❋
ତୃତୀୟ ପାଖୁଡ଼ା
ଦ୍ୱାବିଂଶତମ ସଂଖ୍ୟା

ତୃତୀୟ ମହଳ ❋ କେଶବାବ୍ଦ : ଷଟ୍‌ପଞ୍ଚାଶତ୍ତମ ❋ ଆବିର୍ଭାବ ମାସ ❋ ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା

❖ ବୈଦିକ ପ୍ରାର୍ଥନା ❖

ବିଶାଳ ବିଶ୍ୱସ୍ୟ ନିଦାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ଭିବନ୍ଦେ

| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ଶ୍ରୀପଦ ବନ୍ଦନା | ୧ |
| **ସିଂହଦ୍ୱାର** | |
| ଜଣାଣ | ୨ |
| ଭଜନ | ୩ |
| **ମୁଖଶାଳା** | |
| ସଂପାଦକୀୟ | ୪ |
| 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ | ୬ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୮ |
| ପୁରାଣ ପୃଷ୍ଠାରୁ : ଗଳ୍ପାଂଶ : | ୧୦ |
| ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ : 'ମୋହ' | ୧୧ |
| ଚରମାର୍ଥ ହିଁ ପରମାର୍ଥ | ୧୫ |

| ବିଷୟ | ପୃଷ୍ଠାଙ୍କ |
|---|---|
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୧୯ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚିବି : | ୨୨ |
| ଉତିଷ୍ଠତଃ ! ଜାଗ୍ରତଃ !! | ୨୫ |
| ଜିଜ୍ଞାସା : ଜିଜ୍ଞାସୁ : | ୨୭ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୩୦ |
| କଲ୍ୟାଣ ହେଲି ତୋତେ | ୩୩ |
| କେଶବ କୈବଲ୍ୟ କଣିକା | ୩୭ |
| ପୁରାଣ ପୃଷ୍ଠାରୁ ଗଳ୍ପାଂଶର ମୀମାଂସାଖଣ୍ଡ | ୩୯ |
| ଅଚ୍ୟୁତଙ୍କ 'ଶିବକଳ୍ପ'ର ସରଳ ବ୍ୟାଖ୍ୟା | ୪୧ |
| **ନୀଳଚକ୍ର** | |
| ଚରମର ସଙ୍କେତ | ୪୪ |
| କରିଆ ତୀର୍ଥ | ୪୬ |
| ଆଶ୍ରମ ସନ୍ଦେଶ | ୪୯ |

## ପତ୍ରିକା ବ୍ୟବହାର ବିଧି

୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ । ଏହା ଅକ୍ଷମଣୀୟ ଅପରାଧ ।
୪. ଚରମର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶକ ସଂସ୍ଥା ଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

- ସଂପାଦକ, 'ଚରମ' ॥



ମୂଳାଧାର କର୍ଣ୍ଣଧାର ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିର ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।

# ଅରୁଣ ସ୍ତମ୍ଭ



## ମଙ୍ଗଳାଚରଣ

ଓଁ ବ୍ରହ୍ମରୂପଃ ଖଳୁସର୍ବଲୋକେ
ବ୍ରମାଦିଶକ୍ତିଃ ପରିପାଳନେତୁ ।
ବ୍ରମନ୍ତକାଳେ କିଳରକ୍ଷକଃ ନଃ
ପାତୁ ନୋ ଦେବୋ ତ୍ରିଗୁଣାତ୍ମରୂପଃ ।।

## ଶ୍ରୀପଦ ବନ୍ଦନା

ଶ୍ରୀଗୁରୁ ଶ୍ରୀପଦ କରେ ବନ୍ଦନ ।
ଶ୍ରୀଗୁରୁ ଶ୍ରୀପଦେ ପୁଷ୍ପ ଚନ୍ଦନ ॥୧॥
ଶ୍ରୀଗୁରୁ ପୟରେ ଦିଏ ଆଳତି ।
ଶ୍ରୀଗୁରୁ ଶ୍ରୀପଦେ ବାଢ଼େ ପ୍ରଣତି ॥୨॥
ଶ୍ରୀଗୁରୁ ଶ୍ରୀପଦ ବସିଛି ଧ୍ୟାୟି ।
ଶ୍ରୀଗୁରୁ ସୁପଥ ଦିଅ ବତାଇ ॥୩॥
ଶ୍ରୀଗୁରୁ ଶ୍ରୀପଦ ମୁକତି ଦ୍ୱାର ।
ଶ୍ରୀଗୁରୁ ଶ୍ରୀପଦେ ଭାବ ଅପାର ॥୪॥
ଶାଗୁରୁ ଶ୍ରୀପଦ ଧର୍ମ ନଉକା ।
ଶ୍ରୀଗୁରୁ ପଦ ତ୍ରାଣକର୍ତ୍ତା ଏକା ॥୫॥
ଶ୍ରୀଗୁରୁ ଶ୍ରୀପଦ କମଳ ଦୁଇ ।
ଶ୍ରୀଗୁରୁ ଶ୍ରୀପଦ ଭକତ ଧାୟି ॥୬॥
ଶ୍ରୀଗୁରୁ ଅଟନ୍ତି ବ୍ରହ୍ମା ଶଙ୍କର ।
ଶ୍ରୀଗୁରୁସ୍ୱାମୀ ବ୍ରହ୍ମାଣ୍ଡ ଠାକୁର ॥୭॥
ଶ୍ରୀଗୁରୁ ଶ୍ରୀପାଦେ ଲୟ ଯାହାର ।
ଶ୍ରୀଗୁରୁ ତା' ଠୁଁ ନୁହଁନ୍ତି ଅନ୍ତର ॥୮॥
ଶ୍ରୀଗୁରୁ ଶ୍ରୀପଦୁ ଝରେ ବିଭୂତି ।
ଶ୍ରୀଗୁରୁ ଦିଅ ସୂକ୍ଷ୍ମ ଅନୁଭୂତି ॥୯॥
ଶ୍ରୀଗୁରୁଙ୍କୁ କେବେ ନମଣ ନର ।
ଶ୍ରୀଗୁରୁସ୍ୱାମୀ ସାକ୍ଷାତ ଈଶ୍ୱର ॥୧୦॥
ଶ୍ରୀଗୁରୁ ବ୍ରାହ୍ମଣ ସଭିଏଁ ଶୂଦ୍ର ।
ଶ୍ରୀଗୁରୁ କ୍ଷେତ୍ରେ ନାହିଁ ଜାତିଭେଦ ॥୧୧॥
ଶ୍ରୀଗୁରୁ ପୁରୁଷ ସଭିଏଁ ନାରୀ ।
ଶ୍ରୀଗୁରୁ ମହିମା ମାପି ନପାରି ॥୧୨॥
ଶ୍ରୀଗୁରୁ ଶ୍ରୀପଦ ଯେ' କରେ ଧ୍ୟାନ ।
ଶ୍ରୀଗୁରୁ ଫେଡ଼ନ୍ତି ସଙ୍କଟ ମାନ ॥୧୩॥
ଶ୍ରୀଗୁରୁ ପଦରେଣୁ ତୋଳି ମାଥେ ।
ଶ୍ରୀଗୁରୁ ଚଳନ୍ତି ଭକତ ସାଥେ ॥୧୪॥
ଶ୍ରୀଗୁରୁ ଶ୍ରୀପଦେ ସର୍ବ ଦେବତା ।
ଶ୍ରୀଗୁରୁସ୍ୱାମୀ ହରଣ କରତା ॥୧୫॥
ଶ୍ରୀଗୁରୁ ଶ୍ରୀପଦ ଚିହ୍ନୁଛି ଛାର ।
ଶ୍ରୀପଦ ଏଭବୁଁ କର ଉଦ୍ଧାର ॥୧୬॥




## ଜଣାଣ

**ପ୍ରଭୁ, ତୁମ ମହିମା ଅପାର ।**

ନ ପାରିଲେ ଗାଇ    ଚାରି ମୁଖେ ବ୍ରହ୍ମା    ପଞ୍ଚମୁଖରେ ଶଙ୍କର    ।।୦।।
ଯେତେ ଭାବଗୁଣ    ରୂପରଙ୍ଗ ନାମ    ସବୁ ତୁମ ଠାରୁ ଜାତ,
କ୍ରିୟା, ବିଶେଷଣ    ଆଦି ଯେତେ ପଦ    ସକଳ ମୂଳେ ତୁମେ ତ ।
ତୁମେ ସର୍ବଜାଣ    ସର୍ବଶକ୍ତିମାନ    ସରବ ଶକ୍ତି ଆଧାର    ।।୧।।
ହରଣ ବିଦ୍ୟାରେ    ସୁନିପୁଣ ବୋଲି    ନାମ ବହିଅଛ ହରି,
ଗୋପୀଙ୍କର ମନ    ଲବଣୀ ବସନ    ଥିଲ ତ ହରଣ କରି ।
ଭୀଷ୍ମଙ୍କ ନନ୍ଦିନୀ    ରୁକ୍ମିଣୀକୁ ହରି    ହୋଇଲ ରୁକ୍ମିଣୀ ବର    ।।୨।।
ସବୁ ଭାବ ଯାକ    ହରଣ କରି ତ    ବୋଲାଉଛ ଭାବଗ୍ରାହୀ,
ଭାବହୀନ ହୋଇ    କେଉଁ ଲାଭ ଜୀଇଁ    ରହିଲେ ତୁମେ ଦୂରେଇ ?
ଦିଅ କିଛି ଭାବ    ହେ ଦୀନବାନ୍ଧବ    ଶ୍ରୀଚରଣେ ଅଳି ମୋର    ।।୩।।
ଯୁଗେ ଯୁଗେ ପ୍ରଭୁ    ଅଳି ଦଳି ସବୁ    କରି ଅଛ ତ ପୂରଣ,
ସେ ଯୋଗୁଁ ଭକତ    ବାଞ୍ଛା କଳ୍ପତରୁ    ନାମ ବହିଛ ଆପଣ ।
ଦୟାକର ମୋତେ    ଦେଖୁଥିବି ନେତ୍ରେ    ସଦା ମୂରତି ତୁମର    ।।୪।।
ଏତିକି ବିଶ୍ୱାସ    ଧରି କାଳପାଶ    କାଳ ଉଭାହେବ ଯେବେ,
ତୁମ ଶୁଭନାମ    କରି ଉଚ୍ଚାରଣ    ଜୀବ ଯିବ ମୋର ତେବେ ।
ଦିଅ ହେ ଆଶିଷ    ଆହେ ହୃଷିକେଶ    ଅଳି ମୋ ତୁମ ପୟର    ।।୫।।

# କେହି ନୁହେଁ କା'ର

| | | |
|---|---|---|
| ଜନମ କାଳରୁ ଦୁଃଖ | ଲାଗି ଅଛି ସଦା | । |
| ସୁଖ ଯେ କିପରି ଟିକ | ଜାଣି ନାହିଁ କଦା | ।। |
| ଦୁଃଖ ପରେ ଦୁଃଖ ଆଉ | ସହିବି ମୁଁ କେତେ ? | |
| ଆହା ବୋଲିବାକୁ କେହି | ନାହିଁ ମୋର ସାଥେ | ।। |
| ଭରସା ମୁଁ କରିଥିଲି | ଯାହାକୁ ବି ଯେବେ | । |
| ଦଗାଦେଇ ଚାଲିଗଲେ | ଏକେ ଏକେ ସର୍ବେ | ।। |
| ଦାରାପୁତ୍ର କନ୍ୟା ରୂପେ | ଯିଏ ବି ଆସିଲେ | । |
| ଦୁଃଖର ପାହାଡ଼ ସବୁ | ମୋ ଶିରେ ଲଦିଲେ | ।। |
| ତାଙ୍କ ପାଇଁ ଖଟି ଖଟି | ଅସ୍ଥି ଚର୍ମ ସାର | । |
| ହେଲେ ହେଁ ସେ ବୁଝିଲେନି | ଦୁଃଖ ଟିକେ ମୋର | ।। |
| ଓଲଟା କେ ବିଶ୍ୱାସରେ | ମୋତେ ବିଷ ଦେଇ | । |
| ବଞ୍ଚି ଥାଉଁ ଥାଉଁ ମୋର | ଜଳାଇଲେ ଯୂଇ | ।। |
| କା' ଆଗେ କହିବି ଆଉ | ଏ ଦୁଃଖ କାହାଣୀ | । |
| କିଏ ବା ଶୁଣିବ ମୋର | କ୍ରନ୍ଦନର ଧ୍ୱନି ?? | |

| | | |
|---|---|---|
| ବିଚିତ୍ର ଏ ସଂସାରଟି | କେହି ନୁହେଁ କା'ର | । |
| ଭଲଭାବେ ଜାଣିଥାଅ | ମନବାୟା ମୋର | ।। |
| ଆସିଅଛୁ ଏକା ପୁଣି | ଯିବୁ ହୋଇ ଏକା | । |
| ନେବୁ ନାହିଁ ସାଥେ ଧନ | ସୁନା ରୂପା ଟଙ୍କା | ।। |
| ତେଣୁ କିଆଁ ଛଟପଟ | ହେଉ ଆଉ ଏତେ | ? |
| ସ୍ଥିର ହୋଇ ମିଶିଯା' ତୁ | ନିରାକାର ସାଥେ | ।। |
| ଶ୍ରୀଗୁରୁ ଚରଣ ତଳେ | ନିଅରେ ଶରଣ | । |
| ଶ୍ରୀଗୁରୁଙ୍କୁ ହୃଦୟରେ | କରରେ ବରଣ | ।। |
| ଧାରାଧରି ଧରା ତଳେ | ସାଧିଥିଲେ ବାବୁ | । |
| ଆମରଣ ସନ୍ତୋଷରେ | ଜୀବନ ଯାପିବୁ | ।। |

# ମୁଖଶାଳା

## ସମ୍ପାଦକୀୟ

ଶ୍ରୀଲ ଭକ୍ତିବିନୋଦ ଠାକୁରଙ୍କ ଭାଷାରେ :-

'ସଂସାର୍ ସଂସାର୍ କରେ
ମିଛେ ଗେଲ କାଲ୍ ।
ଲାଭ୍ ନ ହଇଲ କିଛୁ
ଘଟିଲ ଜଂଜାଲ ।।'

ମହର୍ଷି ବ୍ୟାସଦେବ ଶ୍ରୀମଦ୍ଭାଗବତରେ ଉଲ୍ଲେଖ କରି ଯାଇଅଛନ୍ତି -

''ନିତ୍ୟାର୍ତିଦେନ ବିତ୍ତେ ଦୁର୍ଲଭେନାତ୍ମମୃତ୍ୟୁନା ।
ଗୃହାପତ୍ୟାପ୍ତପଶୁଭି କା ପ୍ରୀତିଃ ସାଧିତୈଶ୍ଚଲୈଃ ।'' (୧୧/୩/୧୯)

ଅର୍ଥାତ୍, ଧନ ସମ୍ପତ୍ତିକୁ ନିଅ । ଏହା ଦ୍ୱାରା ଦିନକୁ ଦିନ ଦୁଃଖ ହିଁ ବଢ଼ିବଢ଼ି ଚାଲିବ । ଧନ ସମ୍ପତ୍ତି ପାଇବା ମଧ୍ୟ କଠିନ ବ୍ୟାପାର । ଯଦି କୌଣସି ପ୍ରକାରେ ମିଳି ମଧ୍ୟ ଯାଏ, ତେବେ ତାହା ଆତ୍ମା ପାଇଁ ମୃତ୍ୟୁ ସ୍ୱରୂପ ଅଟେ । ଯିଏ ଏହି ଧନ ସମ୍ପତ୍ତି ଠୁଳ କରିବାର ଜଂଜାଳରେ ଥରେ ପଡ଼ିଯାଏ, ସେ ନିଜେ ମଧ୍ୟ ନିଜକୁ ଭୁଲିଯାଏ । ଏହି ପ୍ରକାରେ ଘର, ପରିବାର, ପୁତ୍ର, ସ୍ୱଜନ, ବନ୍ଧୁବାନ୍ଧବ, ପଶୁ ଆଦି ମଧ୍ୟ ଅନିତ୍ୟ ଏବଂ ବିନାଶଶୀଳ ଅଟନ୍ତି । ଯଦି କେହି ଏ ସମସ୍ତଙ୍କୁ ଏକତ୍ର କରି ବସବାସ କରେ ତେବେ ତା'କୁ ପ୍ରକୃତ ଅର୍ଥରେ ଶାନ୍ତି ମିଳେ କି ?

ପାପ ଓ ତଜ୍ଜନିତ ଦୁଃଖର ଅଗ୍ନି ସଂସାରରେ ବିଷୟାସକ୍ତ ଲୋକମାନଙ୍କର ଚତୁଃପାର୍ଶ୍ୱରେ ହୁତୁହୁତୁ ହୋଇ ସର୍ବଦା ଜଳୁଅଛି । ଏହି ପାପ ଅନଳ ଓ ଦୁଃଖ ଅଗ୍ନିର ତାପରୁ ଅବଶ୍ୟ ରକ୍ଷା ମିଳିବ । ଗରୁଡ଼ ପୁରାଣରେ ଏହା ସ୍ପଷ୍ଟ ଭାବରେ ସ୍ଥାପିତ ହୋଇଅଛି :

''ପାପାନଳସ୍ୟ ଦୀପ୍ତସ୍ୟ ମା କୁର୍ବନ୍ତୁଭୟଂ ନରାଃ ।
ଗୋବିନ୍ଦନାମମେଘୌଘୈର୍ନଶ୍ୟତେ ନୀରବିନ୍ଦୁଭିଃ ।।''

ଅର୍ଥାତ୍, ହେ ମରଣଶୀଳ ନରଗଣ, ତୁମ ଚାରିପାଖରେ ଜଳୁଥିବା ଭୟଙ୍କର ପାପଅନଳକୁ ଆଦୌ ଭୟକର ନାହିଁ । ଶ୍ରୀଭଗବାନଙ୍କର ଗୋବିନ୍ଦ, ଦାମୋଦର, ମାଧବ, କେଶବ, ରାମ, କୃଷ୍ଣ, ହରି ନାମ ଭଳି ମେଘମାଳାରୁ କରୁଣା ଓ କଲ୍ୟାଣର ଜଳ ବର୍ଷା ହୋଇ ସେହି ପାପ ଅନଳକୁ ଅବଶ୍ୟ ଲିଭାଇ ଦେବ । ତୁମ୍ଭେମାନେ ଅନବରତ ଯତ୍ପରୋନାସ୍ତି ସେହି ପୁଣ୍ୟ ନାମକୁ ବାରମ୍ବାର ଶ୍ରଦ୍ଧା ଓ ଭକ୍ତିର ସହିତ ମନେମନେ ଉଚ୍ଚାରଣ କର ।।

ମହାତ୍ମା ବ୍ୟାସଦେବ କୃତ ଶ୍ରୀମଦ୍‌ଭାଗବତ ରାଜାପରୀକ୍ଷିତଙ୍କୁ ଶୁଣାଇବା ଅବକାଶରେ ମହାତ୍ମା ଶୁକଦେବ କହନ୍ତି :

''କଲେର୍ଦୋଷନିଧେ ରାଜନ୍ନାସ୍ତି ହ୍ୟେକୋ ମହାନ୍ ଗୁଣଃ ।
କୀର୍ତ୍ତନାଦେବ କୃଷ୍ଣସ୍ୟ ମୁକ୍ତସଙ୍ଗଃ ପରଂ ବ୍ରଜେତ୍ ॥
କୃତେ ଯଦ୍ ଧ୍ୟାୟତୋ ବିଷ୍ଣୁଂ ତ୍ରେତାୟାଂ ଯଜତୋ ମଖୈଃ ।
ଦ୍ୱାପରେ ପରିଚର୍ଯ୍ୟାୟାଂ କଲୌ ତଦ୍ଧରିକୀର୍ତ୍ତନାତ୍ ।।''

ଅର୍ଥାତ୍, ହେ ରାଜା, ଯଦିଓ ଏହି କଳିକାଳ ପାପପୂର୍ଣ୍ଣ ଅଟେ, ଏହା ଏକ ମହତ୍ତ୍ୱପୂର୍ଣ୍ଣ ପୁଣ୍ୟ ଧାରଣ କରିଅଛି । ତାହା ହେଉଛି, ଏହି କଳିକାଳରେ କେବଳ ଠାକୁରଙ୍କର ବୀଜମନ୍ତ୍ର ଏବଂ ଲୀଳା ପ୍ରସଙ୍ଗ ଶ୍ରଦ୍ଧା, ବିଶ୍ୱାସ ଓ ଭକ୍ତିନିଷ୍ଠାର ସହିତ କୀର୍ତ୍ତନ ଓ ଗାନକଲେ କିମ୍ବା ଶ୍ରବଣ କଲେ, କର୍ମ ବନ୍ଧନରୁ ଯଥାଶୀଘ୍ର ମୁକ୍ତିଲାଭ କରି ଈଶ୍ୱରଙ୍କୁ ଉପଲବ୍ଧି କରି ପାରିବ । ଏହା ସତ୍ୟଯୁଗରେ ତପସ୍ୟା ଦ୍ୱାରା, ତ୍ରେତାଯୁଗରେ ଯଜ୍ଞାନୁଷ୍ଠାନ ଦ୍ୱାରା ଏବଂ ଦ୍ୱାପରଯୁଗରେ ବ୍ୟକ୍ତିଗତସେବା ପରିଚର୍ଯ୍ୟା ଏବଂ ପୂଜାଉପାସନା ଦ୍ୱାରା ଉପଲବ୍ଧି ହେଉଥିଲା ଏବଂ କଳିଯୁଗରେ ଏହା ଶ୍ରୀହରିଗୁରୁଙ୍କର ପୁଣ୍ୟନାମ ଓ ଲୀଳା ଗାନ ଓ ଶ୍ରବଣ ଦ୍ୱାରା ପ୍ରାପ୍ତ ହେଉଅଛି ଓ ହେବ ମଧ୍ୟ ॥

ତେଣୁ ମହାତ୍ମା ଗୋସ୍ୱାମୀ ତୁଳସୀଦାସ ଗାଇ ଯାଇଅଛନ୍ତି:

''ଜନମ୍ ଜନମ୍ ମୁନି ଯତନ୍ କରାହିଁ ।
ଅନ୍ତ ରାମ କହି ଆବତ୍ ନାହିଁ ॥''

ଅର୍ଥାତ୍ ବାରମ୍ବାର ଜନ୍ମ ବନ୍ଧନରେ ଆବଦ୍ଧ ହୋଇ ମଧ୍ୟ ମୁନିମାନେ ସମସ୍ତ ତପସ୍ୟା, ଯଜ୍ଞାନୁଷ୍ଠାନ, ସେବାତ୍ୟାଗ କରି କରି ଥରେ ମାତ୍ର ରାମ ନାମ ଉଚ୍ଚାରଣ କରିବାକୁ କ୍ଷମ ହୋଇ ପାରିଲେ ନାହିଁ । ଏପରିକି ଜୀବନର ଶେଷ ନିଃଶ୍ୱାସ ତ୍ୟାଗ ସମୟରେ 'ରାମ' ନାମ ନେଇ ପାରିଲେ ନାହିଁ ।

ତେଣୁ, ହେ କଳିହତ ଦୁର୍ବଳ ପ୍ରାଣୀ ସକଳ, ତୁମ୍ଭେମାନେ ପ୍ରଭୁଙ୍କ ପ୍ରଦତ୍ତ ପୁଣ୍ୟ ବୀଜମନ୍ତ୍ର ଯେତେପାର ସେତେ ମାନସ ଜପକର । ମହାପ୍ରଭୁଙ୍କର ପବିତ୍ର ଲୀଳାପ୍ରସଙ୍ଗ ଶ୍ରଦ୍ଧା, ଭକ୍ତି, ବିଶ୍ୱାସ ଓ ନିଷ୍ଠାର ସହିତ ବାରମ୍ବାର ଗାନ କର ଓ ଶ୍ରବଣ କର । ଏହି ଦୁସ୍ତର କଳିର ତ୍ରିତାପରୁ ରକ୍ଷା ପାଇବାର ଏହାହିଁ ଏକମାତ୍ର ରକ୍ଷାକବଚ । ଏହା ବ୍ୟତୀତ ଅନ୍ୟ ପନ୍ଥା ଏବେ ଆଉ ତୁମ ପାଇଁ ଅନ୍ୟକିଛି ନାହିଁ । ଶ୍ରୀ କେଶବଙ୍କର ପୁଣ୍ୟନାମ ମନେ ମନେ ସଂଗୋପନେ ବାରମ୍ବାର ଉଚ୍ଚାରଣ କର । ତାଙ୍କ ପ୍ରଦତ୍ତ ଧର୍ମଧାରା ଧରି କର୍ମଯୋଗ ନିତ୍ୟ ଅଭ୍ୟାସ କରି ଧରାଧାମରେ କର୍ମଫଳ ବନ୍ଧନରୁ ମୁକ୍ତହୋଇ ଭକ୍ତ ହୋଇଯାଅ । ତରିଯିବ ନିଶ୍ଚିୟ ॥

**-ସଂପାଦକ, ଚରମ**

# 'ଚରମ' ର ଚିନ୍ତନ : ଏ ପାଖୁଡ଼ାରେ

## ଭକ୍ତି (୧)

**''ଜ୍ଞାନରୁ ଭକତି ଉଦୟ ।**

**ଏଣୁ ଧନ୍ୟ ଏ ନରଦେହ ।।''**

ଶ୍ରୀମଦ୍ଭାଗବତର ଅନେକ ବାଣୀ ପରି ଏହି ବାଣୀକୁ ଅର୍ଥ କରି ଅନେକେ କହନ୍ତି ଯେ, ଯେହେତୁ ଜ୍ଞାନରୁ ଭକ୍ତି ଉଦୟ ହୁଏ, ତେଣୁ ଭକ୍ତି ଅପେକ୍ଷା ଜ୍ଞାନକୁ ପ୍ରାଧାନ୍ୟ ଦିଆଯାଇଛି । କିନ୍ତୁ ମନେ ରଖିବାକୁ ହେବ ଯେ, ଏକମାତ୍ର ଭକ୍ତି ହିଁ ଭଗବଦ୍ ପ୍ରାପ୍ତିର ସର୍ବୋତ୍ତମ ପନ୍ଥା । ଗୀତା, ଭାଗବତ, ବେଦ, ଉପନିଷଦ୍ ଆଦି ଶାସ୍ତ୍ର କଦାପି ପରସ୍ପର ବିରୋଧି ବାକ୍ୟ ଦେଇ ନାହାନ୍ତି । ବ୍ୟାଖ୍ୟାକାର ଓ ପ୍ରବକ୍ତା ମାନଙ୍କର ଦୂରଦୃଷ୍ଟି ଓ ଅନୁଭୂତିର ଅଭାବରୁ ଅନେକେ ଏହିପରି ଅଯଥାର୍ଥ ମନ୍ତବ୍ୟ ଦେଇଥାଆନ୍ତି । ଶାସ୍ତ୍ରବାଣୀର ଶବ୍ଦାର୍ଥକୁ ଧରି ନେଇ ବସିଲେ, ପ୍ରକୃତ ସିଦ୍ଧାନ୍ତ ଆସେନାହିଁ । ମର୍ମାର୍ଥ ଓ ଭାବାର୍ଥ ହିଁ ପ୍ରଧାନ । ଦୂରଦୃଷ୍ଟି ଓ ଅନୁଭୂତିକୁ ସମ୍ବଳ କରି ଶାସ୍ତ୍ରବାକ୍ୟର ଭାବ ଓ ମର୍ମ ଗ୍ରହଣ କରିବାକୁ ହୁଏ । ବିଶେଷତଃ ଶାସ୍ତ୍ର ପ୍ରବକ୍ତା ଓ ତତ୍ତ୍ୱପ୍ରବଚକ ଗଭୀର ଅନୁଭୂତି ଓ ଦୂରଦୃଷ୍ଟି ସମ୍ପନ୍ନ ହୋଇଥିବା ଆବଶ୍ୟକ । ତା' ନହେଲେ ସବୁ ବିଭ୍ରାଟ ହୋଇ ଯିବ ଯେ !!

ଜ୍ଞାନ, କର୍ମ ଓ ଭକ୍ତି ମଧ୍ୟରେ କୌଣସି ପାରସ୍ପରିକ ବିରୋଧ ନାହିଁ । ଜ୍ଞାନ ଶବ୍ଦର ତାତ୍ପର୍ଯ୍ୟ ହେଉଛି ଭଗବଦ୍ ବିଷୟକ ଜ୍ଞାନ । ସେହିପରି କର୍ମ ବୋଇଲେ ନିଷ୍କାମ କର୍ମ ବା ଅକର୍ମ । 'ଅକର୍ମେ ବାସୁଦେବ ପ୍ରୀତି' । ଯେଉଁକର୍ମ କଲେ ଶ୍ରୀଭଗବାନ ସ୍ୱରୂପ ଶ୍ରୀଗୁରୁ ପ୍ରୀତ ଓ ସନ୍ତୁଷ୍ଟ ହେବେ ତାହାହିଁ ପ୍ରକୃଷ୍ଟ କର୍ମ । ତେଣୁ, ଜ୍ଞାନ ଓ କର୍ମ ସହିତ ଭକ୍ତିର କିଛି ବିରୋଧ ହିଁ ନାହିଁ । ଜ୍ଞାନ, କର୍ମ ଏବଂ ଭକ୍ତି ଏକ ସ୍ୱର୍ଣ୍ଣତ୍ରିଭୁଜ । ସବୁଠି ସେହି ସତ୍ତ୍ୱଗୁଣ ଓ ଭାବର ପ୍ରାଧାନ୍ୟ ରହିଛି । ପ୍ରତ୍ୟେକଟି ଭଗବଦ୍ ପ୍ରାପ୍ତି ପାଇଁ ଆଗେଇ ନେଇଥାଏ ।

ନିର୍ବିଶେଷ ବ୍ରହ୍ମଙ୍କ ନିକଟରେ ସାଯୁଜ୍ୟ ମୁକ୍ତି ଲାଭ ପାଇଁ ଜ୍ଞାନୀ ଯେଉଁ ଜ୍ଞାନ ସାଧନ କରେ, ଭକ୍ତ ତାହା ଗ୍ରହଣ କରେ ନାହିଁ । ଭକ୍ତ ଚିନି ସହିତ ଚିନି ହୋଇ ମିଶିଯିବାକୁ ମନ ବଳାଏ ନାହିଁ । ବରଂ ଅଲଗା ରହି ଚିନିର ମାଧୁର୍ଯ୍ୟ ଆସ୍ୱାଦନ କରିବାକୁ ଇଚ୍ଛାକରେ । ଭଗବଦ୍ ବିଷୟକ ଜ୍ଞାନ ଭକ୍ତିର ଅଙ୍ଗ ଅଟେ । ତେଣୁ, ସତ୍‌ସଙ୍ଗ ଏବଂ ସାଧୁସଙ୍ଗର ମହିମା ସବୁଠି ପର୍ଯ୍ୟାପ୍ତ ଭାବରେ କୁହାଯାଉଛି । ଏହାଦ୍ୱାରା ଭଗବାନଙ୍କର ସନ୍ଧାନ ମିଳେ ଓ ତାଙ୍କ ବିଷୟରେ ଜାଣିବାକୁ ମଧ୍ୟ ସୁଯୋଗ ମିଳେ । ସତ୍‌ସଂଗ ଓ ସାଧୁସଙ୍ଗରୁ ଭଗବାନଙ୍କୁ ଜାଣି ସେଠାରୁ ସେମାନଙ୍କ ଶ୍ରୀମୁଖରୁ ଲୀଳା ପ୍ରସଂଗ ବାରମ୍ବାର ଶୁଣିଲେ, ଭଗବାନଙ୍କ ଠାରେ ଅନୁରାଗ କ୍ରମଶଃ ବଢ଼େ । ଏହାହିଁ ପ୍ରକୃତ ଜ୍ଞାନ । ବାରମ୍ବାର ସତ୍‌ସଙ୍ଗ କରି ଭଗବଦ୍ ଅନୁରାଗ ବଢ଼ାଇ ପାରିଲେ, ତାହା ପର୍ଯ୍ୟାୟକ୍ରମେ ପ୍ରେମଲକ୍ଷଣା ଭକ୍ତିରେ ପରିଣତ ହୁଏ । ସେହି ଅବସ୍ଥାରେ ପହଞ୍ଚିଗଲା ପରେ ପରମଆନନ୍ଦରେ ଭକ୍ତ ନିଜକୁ ଭୁଲିଯାଇ ଭଗବାନଙ୍କର ନାମ, ଗୁଣ, ଲୀଳା କୀର୍ତ୍ତନରେ ସର୍ବଦା ବିଭୋର ହୋଇ ରହେ । ମୁକ୍ତି, ମୋକ୍ଷ, ନିର୍ବାଣ ଓ ଚରମପ୍ରାପ୍ତିକୁ ତୁଚ୍ଛ ଜ୍ଞାନ କରି ଭଗବଦ୍ ଲୀଳା ଭଜନରେ ଦିବସ ଅତିବାହିତ କରେ । ସେତେବେଳେ ସେ ବାରମ୍ବାର ଘୋଷଣା କରି ପ୍ରଭୁଙ୍କୁ ପ୍ରାର୍ଥନା କରେ - ମୋର ମୁକ୍ତି ଦରକାର ନାହିଁ । ଚରମପ୍ରାପ୍ତିରେ ମୋର ପ୍ରୟୋଜନ ନାହିଁ । ମୋର ପଦପଦବୀ, ଉଚ୍ଚଆସନ, ପ୍ରଶଂସା କିଛି ହିଁ ଲୋଡ଼ା ନାହିଁ । ସ୍ୱର୍ଗ, ନରକ, ମର୍ତ୍ତ୍ୟଧାମ ଯେଉଁଠି ତୁମର ଇଚ୍ଛା

ସେଇଠି ମୋତେ ଜନ୍ମ ଦିଅ ପଛେ, ଏତିକି କରୁଣା ଓ କଲ୍ୟାଣ କର, ଯେପରି ତୁମ ଶ୍ରୀପାଦପଦ୍ମରେ ମୋର ଅଚଳା ଭକ୍ତିରହୁ, ଆଉ ତୁମରି ସେବାରେ ଯେପରି ମୋର ଦିନ ଯାଉ । ଏହା ବ୍ୟତୀତ ପ୍ରକୃତ ଭକ୍ତ ଆଉ କିଛି ଚାହେଁ ନାହିଁ ।

''ଏଣୁ ଯେ ମୋ ଭାବ ଜାଣଇ । ତା'ର କୈବଲ୍ୟେ ଇଚ୍ଛା ନାହିଁ ॥
ମୁହିଁ ସଂପଦ ଦେଲେ ତା'ରେ । ତକ୍ଷଣେ ଦୂରେ ପରିହରେ ॥
ଏରୂପେ ଭକ୍ତିଯୋଗ ପଥେ । ଯେ ପ୍ରାଣୀ ଆଶ୍ରାକରେ ମୋତେ ॥
ସର୍ବ ସଂକଳ୍ପ ତା'ର ମିଳେ । ସେ ମୋତେ ଭଜଇ ନିଶ୍ଚଳେ ॥''

ଜ୍ଞାନମିଶ୍ରା ଭକ୍ତି କଣ ଜାଣିଛ ? ଭଗବାନଙ୍କର ସେବା ପରିଚର୍ଯ୍ୟାଦି ସବୁ କିଛି କରୁଛି, ଅଥଚ ନିରାକାର ନିର୍ବିଶେଷ ବ୍ରହ୍ମଙ୍କୁ ନିଜର ଉପାସ୍ୟ ବୋଲି ଜାଣିଛି ? ଏପରି ଭକ୍ତିକୁ ଜ୍ଞାନମିଶ୍ରା ଭକ୍ତି ବୋଲି କୁହାଯାଏ । ଶ୍ରୀମଦ୍ ଭଗବଦ୍ ଗୀତାର ପଞ୍ଚଦଶ ଅଧ୍ୟାୟର ୫୪ ଶ୍ଳୋକରେ ଅଛି :

''ବ୍ରହ୍ମଭୂତଃ ପ୍ରସନ୍ନାତ୍ମା ନ ଶୋଚତି ନ କାଂକ୍ଷତି ।
ସମଃ ସର୍ବେଷୁ ଭୂତେଷୁ ମଦ୍ଭକ୍ତିଂ ଲଭତେ ପରାମ୍ ॥''

ଜ୍ଞାନମିଶ୍ରାଭକ୍ତି ନିଷ୍ଠା ସହକାରେ ପାଳନ ଓ ପ୍ରଚାର କଲେ, କ୍ରମଶଃ ତାହା ଶୁଦ୍ଧାଭକ୍ତିରେ ରୂପାନ୍ତରିତ ହୁଏ । ତେଣୁ 'ଜ୍ଞାନରୁ ଭକତି ଉଦୟ' ଏ କଥାରେ ଅସଙ୍ଗତି ଆସିଲା କେଉଁଠୁ ? ସେହିପରି, ଭଗବାନଙ୍କ ସେବା ବିଷୟକ କର୍ମକୁ କର୍ମ ବୋଲି ଗ୍ରହଣ କର । ତା ବ୍ୟତୀତ ଅନ୍ୟ ସକଳ କର୍ମ ହିଁ ଅପକର୍ମ । କର୍ମକୁ ଯଦି ଭଗବାନଙ୍କ ଠାରେ ସମର୍ପଣ କରାଯାଏ, ତେବେ ତହିଁରେ କର୍ମର ବନ୍ଧନ ରହିବ ନାହିଁ ବା କର୍ମଫଳ ଭୋଗ କରିବାକୁ ହେବ ନାହିଁ । ଫଳରେ କର୍ମ ସହିତ ଭକ୍ତିର ଭେଦ ମଧ୍ୟ ରହିବ ନାହିଁ ।

''ମନ ବଚନ ଦେହ ଚିତ୍ତ । ଅବା ଇନ୍ଦ୍ରିୟ ବୁଦ୍ଧି କୃତ ॥
କିବା ସ୍ୱଭାବ ଅନୁସାରେ । ଯେ କର୍ମ କରି ଏ ସଂସାରେ ॥
ତା' ନାରାୟଣେ ସମର୍ପିବ । ଜୀବର ସ୍ୱଧର୍ମ ଏ ଭାବ ॥''

ବିରୋଧକୁ ମନରେ ସ୍ଥାନ ଦିଅ ନାହିଁ । ବିରୋଧରେ ପରମାର୍ଥ ଲାଭ ହୁଏ ନାହିଁ ।

ଦମ୍ଭପଣ ଛାଡ଼ ମାୟାରେ ନପଡ଼
ବିଷୟାର ରସ ମନୁଙ୍କର ନାଶ ।
ମନ ସବୁ କର ଜପ ଏକାକ୍ଷର
ବୈକୁଣ୍ଠର ଆଶ ହରିହରି ଘୋଷ ।

ବୃନ୍ଦାବନ ଚନ୍ଦ୍ର କୃଷ୍ଣ କେଶବ
ତୁମ ଚରଣରେ ଶରଣ ଦେବ ।
ଶରଣ ନେଇଛି ଚରଣ ତଳେ
କାଳ ଚଳି ଯାଉ ଧରମ ବଳେ ।

# ଶ୍ରୀମନ୍ଦିର

## ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !

ସକଳ ଦେଖିବୁ ତାକୁ ନ ଦେଖିବୁ ବ୍ରହ୍ମଚର୍ଯ୍ୟ ବୀରବ୍ରତ । ବ୍ରହ୍ମଜ୍ଞାନୀ ହେଲେ ପାଇବୁ ନନ୍ଦନ ଭଣେ ପାମର ଅଚ୍ୟୁତ ।।

ମହାପୁରୁଷ ଅଚ୍ୟୁତାନନ୍ଦ ପ୍ରାତଃ ସ୍ମରଣୀୟ, ଚିର ବନ୍ଦନୀୟ । ଜନ୍ମ ପରେ ଜନ୍ମ ମର୍ତ୍ତ୍ୟଭୂମିରେ ଅବତୀର୍ଣ୍ଣ ହୋଇ କଠୋର ତପ ଆଚରଣରେ ସର୍ବସିଦ୍ଧ ହୋଇ ଶ୍ରୀହରିଙ୍କ ଲୀଳାରେ ଅବଗତ ହୋଇଥିଲେ । କଳିର ମୋହ ପାଶରେ ଆବଦ୍ଧ ଜୀବମାନଙ୍କୁ ସତର୍କ କରାଇବା ପାଇଁ ''ଭବିଷ୍ୟ ମାଳିକା ''ନାମରେ ସହସ୍ରାଧିକ ପୁସ୍ତକ ରଚନା କରି ଯାଇଛନ୍ତି । ନିର୍ବିକଳ୍ପ ସମାଧିରେ ସମାଧିସ୍ଥ ଥିବା ସମୟରେ ସେ ଯେଉଁ ଲୀଳା ରହସ୍ୟ ଦର୍ଶନ କରିଥିଲେ, ସେହି ଅବସ୍ଥାରେ ତତ୍‌କାଳୀନ ଆଧ୍ୟାତ୍ମିକ ଗୂଢ଼ ଶବ୍ଦଗୁଡ଼ିକ ସେ ପ୍ରୟୋଗ କରି ଯାଇଛନ୍ତି । ସାଧନ କ୍ଷେତ୍ରରେ ଅଗ୍ରସର ହୋଇ ଶୂନ୍ୟ ମଣ୍ଡଳର ଭାଷାକୋଷସହ ପରିଚୟ ନଥିଲେ, ତାଙ୍କ ଲେଖାର ତତ୍ତ୍ୱାର୍ଥ ବୁଝିବା ସହଜ ନୁହେଁ । ତେଣୁ କ୍ରମାଗତ ଭାବେ, 'ଚରମ'ର ଏହି ସ୍ତମ୍ଭରେ ତାଙ୍କ ଲେଖାର କିୟଦଂଶ ସହଜ ସରଳ ଭାଷା/ଶବ୍ଦ ଓ ଅର୍ଥରେ ପ୍ରକାଶ କରାଯାଉଅଛି । ସେହି କ୍ରମରେ ଏ ସଂଖ୍ୟାରେ ଆମର ନିର୍ବାଚନ ''ଶିବକଳ୍ପ'' ର ''ପଞ୍ଚଦଶ ନିର୍ଘଣ୍ଟ'' ରୁ କେତୋଟି ଅମୂଲ୍ୟ ଅଂଶ ।

### ''ଶିବକଳ୍ପ'' ପଞ୍ଚଦଶ ନିର୍ଘଣ୍ଟରୁ ଉଦ୍ଧୃତ ରହସ୍ୟମୟ ତତ୍ତ୍ୱ :

ପୃଥ୍ୱୀ ଆପ ତେଜ ବାୟୁ ଆକାଶକୁ ଗୁରୁପଣେ ନିଷ୍ଠାକର ।
ଅବାରଣ ଭୂଇଁ ବାରଣ ନଥାଇ ଅମନରେ ମନ ଭର ।।୧।।

ଅଇଶ୍ୱର୍ଯ୍ୟ ସ୍ଥାପି ଅନାଦି ଚକ୍ରରେ ଅବନା ବାୟୁରେ ମିଶ ।
ରାଧାକୃଷ୍ଣ ଯହିଁ ଏକ ଅଙ୍ଗ ତହିଁ ତ୍ରିପୁରାକୁ କର ଆଶ ।।୨।।

ହର ପରେ ଝର ତହିଁ ପରେ ଝର ନିତ୍ୟାଚାର ତହିଁ ସାର ।
ଧବଳ ଗିରିରେ ଜ୍ଞାନ ମୂର୍ତ୍ତିକାକୁ କପାଳରେ ଗାର ମାର ।।୩।।

ତତ୍ତ୍ୱ ଆତ୍ମାଧ୍ୟାୟି ଦ୍ୱାଦଶ ସୂର୍ଯ୍ୟଙ୍କୁ ସାକ୍ଷୀ ରଖି ହୃଦାଗମେ ।
ଜୀବ ପରମକୁ ଏକ ଭାବେ ଦେଖ ଛନ୍ଦ ଶାହାସ୍ତ୍ରର ପଦ୍ମେ ।।୪।।

ନାମ ବ୍ରହ୍ମ ତହିଁ ଯୁଗଳ ସେ ରୂପ ଏକ ଅଙ୍ଗେ ଭିନ ଭିନ ।
କାଳିନ୍ଦୀ ହ୍ରଦରେ କମଳ ଫୁଟିଛି କ୍ଷୀର ନାଳ ପରେ ଚିହ୍ନ ।।୫।।

ବାଜୁଛି ବାଜଣା ବ୍ରହ୍ମା ତହିଁ ବଣା ବାର ବଙ୍କନାଳ ଶିଖ ।
ସପ୍ତଚକ୍ର ଭେଦି କ୍ଲୀଂ ବୀଜ ଦର୍ପରେ ଆପେ ଆପଣାକୁ ଦେଖ ।।୬।।

ବାରି ଧରିଥାଅ ହରିହରି ବୋଲ ଏଥିପରେ ନାହିଁ ଆଉ ।
ଦୀନ ଅଚ୍ୟୁତ ଯେ ଏହିଠାରେ ଲଭେ କେ କହିବ ଆଉ କହୁ ।।୭।।

ଯେ ଯେତେ କହିବ ମନ ନ ମାନିବ ମୋର ଅନୁଭବ ତହିଁ ।
ପୂର୍ବ ଭାଗ୍ୟବଳେ ଯାହାକୁ ମୋହର ଜାତିସ୍ମର ଭକ୍ତ ସେହି ।।୮।।

ସିଦ୍ଧ ବ୍ରହ୍ମ ଗୋଟି ଭୂମିରେ ସ୍ଥାପିଣ ତ୍ରିବୀଜ ଗୁଣାଣ କର ।
ସପ୍ତଚକ୍ର ପରେ ଶେଷ ବୀଜ ଗୋଟି ଠାବକର ତଥିପର ।।୯।।

ସିନ୍ଧୁ ପରେ ସିନ୍ଧୁ ପଞ୍ଚାଙ୍ଗରେ ବିନ୍ଦୁ ଚଉଦ ବ୍ରହ୍ମାଣ୍ଡ ଭଜ ।
ବଜ୍ରକବାଟରେ କିଳିଣୀ ପଡ଼ିଛି ସ୍ଥାପନ ହରାଜ ସଜ ।।୧୦।।



# ପୁରାଣ ପୃଷ୍ଠାରୁ

## ଚାଳୁଣି

(ଯୁଗଯୁଗ ଧରି ଜନ ମାନସରେ ପୁରାଣର କଥନିକା ଏକ ବିଶେଷ ସ୍ଥାନ ଅଧିକାର କରି ଆସିଅଛି । ମାତ୍ର ପାଠକର ମନ ସର୍ବଦା ପୁରାଣର ବହିଃରଙ୍ଗ ବସ୍ତୁରେ ଆବଦ୍ଧ ହୋଇ ରହିଯାଏ । ଏହାର ଅନ୍ତଃବସ୍ତୁ ହୃଦୟଙ୍ଗମ କରିବା ସହଜ ହୁଏ ନାହିଁ । ଅନ୍ତରଙ୍ଗ ସତ୍ୟତା (ମୀମାଂସାଖଣ୍ଡ) ଉପଲବ୍ଧ ପାଇଁ ପୁରାଣର ଶୈଳୀ ସହ ପରିଚିତ ହେବାକୁ ହୁଏ । ଏହି ଶୈଳୀ ହିଁ ଅତିଶୟୋକ୍ତି । ଏହାଦ୍ୱାରା ପୁରାଣ କବି ନିର୍ଦ୍ଦିଷ୍ଟ ଏକ ମାର୍ମିକ ଅର୍ଥ ଅଭିବ୍ୟଞ୍ଜିତ କରିଥାଆନ୍ତି । ଶୈଳୀଭେଦରେ ବର୍ଣ୍ଣନାର ଭେଦ ହୁଏ ସିନା ତଥ୍ୟ କିନ୍ତୁ ସମାନ ରହେ । "ଶୈଳୀଭେଦାତ୍ ବର୍ଣ୍ଣନ ଭେଦଃ ନତୁ ତଥ୍ୟ ଭେଦ ।" ଚରମ ପୃଷ୍ଠାରେ ଏହି ଦୃଷ୍ଟିରୁ ପୌରାଣିକ ଆଖ୍ୟାୟିକା ପରିବେଷଣ କରିବା ସହିତ ସେହି କଥନିକାର ଅନ୍ତରଙ୍ଗ ବା ମୀମାଂସାଖଣ୍ଡ ମଧ୍ୟ ପରିବେଷଣ ହୋଇ ଆସୁଅଛି । ପିଣ୍ଡତତ୍ତ୍ୱ ମତବାଦରେ ଏହି ମୀମାଂସା ସ୍ୱୟଂ ସଂପୂର୍ଣ୍ଣ ଏବଂ ପାଠକ-ପାଠିକାମାନେ ଯୋଗମାର୍ଗରେ ଅବିଚଳିତ ଓ ସ୍ଥିରଥିଲେ, ଏହି ସତ୍ୟକୁ ଅବଶ୍ୟ ଉପଲବ୍ଧି ଏବଂ ଅନୁଭବ କରୁଥିବେ ବୋଲି ଆମର ବିଶ୍ୱାସ । ରମ୍ୟ ଦେବୋଦ୍ୟାନରୁ ଏ ସଂଖ୍ୟା ପାଇଁ ଆମର ଉପହାର "ବ୍ରହ୍ମ ବୈବର୍ତ୍ତ ପୁରାଣ" ପୃଷ୍ଠାରୁ ରାସେଶ୍ୱରୀ ଶ୍ରୀରାଧାଙ୍କ ସଂପର୍କରେ ॥)

ବ୍ରହ୍ମବୈବର୍ତ୍ତପୁରାଣ : ପ୍ରକୃତିଖଣ୍ଡ : ତ୍ରିସପ୍ତତିତମ ଅଧ୍ୟାୟରୁ ଉଦ୍ଧୃତ :

# ଶ୍ରୀରାଧା ଉପାଖ୍ୟାନ

ନାରଦ ପୁଚ୍ଛନ୍ତି ଆହେ ଶୁଣ ଭଗବାନ ।
ରାଧା ଉପାଖ୍ୟାନ ଏବେ କରିବ ବର୍ଣ୍ଣନ ॥

ନାରଦ ବିନୟ ସହକାରେ ଶ୍ରୀ ଭଗବାନଙ୍କୁ ଶ୍ରୀରାଧା ଉପାଖ୍ୟାନ ବର୍ଣ୍ଣନା କରିବା ନିମନ୍ତେ ପ୍ରାର୍ଥନା କଲେ । ଶ୍ରୀମନ୍ନାରାୟଣ ସହାସ୍ୟ ବଦନରେ କହିଲେ : ହେ ନାରଦ, କୈଳାସ ଶିଖରରେ ଦେବଦେବ ତ୍ରିଲୋଚନ କୁମାରଙ୍କୁ ଶ୍ରୀକୃଷ୍ଣଙ୍କ ରାସୋତ୍ସବ ରାସ ବର୍ଣ୍ଣନ କାଳରେ ଦେବୀ ପାର୍ବତୀ ହରଷିତ ହୋଇ ମହେଶଙ୍କୁ ସ୍ତବ କରି ଶ୍ରୀରାଧା ଉପାଖ୍ୟାନ କହିବା ନିମନ୍ତେ ଅନୁରୋଧ କଲେ । ଦେବ ଶୂଳପାଣି ଦେବୀ ଭବାନୀଙ୍କର ଅନୁରୋଧ ରକ୍ଷାକରି ସନ୍ତୁଷ୍ଟ ଚିତ୍ତରେ ଶ୍ରୀରାଧା ଉପାଖ୍ୟାନ ଯେପରି ବର୍ଣ୍ଣନା କଲେ, ତାହା ନିମ୍ନରେ ପ୍ରଦତ୍ତ ହେଲା । ଦୃଢ଼ବିଶ୍ୱାସର ସହିତ ମନଯୋଗ ଦେଇ ତାହା ଶ୍ରବଣ କର । ତୁମର ସମସ୍ତ ପାପ ଖଣ୍ଡନ ହେବ । ଫଳରେ ତୁମେ ଅଖଣ୍ଡ ସୁଖ ଓ ଭକ୍ତି ଲାଭ କରିପାରିବ ।

ବେଦ ଆଗମରେ ଭଗବାନ କୃଷ୍ଣ ନିରଂଜନ ଶ୍ରୀରାଧାଙ୍କ ଆଖ୍ୟାନ ପ୍ରକାଶ କରି କହି ଅଛନ୍ତି । ଶ୍ରୀରାଧା ଶ୍ରୀଭଗବାନଙ୍କ ଠାରୁ ଭିନ୍ନ ନୁହନ୍ତି । ଶ୍ରୀରାଧା ଶ୍ରୀକୃଷ୍ଣଙ୍କର ଅପୂର୍ବ ଚରିତ ପଠନ ଓ ଶ୍ରବଣ କଲେ ଅତ୍ୟନ୍ତ ଗୁପ୍ତ ସୁଖ ଓ ଭକ୍ତିଭାବର ଉଦ୍ରେକ ହୋଇଥାଏ । ହେ ଭଗବତୀ ଉମା, ଆମେ ଶ୍ରୀରାଧାଙ୍କ ଉପାଖ୍ୟାନ ପୂର୍ବାପର ସମସ୍ତ ଜାଣୁ । ଏହା ବ୍ରହ୍ମା ଏବଂ ଦେବଗଣଙ୍କୁ ମଧ୍ୟ ଅଗୋଚର । ଏହି ଉପାଖ୍ୟାନ ସନତ୍ କୁମାର, ସ୍ୱୟଂ ଧର୍ମ ସନାତନ, ଦେବେନ୍ଦ୍ର ଇନ୍ଦ୍ର, ମୁନିନ୍ଦ୍ର ଏବଂ ସିଦ୍ଧପୁରୁଷଗଣ ମଧ୍ୟ ଜାଣନ୍ତି । ତୁମ୍ଭେ ପ୍ରାଣତ୍ୟାଗ କରିବା ନିମନ୍ତେ ଯତ୍ନବାନ ହେଉଛ, ତେଣୁ ଏହି.ଗୁପ୍ତକଥା ମୁଁ ତୁମ୍ଭଙ୍କୁ କହୁଅଛି । ମନଦେଇ ଶୁଣ । ଶ୍ରୀରାଧାଙ୍କର ଜନ୍ମରହସ୍ୟ ଏବଂ ଚରିତ ଅତୀବ ପରମ, ଦୁର୍ଲ୍ଲଭ ଓ ପୁଣ୍ୟତମ ଅଟେ । ଶୁଣ ।

ପୂର୍ବେ ବୃନ୍ଦାବନରେ ଗୋଲୋକ ରାସମଣ୍ଡଳରେ ଶତଶୃଙ୍ଗରେ ମଲ୍ଲୀ ଓ ମାଳତି କାନନରେ ଜଗତ୍‌ପତି ରତ୍ନସିଂହାସନରେ ବସି ରମଣୀ ରମଣ ନିମନ୍ତେ ଅତ୍ୟନ୍ତ ସ୍ୱଚ୍ଛମୟ ଇଚ୍ଛା ପ୍ରକାଶ କଲେ । ତେଣୁ ଜଗତ୍ରପତି ପରମାତ୍ମନ୍ ରମଣୀ ସୃଷ୍ଟି କରିବାର ପରମ ପବିତ୍ର ପରମକାରଣ ମନୋବାଞ୍ଛା ପୋଷଣ କଲେ । ମନୋବାଞ୍ଛା କରିବା ମାତ୍ରେ ସ୍ୱୟଂ ପରମାତ୍ମନ୍ ଦୁଇଗୋଟି ମୂର୍ତ୍ତିରେ ରୂପାନ୍ତରିତ ହେଲେ । ତାଙ୍କର ଦକ୍ଷିଣ ଅଙ୍ଗରୁ ମନୋରମ ଶ୍ରୀକୃଷ୍ଣ ଏବଂ ବାମ ଅଙ୍ଗରୁ ପରମାସୁନ୍ଦରୀ ଶ୍ରୀରାଧା ଉଦ୍ଭବ ହେଲେ । ରମଣ ଉତ୍ସୁକା ପରମାସୁନ୍ଦରୀ ଶ୍ରୀରାଧାଙ୍କୁ ଦେଖି ଯଦୁପତି ଶ୍ରୀକୃଷ୍ଣ ସନ୍ତୁଷ୍ଟ ହେଲେ । ଶ୍ରୀରାଧା ଅମୂଲ୍ୟ ରତ୍ନାଦି ଆଭୂଷଣରେ ଓ ସୁବର୍ଣ୍ଣାଦି ଅଳଂକାରରେ ଆଭୂଷିତା ହୋଇ ଜ୍ୟୋତିର୍ମୟ ତେଜରୂପା ସ୍ମିତହାସ୍ୟ ବଦନରେ ଶୋଭାମୟୀ ଦେଖାଯାଉଥିଲେ । ନୀଳଘନ କେଶପାଶ  ମାଳତୀ ପୁଷ୍ପମାଳା ମଣ୍ଡିତା, ଗଳାରେ ଶତସୂର୍ଯ୍ୟର ତେଜଜିଣି ରତ୍ନହାର, ମୁକ୍ତମାଳା ଗଙ୍ଗାଜଳ ସଦୃଶ ସୁଷମାମଣ୍ଡିତ । ଏମନ୍ତ କାମାତୁରା ରମଣୀ ଓ ପ୍ରମଦା କାମିନୀଙ୍କୁ ଦେଖି ପରାତ୍ମନ୍  ଶ୍ରୀକୃଷ୍ଣ ତତ୍‌କ୍ଷଣାତ୍ ରମଣ କରିବାର ଇଚ୍ଛା ପ୍ରକାଶ କଲେ । କାନ୍ତା ଶ୍ରୀରାଧାଙ୍କୁ ବିରସ ଦେଖି ଗୋବିନ୍ଦ ରାସରସ ପ୍ରାପ୍ତି ନିମନ୍ତେ ଶ୍ରୀରାଧାଙ୍କୁ ଧାରଣ କଲେ । ରାସରେ ଧାରଣ କରିଥିବାରୁ ତାଙ୍କର ନାମ ରା(ରାସ)ଧା(ଧାରଣ) ହେବା ଯଥାର୍ଥ ଓ ଯୁକ୍ତିଯୁକ୍ତ ଅଟେ । ଏଣୁ ଶ୍ରୀରାଧା ନାମ ଈଶ୍ୱରୀ ରୂପରେ ବିଖ୍ୟାତ ଓ ଏହା ମୁନିଗଣ କହିଅଛନ୍ତି, ତେଣୁ ପରମସତ୍ୟ ଅଟେ । ରାଧା ଏବଂ କୃଷ୍ଣ ପରସ୍ପର ପରସ୍ପରଙ୍କୁ ସର୍ବଦା ଭଜୁ ଥାଆନ୍ତି । ଉଭୟେ ସମାନ ଭାବ ଅଟନ୍ତି । କେହି ବଡ଼ସାନ ନୁହନ୍ତି । ଏହା ଭୁଲ୍ ନୁହେଁ କି ଏଥିରେ ଭ୍ରାନ୍ତି ମଧ୍ୟ ନାହିଁ ।

'ରା' ଉଚ୍ଚାରଣରେ ମୁକ୍ତିପଦ ଏବଂ 'ଧା' ଉଚ୍ଚାରଣରେ ହରପଦ ଲାଭ ହୋଇଥାଏ । ପ୍ରଥମେ ଶ୍ରୀରାଧା ପରମାତ୍ମନଙ୍କର ବାମ ଅଙ୍ଗରୁ ଉତ୍ପତ୍ତି ହେଲେ ଏବଂ ପରେ ରାଧାଙ୍କ ଅଂଶରୁ ସମସ୍ତ ଦେବଯୁବତୀମାନେ ଜନ୍ମନେଲେ । 'ରା' ଶବ୍ଦରେ ଆଦାନ ଏବଂ 'ଧା' ଶବ୍ଦରେ ନିର୍ବାଣ ନିହିତ ଥିବାରୁ ରାଧା ଶବ୍ଦ ଓ ନାମ ପୁରାଣରେ ବ୍ୟାଖ୍ୟା କରାଯାଇଅଛି । ରାଧାଙ୍କ ଲୋମକୂପରୁ ଗୋପୀଗଣ ଏବଂ କୃଷ୍ଣଙ୍କର ଲୋମକୂପରୁ ଅଗଣିତ ଗୋପ ଜନ୍ମଲାଭ କଲେ । ଶ୍ରୀରାଧାଙ୍କର ବାମାଂଶରେ ମହାଲକ୍ଷ୍ମୀ ଜନ୍ମହୋଇ ବୈକୁଣ୍ଠରେ ଶ୍ରୀନାରାୟଣଙ୍କ ରାଣୀ ହେଲେ । ବୈକୁଣ୍ଠର ମହାଲକ୍ଷ୍ମୀଙ୍କ ଅଂଶରୁ ସମ୍ପଦଦାୟିନୀ ରାଜଲକ୍ଷ୍ମୀ ମର୍ତ୍ତ୍ୟଲକ୍ଷ୍ମୀ ରୂପରେ ସଂସାରର ମଙ୍ଗଳକାରିଣୀ ହୋଇ ଜନ୍ମ ନେଲେ ।

''ସ୍ୱୟଂ ରାଧା କୃଷ୍ଣପତ୍ନୀ କୃଷ୍ଣବକ୍ଷସ୍ଥିତା । ଶ୍ରୀକୃଷ୍ଣ ପ୍ରାଣାଧିଷ୍ଠାତ୍ରୀ ତ୍ରିଗୁଣେ ଅନ୍ୱିତା ।।''

ସ୍ୱୟଂ ଶ୍ରୀରାଧା ଶ୍ରୀକୃଷ୍ଣଙ୍କର ହୃଦୟରାଣୀ ଏବଂ ସର୍ବଦା ଶ୍ରୀକୃଷ୍ଣଙ୍କର ବକ୍ଷଦେଶରେ ସଂସ୍ଥିତା ଅଟନ୍ତି । ଶ୍ରୀରାଧା ଶ୍ରୀକୃଷ୍ଣଙ୍କର ପ୍ରାଣ ଅଧିଷ୍ଠାତ୍ରୀ ଦେବୀ ଏବଂ ପରମାତ୍ମନ୍ ସଦୃଶ ତ୍ରିଗୁଣାନ୍ୱିତା ଅଟନ୍ତି । ବ୍ରହ୍ମଠାରୁ ସ୍ତମ୍ଭ ପର୍ଯ୍ୟନ୍ତ ଯାବତୀୟ ଏ ବିଶ୍ୱବ୍ରହ୍ମାଣ୍ଡରେ ମିଥ୍ୟା ଅଟେ । ଏକମାତ୍ର ପୂର୍ଣ୍ଣବ୍ରହ୍ମ ରାଧାକାନ୍ତ ହିଁ ସତ୍ୟ ଏବଂ ସନାତନ ଅଟନ୍ତି । ତେଣୁ ତାଙ୍କୁ ପ୍ରତିଦିନ ଶୁଦ୍ଧପୂତ ଅନ୍ତରରେ ଯଥାର୍ଥ ଭାବରେ ଭଜନ କରିବା ଶ୍ରେୟସ୍କର ସାଧନା ଅଟେ । ପରମପ୍ରଧାନ ପରମାତ୍ମା ପରମେଶ୍ୱର ହିଁ ପ୍ରକୃତି ପର ଏବଂ ସର୍ବଦା ନିରୀହପୂଜ୍ୟ ଅଟନ୍ତି । ସେହିଁ ସ୍ୱେଚ୍ଛାମୟ (ସ୍ୱଇଚ୍ଛାମୟ ପୁରୁଷ) ନିତ୍ୟରୂପ ଏବଂ ଭକ୍ତବତ୍ସଳ । ତାଙ୍କ ଭିନ୍ନ ଅନ୍ୟ ସମସ୍ତେ ପ୍ରକୃତିରୁ ଜାତ । ତେଣୁ, କେବଳ ପ୍ରାକୃତ ଅଟନ୍ତି ।

ଶ୍ରୀରାଧା ଆଦ୍ୟାଶକ୍ତି ଏବଂ ସୌଭାଗ୍ୟ ସଂଯୁତା, ମହାବିଷ୍ଣୁଙ୍କର ପ୍ରସୂତା ପ୍ରକୃତି ଈଶ୍ୱରୀ ଅଟନ୍ତି । ଶାନ୍ତ ଶିଷ୍ୟ ଓ ଭକ୍ତଗଣ ସର୍ବଦା ଶ୍ରୀରାଧାଙ୍କର ସେବା ଉପାସନା କରନ୍ତି । ଏପରିକି ବ୍ରହ୍ମା ମଧ୍ୟ ଶ୍ରୀରାଧାଙ୍କର ଦର୍ଶନ ସବୁବେଳେ କରି ପାରନ୍ତି ନାହିଁ । କହିବା ବାହୁଲ୍ୟଯେ, ବ୍ରହ୍ମା, ବିଷ୍ଣୁ, ସୁରେନ୍ଦ୍ର, ମୁନୀନ୍ଦ୍ର, ସିଦ୍ଧପୁରୁଷଗଣ ସ୍ୱପ୍ନରେ ମଧ୍ୟ ଶ୍ରୀରାଧାଙ୍କ ଚରଣ ଦର୍ଶନ ପର୍ଯ୍ୟନ୍ତ କରିପାରନ୍ତି ନାହିଁ । ଦେବୀ ଶ୍ରୀରାଧା ଶ୍ରୀଦାମଙ୍କର ଅଭିଶାପରୁ ଧରାଧାମରେ ଅଯୋନିସମ୍ଭବା ହୋଇ ଆବିର୍ଭୂତା ହେଲେ । ବୃଷଭାନୁ ଗୃହରେ କଳାବତୀଙ୍କର କନ୍ୟାରୂପରେ ତ୍ରିଲୋକ ମୋହିନୀ ସୁଲକ୍ଷଣଯୁକ୍ତା ଶ୍ରୀରାଧା ଜାତ ହୋଇଥିଲେ । ହେ ସାଧୁଗଣ, ସେହି ଶ୍ରୀରାଧାଙ୍କର ନାମ ସର୍ବଦା ଭଜୁଥାଅ, ଫଳରେ ଦିନେନାଦିନେ ନିଶ୍ଚୟ ତୁମେ ମୋକ୍ଷ ଲାଭ କରିବ ହିଁ କରିବ ।

(ଗଦ୍ଯାଂଶର ମୀମାଂସାଖଣ୍ଡ 'ରତ୍ନବେଦୀ'ର ୩୯ ପୃଷ୍ଠାରେ ପଢ଼ିବାକୁ ପାଇବେ ।)

# ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ ମୋହ

ଅବସ୍ତୁରେ ବସ୍ତୁ, ଅସତ୍ୟରେ ସତ୍ୟଜ୍ଞାନ ହିଁ ମାୟା । ତେଣୁ ମାୟା ବସ୍ତୁରେ ନଥାଏ, ଥାଏ ଜ୍ଞାନରେ । ସଂସାରଟା ମାୟାନୁହେଁ । ଭଗବାନଙ୍କର ସୃଷ୍ଟି ଏ ସଂସାର ।.ତେଣୁ ସଂସାର ମାୟା ହେବ କାହିଁକି ? ସଂସାରରେ ଆସକ୍ତ ହେବା ହିଁ ମାୟା । ଏହି ପ୍ରକାର ସାଂସାରିକ ଆସକ୍ତି ପରିପକ୍ୱ ହୋଇ ମୋହରେ ପରିଣତ ହୁଏ । ମୋହଗ୍ରସ୍ତ ଜୀବର ଭଲମନ୍ଦ ଜ୍ଞାନ ବିଲୁପ୍ତ ହୁଏ । ତେଣୁ ଅନିତ୍ୟକୁ ନିତ୍ୟ, ଅସତ୍ୟକୁ ସତ୍ୟ, ଅଜ୍ଞାନକୁ ଜ୍ଞାନ ମନେକରି ମୋହ ପାଶରେ ଆବଦ୍ଧ ହୋଇ ଇହପରକାଳକୁ ନଷ୍ଟଭ୍ରଷ୍ଟ କରି ଦେଲେ । ଅହଂବୁଦ୍ଧିର ବଶବର୍ତ୍ତୀ ହୋଇ ଆପଣାର ନିଷ୍ପତ୍ତି ଆପେ ନେଇ ତମିସ୍ରାର ଘନ ଅନ୍ଧକାର ମଧ୍ୟରେ ପଥଭ୍ରଷ୍ଟ ହୁଏ । ଯୋଗ ବିଯୁକ୍ତ ହୋଇ ଅକାଳ ଧୂମକେତୁରେ ପରିଣତ ହୁଏ । ତେଣୁ 'ତରମ' ପୃଷ୍ଠାରେ ଠାକୁରଙ୍କ ଦର୍ଶନରୁ ମୋହ ନିୟମିତ ପତ୍ରସ୍ଥ ହୋଇ ଯୋଗଯୁକ୍ତ ଜୀବନର ପଥ ନିର୍ଦ୍ଦେଶ କରି ଆସୁଅଛି । ଏ ସଂଖ୍ୟାରେ....

## ବିକ୍ଷରିତ ଅଂଶ ମୋହ

**ଶିଷ୍ୟଉବାଚ :**

''ବିକ୍ଷରିତ ଅଂଶ ମୋହଟି । ଭୋ ଦେବ; ଏବେ କହିବଟି ॥
ଏହାର ଗୁଣ, କ୍ରିୟା ପୁଣି । ଲଭିବି ଦିବ୍ୟଜ୍ଞାନ ଶୁଣି ॥''

**ଶ୍ରୀ ଶ୍ରୀକେଶବଚନ୍ଦ୍ର ଉବାଚ**

''ଯେ ବ୍ୟକ୍ତି ଦୀକ୍ଷା ନେଇଥାଏ । ଅବଶ୍ୟ ମାର୍ଗ ପାଳୁଥାଏ ॥
ଦର୍ଶନ କ୍ଷେତ୍ରେ ନ ପହଞ୍ଚି । ଧାରାର ପଥେ ଶକ୍ତି ସଞ୍ଚି ॥
ଗୁରୁଙ୍କ ଉପଦେଶ ମତେ । ଈଶ୍ୱର ପ୍ରାପତିର ପଥେ ॥
କଠୋର ନିଷ୍ଠା ତ୍ୟାଗ ସହ । କର୍ମ ଯୋଗରେ ଅହରହ ॥
ଏହି ଅବସ୍ଥା ଧରିଥାଏ । ଦର୍ଶନ ପାଇଣ ନ ଥାଏ ॥
ଜ୍ଞାନ କ୍ଷରିତ ନ ହୋଇଣ । ପ୍ରାଣୀ ଯେ କରଇ ସାଧନ ॥
ପ୍ରକୃତ କୃପା ଲାଭ କରି । ନ ଥାଏ ପ୍ରାଣୀ ଅନୁସରି ॥
ତଥାପି ନିଷ୍ଠାର ସହିତ । ସାଧନ କରେ ବିଧିମତ ॥
ଅନେକ ଦୁଃଖ କଷ୍ଟ ସହି । ଏ ଅବସ୍ଥାରେ ପ୍ରାଣୀ ରହି ॥
ଏହାକୁ ବିକ୍ଷରିତ ମୋହ । ବତ୍ସ ନିଶ୍ଚୟ ବୁଝିବ ହୋ ॥''

ଯେଉଁ ବ୍ୟକ୍ତି ଗୁରୁଗ୍ରହଣ କରି ଗୁରୁଙ୍କ ପ୍ରଦତ୍ତ ଦୀକ୍ଷାରେ ଧାରାଧରି ପ୍ରତିଦିନ କର୍ମଯୋଗ ଅଭ୍ୟାସରେ ରହି ମଧ୍ୟ ଦର୍ଶନ ଜଗତରେ ପହଞ୍ଚି ନଥାଏ, କିନ୍ତୁ ତ୍ୟାଗ ଓ ନିଷ୍ଠାର ସହିତ ଈଶ୍ୱରୋପଲବ୍ଧି ବିଧିମତ ସାଧନା ଚାଲୁ

ରଖିଥାଏ, ତାହାର ଏହି ଅବସ୍ଥାକୁ ବିକ୍ଷରିତ ମୋହ କୁହାଯାଏ । ବିକ୍ଷରିତ ମୋହ ଅବସ୍ଥାଚକ୍ରରେ ବ୍ୟକ୍ତି ସାଧନାପଥରୁ ବିଚ୍ୟୁତ ହୋଇପାରେ ନାହିଁ । ଏ ସମ୍ପର୍କରେ ଶ୍ରୀ ଶ୍ରୀ ଠାକୁର କହନ୍ତି :

''ବିକ୍ଷରିତ ମୋହରେ ପଡ଼ି । ପ୍ରାଣୀ ନ ପାରେ ମାର୍ଗ ଛାଡ଼ି ॥
ଏ ମୋହ ଅତି ବଳବାନ । ପ୍ରାଣୀକୁ ଦିଏ ପ୍ରରୋଚନ ॥
ପଛକୁ ଫେରିଣ ଯିବାକୁ । ନ ଦିଏ ପତିତ ହେବାକୁ ॥
ଥରେ ଏ ମୋହେ ପଡ଼ିଗଲେ । ନ ରହେ ବିଷୟଟି ଭଲେ ॥
ବିଷୟ ସୁଖ ଆକର୍ଷଣ । କରି ନପାରେ କଦାଚନ ॥
ଦ୍ୱାର ଦେଶରେ ମୁକତିର । ଥୋଅଇ ନେଇ ସାଧକର ॥''

ବ୍ୟକ୍ତି ଗୁରୁଗ୍ରହଣ କରି ଦୀକ୍ଷାଗ୍ରହଣ ପରେ ଶ୍ରୀ ଗୁରୁଜୀଙ୍କର ପ୍ରଦର୍ଶିତ ସାଧନ ମାର୍ଗରେ ପ୍ରବେଶ କରି ନିତ୍ୟନୈମିତ୍ତିକ ଅଭ୍ୟାସ କର୍ମଯୋଗରେ ନିଷ୍ଠା, ତ୍ୟାଗ ଓ ଆନ୍ତରିକତାର ସହିତ ଲାଗିରହି ଦର୍ଶନ ଜଗତ କ୍ଷେତ୍ରରେ ନ ପହଞ୍ଚିଲେ ମଧ୍ୟ ଏହି ବିକ୍ଷରିତ ଅଂଶ ମୋହ ବଳରୁ ଧର୍ମଧାରା ବା କର୍ମଯୋଗରୁ ବିଚ୍ୟୁତ ହୋଇପାରେ ନାହିଁ । ପ୍ରାଣୀର ହୃଦୟରେ ଦିବ୍ୟଜ୍ଞାନ କ୍ଷରିତ ନହେଲେ ମଧ୍ୟ, ସେ ସାଧନାମାର୍ଗରେ ଅବିଚଳିତ ରହେ । ଶ୍ରୀଗୁରୁଙ୍କର ପ୍ରକୃତ କୃପାଲାଭ କରିଥିଲେ  ମଧ୍ୟ ପ୍ରାଣୀ ଅଜ୍ଞାନତାବଶରୁ ତାହା ଅନୁସରଣ ନ କଲେ ମଧ୍ୟ ନିଷ୍ଠାର ସହିତ ବିଧିମତ ସାଧନାକ୍ରିୟାରେ ଅନୁରକ୍ତ ରହେ । ବିକ୍ଷରିତ ଅଂଶ ମୋହରେ ପଡ଼ିଲେ ପ୍ରାଣୀ ସାଧନପଥକୁ ତ୍ୟାଗ କରିପାରେ ନାହିଁ । ଏହି ମୋହ ଅତ୍ୟନ୍ତ ବଳବାନ ଏବଂ ଏହା ପ୍ରାଣୀକୁ ସାଧନାପଥରେ ଅଗ୍ରସର ହେବପାଇଁ ପ୍ରରୋଚନା ଦେଇଥାଏ । ଏହି ମୋହ ପ୍ରାଣୀକୁ ପଛକୁ ଫେରିଯାଇ ପୂର୍ବସ୍ଥିତିରେ ପହଞ୍ଚିବାକୁ ବା ପାପାସକ୍ତ ହୋଇ ପତିତ ହେବାକୁ ଦିଏ ନାହିଁ । ଏହି ମୋହରେ ଥରେ ପଡ଼ିଗଲେ, ପ୍ରାଣୀର ଆଉ ବିଷୟା ଆସକ୍ତି ରହେ ନାହିଁ କିମ୍ବା ବିଷୟାମୁଖ ପ୍ରାଣୀକୁ ଆକର୍ଷଣ କରିପାରେ ନାହିଁ । ଏହା ସାଧକକୁ ମୁକ୍ତିର ଦ୍ୱାର ଦେଶରେ ନେଇ ପହଞ୍ଚାଇ ଦେଇଥାଏ । ପ୍ରାଥମିକ ସ୍ତରରେ ସାଧକମାନଙ୍କ ନିମନ୍ତେ ଏହି ମୋହ ଅତ୍ୟନ୍ତ ଉପଯୋଗୀ ଅଟେ ।

### ଶିଷ୍ୟ ଉବାଚ:

''କେଉଁଠି ଏହା କେନ୍ଦ୍ର ସ୍ଥଳ । କେସନ ଏତେ ମହାବଳ ॥
ଭୋ ଦେବ ! ବୁଝାଇ କହିବ । ମନ ମୋହର ତୋଷ ହେବ ॥''

ଶିଷ୍ୟ ଶ୍ରୀଗୁରୁସ୍ୱାମୀଙ୍କ ଚରଣପଙ୍କଜରେ ବିନତି ପ୍ରାର୍ଥନା କରି ବିକ୍ଷରିତ ଅଂଶ ମୋହର କେନ୍ଦ୍ରସ୍ଥଳ, ଉତ୍ପତ୍ତିସ୍ଥଳ ଇତ୍ୟାଦି ସଂପର୍କରେ ଅଧିକ କିଛି ତଥ୍ୟ ଓ ତତ୍ତ୍ୱ ଜାଣିବା ପାଇଁ ପ୍ରାର୍ଥନା କରନ୍ତେ, ଶ୍ରୀଗୁରୁଦେବ ସନ୍ତୁଷ୍ଟ ହୋଇ କହିଲେ-

### ଶ୍ରୀକେଶଚନ୍ଦ୍ର ଉବାଚ :

''ଶକ୍ତିଶୂନ୍ୟ ଯାନିକ କେନ୍ଦ୍ର । ଏହାର ସ୍ଥଳ, ଶୁଣ ଚନ୍ଦ୍ର ॥
ବୃହସ୍ପତି ମଙ୍ଗଳ ବେନି । ଦ୍ୱିଜା ଓ ଉତ୍ତରା ଫାଲ୍‌ଗୁନି ॥
ସଙ୍ଗମ ସ୍ଥଳରୁ ଏ ମୋହ । ସୃଷ୍ଟି ପ୍ରାକୃତିକ ଉପାୟ ॥
ଏମନ୍ତ ଜନ୍ମ ଚକ୍ର ଧରି । ଭୂମିଷ୍ଠ ଯେଉଁ ନରନାରୀ ॥
ଏ ମୋହ ଆକର୍ଷେ ତାହାରେ । ପଡ଼ନ୍ତି ସେହୁ ଏ ମୋହରେ ॥''

ବିକ୍ଷରିତ ଅଂଶ ମୋହ ଶକ୍ତିଶୂନ୍ୟ ଯାନିକ କେନ୍ଦ୍ରରୁ ସୃଷ୍ଟିହୁଏ । ମଙ୍ଗଳ ଓ ବୃହସ୍ପତି ଏହି କେନ୍ଦ୍ରର ଅଧିପତି ଅଟନ୍ତି । ଦ୍ୱିଜା ଓ ଉତ୍ତରାଫାଲ୍‌ଗୁନି ନକ୍ଷତ୍ର ଦ୍ୱୟ ଚନ୍ଦ୍ରର ଭୋଗ ସମୟରେ ମଙ୍ଗଳ ଓ ବୃହସ୍ପତି ଗ୍ରହଦ୍ୱୟର ଏକତ୍ରିକରଣ

ହେଲେ ପ୍ରାକୃତିକ ଉପାୟରେ ଏହି ମୋହର ସୃଷ୍ଟି ହୁଏ । ଏହି ପ୍ରକାର ଜନ୍ମଚକ୍ର ଧରି ଭୂମିଷ୍ଠ ହୋଇଥିବା ବ୍ୟକ୍ତିମାନେ ଏହି ମୋହର ଆକର୍ଷଣରେ ପଡ଼ିଥାଆନ୍ତି । ତେଣୁ, ଏହା ବିଧି ନିର୍ଦ୍ଦିଷ୍ଟ ଏବଂ ବିଶ୍ୱବିଧାତାଙ୍କର ଲୀଳା ବୋଲି ଗ୍ରହଣ କରାଯାଇପାରେ । ଜନ୍ମ ଅବଧି ମାତୃଗର୍ଭରେ ଥାଇ ଭ୍ରୂଣ ପରିପକ୍ୱ ହେବାପରେ ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ଭୂମିଷ୍ଠ ହୁଏ । ଏହି ଭୂମିଷ୍ଠ ମୁହୂର୍ତ୍ତର ଗ୍ରହନକ୍ଷତ୍ରର ଅବସ୍ଥିତି ଅନୁସାରେ ଶିଶୁ ତା'ର ମୃତ୍ୟୁ ଅବଧି ନାନାଦି ଅବସ୍ଥା ଚକ୍ର ମଧ୍ୟରେ କାଳାତିପାତ କରେ । ବିକ୍ଷରିତ ଅଂଶ ମୋହ ସୃଷ୍ଟି କେନ୍ଦ୍ର ସହିତ ମଙ୍ଗଳ ଓ ବୃହସ୍ପତି ଗ୍ରହଦ୍ୱୟ ଏବଂ ଦ୍ୱିଜା/ଉତ୍ତରା ଫାଲ୍‌ଗୁନି କ୍ଷେତ୍ରଦ୍ୱୟର ସଂଯୋଗ ମୁହୂର୍ତ୍ତରେ ଶିଶୁ ଭୂମିଷ୍ଠ ହେଲେ, ଏହି ମୋହର ଆକର୍ଷଣରେ ପ୍ରାକୃତିକ ଉପାୟରେ ଅବଶ୍ୟ ପଡ଼ିଥାଏ ।

ଯୁଗେ ଯୁଗେ ବହୁବ୍ୟକ୍ତି/ଜୀବ ବିକ୍ଷରିତ ଅଂଶ ମୋହରେ ପଡ଼ି ସାଧନା ପଥରେ ଶ୍ରୀଗୁରୁଙ୍କର ଉପଦେଶ ମତେ କଠୋର ନିଷ୍ଠା ଓ ତ୍ୟାଗର ସହିତ କର୍ମଯୋଗ ଅଭ୍ୟାସରେ ଲିପ୍ତ ଥିବାର ପରିଲକ୍ଷିତ ହୋଇଅଛି । ଏ ସଂପର୍କରେ ପରମପ୍ରେମମୟ ଠାକୁର ଯୁଗାନୁପାତିକ ଦୃଷ୍ଟାନ୍ତମାନ ବର୍ଣ୍ଣନା କରି ବିକ୍ଷରିତ ଅଂଶ ମୋହକୁ ସରଳ କରି ଦେଇଛନ୍ତି । ତନ୍ମଧ୍ୟରୁ କେତୋଟି ନିମ୍ନରେ ପଞ୍ଜୀକୃତ କରାଯାଉଅଛି ।

ସତ୍ୟଯୁଗରେ ପ୍ରଶ୍ୱସ୍ତିନାମରେ ଜଣେ ସନ୍ନ୍ୟାସୀ ଥିଲେ । ସେ ମଧ୍ୟ କେତେକ ଶିଷ୍ୟ ଗ୍ରହଣ କରି ସେମାନଙ୍କୁ ଉପଯୁକ୍ତ ଶିକ୍ଷାଦେଇ ସନ୍ନ୍ୟାସ ଧର୍ମରେ ଦୀକ୍ଷିତ କରିଥିଲେ । କାଳର କୁଟିଳ ଗତି । ଏହି ଗତିପଥରୁ କିଏ ବା ବର୍ତ୍ତିପାରେ । କାଳକ୍ରମେ ପ୍ରଶ୍ୱସ୍ତି ଦେହ ରକ୍ଷାକଲେ । ଏ ଉତ୍ତାରୁ ତାଙ୍କର କତିପୟ ଶିଷ୍ୟ ସନ୍ନ୍ୟାସଧର୍ମ ପରିତ୍ୟାଗ କରି ଗାର୍ହସ୍ଥାଶ୍ରମରେ ପୁତ୍ରକଳତ୍ର ଧରି ବସବାସ କରି ଜୀବନ ଅତିବାହିତ କଲେ । ସେମାନଙ୍କର ଦେଖାଶିଖାରେ ଅନ୍ୟମାନେ ମଧ୍ୟ ସେହି ପଥର ଅନୁଗାମୀ ହୋଇ ସନ୍ନ୍ୟାସୀ ଧର୍ମ ତ୍ୟାଗ କରି ସଂସାରୀ ହେଲେ । ପ୍ରଶ୍ୱସ୍ତିଙ୍କ ଶିଷ୍ୟମାନଙ୍କ ମଧ୍ୟରେ ଶ୍ରାବସ୍ତୀ ନାମଧାରୀ ଜଣେ ଶିଷ୍ୟ ସନ୍ନ୍ୟାସ ଧର୍ମରେ ଅବିଚଳିତ ଭାବରେ ରହି ଶ୍ରୀ ଗୁରୁଦତ୍ତ ଉପଦେଶ ଅନୁସାରେ କଠୋର ନିଷ୍ଠା ଓ ତ୍ୟାଗର ସହିତ ସାଧନାପଥରେ ରହିଗଲେ । ଅନ୍ୟମାନେ ତାଙ୍କୁ, ଏ ସାଧନାର ଫଳ ସମ୍ପର୍କରେ ପ୍ରଶ୍ନମାନ ପଚାରି ସନ୍ନ୍ୟାସ ଧର୍ମମାର୍ଗରୁ ତାକୁ ବିଚ୍ୟୁତ କରିବାପାଇଁ ବହୁଚେଷ୍ଟା କଲେ । ମାତ୍ର ଶ୍ରୀବସ୍ତୀ ତାଙ୍କର ସାଧନାମାର୍ଗରୁ ବିଚ୍ୟୁତ ନହୋଇ ଅବିଚଳିତ ଅବସ୍ଥାରେ ସ୍ଥିର ଚିତ୍ତରେ ଗୁରୁ ପ୍ରଶ୍ୱସ୍ତିଙ୍କର ଶିକ୍ଷା ଓ ଦୀକ୍ଷାକୁ କଠୋର ଭାବରେ ପାଳନ କରିଚାଲିଲେ । ବିକ୍ଷରିତ ଅଂଶ ମୋହ ପାଶରେ ଶ୍ରୀବସ୍ତୀ ପଡ଼ିଥିଲେ । ଜନ୍ମ ମୁହୂର୍ତ୍ତର ଗ୍ରହନକ୍ଷତ୍ର ପ୍ରଭାବହେତୁ ଏହି ମୋହ ଏତାଦୃଶ ଭାବାବସ୍ଥା ପ୍ରାଣୀଠାରେ ବିଧିବଦ୍ଧ ଭାବରେ ସୃଷ୍ଟି କରିଥାଏ ।

ତ୍ରେତାଯୁଗର ମଧ୍ୟବର୍ତ୍ତୀ ସମୟରେ ଗଙ୍ଗାନଦୀ କୂଳରେ ଏକ ସୁରମ୍ୟ ପଲାଶବନରେ ପ୍ରଚେତା ନାମକ ଜଣେ ତପସ୍ୱୀ ଛୋଟ ଆଶ୍ରମଟିଏ କରି କେତେକ ଶିଷ୍ୟଙ୍କ ଗହଣରେ ବାସ କରୁଥିଲେ । ତପସ୍ୱୀ ପ୍ରଚେତା ଦିବାରାତ୍ର ଅଧିକାଂଶ ସମୟ ସମାଧିଯୋଗରେ ଅତିବାହିତ କରୁଥିଲେ । ନିଜସ୍ୱ ତପଶ୍ଚରଣ ମଧ୍ୟରେ ସେ ପ୍ରତ୍ୟହ ସକାଳେ ଓ ସଂଧ୍ୟାରେ ନିୟମିତ ଭାବରେ ଆଶ୍ରମବାସୀ ଶିଷ୍ୟମାନଙ୍କୁ ଯୋଗଶିକ୍ଷା ଦେଉଥିଲେ । ଆଶ୍ରମର ଶିଷ୍ୟମାନଙ୍କ ମଧ୍ୟରୁ ଅନେକେ ପ୍ରଚେତାଙ୍କର ଅଜ୍ଞାତସାରରେ ଲବ୍ଧଶିକ୍ଷା ପ୍ରତି ଦୃଢ଼ ବିଶ୍ୱାସ ଓ ଆସ୍ଥା ସ୍ଥାପନ କରିପାରୁନଥିଲେ । ସେମାନେ ପରସ୍ପର ମଧ୍ୟରେ ଆପଣା ଆପଣାର ଅନ୍ତଃସ୍ଥଳରେ ଅବିଶ୍ୱାସ ଓ ଅନାସ୍ଥା ଭାବରେ ଆଲୋଚନା କରି ଯୋଗସାଧନାରେ ନାନାଦି ଅବହେଳା କରୁଥିଲେ । ଆଶ୍ରମ ଅନ୍ତେବାସୀ ମାତ୍ର ସାତଜଣ ଶିଷ୍ୟ ପ୍ରଚେତାଙ୍କର ଦୀକ୍ଷା ଓ ଶିକ୍ଷାରେ ଦୃଢ଼ ବିଶ୍ୱାସ ସ୍ଥାପନ କରି ଗୁରୁପ୍ରଦତ୍ତ ଉପଦେଶ ଅନୁଯାୟୀ ଯୋଗାଭ୍ୟାସ କରୁଥିଲେ । ସେହି ସାତଜଣଙ୍କର ନିଷ୍ଠା ଓ ଆନ୍ତରିକତା ପୂର୍ଣ୍ଣ ଯୋଗାଭ୍ୟାସ ଲକ୍ଷ୍ୟ କରି ଅନ୍ୟଶିଷ୍ୟମାନେ ସେମାନଙ୍କୁ ସେମାନଙ୍କର ନିଜସ୍ୱ ଉପଲବ୍ଧି ସଂପର୍କରେ ନାନା ପ୍ରଶ୍ନ ପଚାରି ସନ୍ତୋଷ ଜନକ ଉତ୍ତର ନପାଇ ବ୍ୟଙ୍ଗବିଦ୍ରୂପ କରିବାକୁ ଲାଗିଲେ ଓ ବାରମ୍ବାର ସେମାନଙ୍କୁ ଯୋଗପଥରୁ ଭ୍ରଷ୍ଟ କରିବାପାଇଁ ଚେଷ୍ଟା ଚଳାଇଲେ । ମାତ୍ର ଏହି ସାତଜଣ ନିଷ୍ଠାବାନ୍ ଶିଷ୍ୟ କ୍ଷରିତ ଜ୍ଞାନ ଲାଭ କରି ନଥିଲେ ମଧ୍ୟ ଯୋଗାଭ୍ୟାସରୁ ବିରତ ହେଲେ ନାହିଁ କିମ୍ବା

ଗୁରୁଙ୍କର ଉପଦେଶ ବହିଃର୍ଭୂତ କର୍ମରେ କଦାପି ଲିପ୍ତ ହେଲେ ନାହିଁ । ସେମାନେ ପୂର୍ବବତ୍ ନିଷ୍ଠା, ତ୍ୟାଗ, ଶ୍ରଦ୍ଧା, ଆନ୍ତରିକତାର ସହିତ କର୍ମଯୋଗ ଅଭ୍ୟାସ କରିଚାଲିଲେ । କ୍ରମେ ଏହା ତପସ୍ୱୀ ପ୍ରଚେତାଙ୍କର କର୍ଣ୍ଣଗୋଚର ହେଲା ଏବଂ ସେ ସମାଧି ଯୋଗାରୂଢ଼ ଅବସ୍ଥାରେ ଜାଣିବାକୁ ପାଇଲେ ଯେ, ତାଙ୍କର ସମସ୍ତ ଶିଷ୍ୟଙ୍କ ମଧ୍ୟରୁ ଏହି ସାତଜଣ ବିକ୍ଷରିତ ଅଂଶ ମୋହରୁ ନିଷ୍ଠାବାନ୍ ହୋଇ ପାରିଛନ୍ତି ।

ସେହିପରି ଦ୍ୱାପର ଯୁଗର ଦୃଷ୍ଟାନ୍ତଟିଏ । ନୈମିଷାରଣ୍ୟରେ ଶାକପର୍ଣ୍ଣୀ ବୋଲି ଜଣେ ଋଷି ଆଶ୍ରମଟିଏ ସ୍ଥାପନ କରି ଶିଷ୍ୟମାନଙ୍କ ସହିତ ପବିତ୍ର ସାତ୍ତ୍ୱିକ ଜୀବନ ଅତିବାହିତ କରୁଥିଲେ । ଋଷି ଶାକପର୍ଣ୍ଣୀ ଶିଷ୍ୟମାନଙ୍କୁ ବୈଦିକ ରୀତିରେ ଦୀକ୍ଷା ଓ ଶିକ୍ଷା ଦେଉଥିଲେ । ଶିଷ୍ୟମାନଙ୍କ ମଧ୍ୟରୁ ମାତ୍ର ଜଣକୁ ଛାଡ଼ି ଅନ୍ୟ ସମସ୍ତେ ଗୁରୁ ଶାକପର୍ଣ୍ଣୀଙ୍କର ଦୀକ୍ଷା ଓ ଶିକ୍ଷା ଗ୍ରହଣ କରିଥିଲେ ମଧ୍ୟ ଗୁରୁଙ୍କ ଉପରେ ଅତୁଟ ଅଟଳ ବିଶ୍ୱାସ ସ୍ଥାପନ କରିପାରୁନଥିଲେ । ବିଭିନ୍ନ ଘଟଣାରେ ସେମାନେ ଗୁରୁଙ୍କୁ ଏବଂ ଗୁରୁଙ୍କର ଦୀକ୍ଷା, ଶିକ୍ଷା ଓ ଉପଦେଶକୁ ସନ୍ଦେହ ପୂର୍ଣ୍ଣ ଦୃଷ୍ଟିରେ ଦେଖୁଥିଲେ ଓ ଅନ୍ତଃକରଣରେ ଅବିଶ୍ୱାସର ବୀଜବପନ କରି ଅନାସ୍ଥା ଭାବ ପୋଷଣ କରୁଥିଲେ । ଋଷି ଶାକପର୍ଣ୍ଣୀ ପ୍ରତ୍ୟହ ବ୍ରାହ୍ମ ମୁହୂର୍ତ୍ତରେ ଯଜ୍ଞାଦିକର୍ମ ସମାପାନ୍ତେ ତପଶ୍ଚର୍ଯ୍ୟା କରୁଥିଲେ ଓ ତଦନନ୍ତରେ ଶିଷ୍ୟମାନଙ୍କୁ ବୈଦିକ ଶିକ୍ଷାଦାନ କରି ସାରିବା ପରେ ଆଶ୍ରମାଗତ ଅତିଥି ଅଭ୍ୟାଗତଙ୍କ ସହିତ ଅଧ୍ୟାତ୍ମଜ୍ଞାନ ବିଷୟକ ଆଲୋଚନାରେ ଲିପ୍ତ ରହୁଥିଲେ । ଦିନେ ଆଶ୍ରମକୁ ଆସିଥିବା ଜଣେ ନିରାଲମ୍ବୀଯୋଗୀ ଋଷିଶାକପର୍ଣ୍ଣୀଙ୍କୁ ତାଙ୍କ ଶିଷ୍ୟମାନଙ୍କର ଅଧ୍ୟାତ୍ମଉନ୍ନୟନ ସଂପର୍କରେ ପ୍ରଶ୍ନକଲା ଉତ୍ତାରୁ ଋଷି ସ୍ପଷ୍ଟଭାବରେ ପ୍ରକାଶ କଲେ : ମୋର ଏ ଜଗତରେ ଜଣେ ମାତ୍ର ଶିଷ୍ୟ ଏ ପର୍ଯ୍ୟନ୍ତ ଶିଷ୍ୟ ପଦବାଚ୍ୟ ହୋଇ ପାରିଛନ୍ତି । କାରଣ, ସେ ବହୁଦିନ ଧରି ନିଷ୍ଠା, ତ୍ୟାଗ, ଶ୍ରଦ୍ଧା ଓ ଦୃଢ଼ ବିଶ୍ୱାସର ସହିତ ଶିକ୍ଷା ଓ ଅଭ୍ୟାସ କର୍ମ ଅବ୍ୟାହତ ରଖିସୁଦ୍ଧା ବିଶେଷ ଉପଲବ୍ଧଜ୍ଞାନ ଲାଭ ନକଲେ ମଧ୍ୟ ମୋ ପ୍ରତି ବା ମୋ ପ୍ରଦତ୍ତ ଶିକ୍ଷା ଉପଦେଶ ପ୍ରତି ତିଳେ ମାତ୍ର ଅବିଶ୍ୱାସ ପୋଷଣ ନ କରି ଶିକ୍ଷାଦୀକ୍ଷା ପଥରେ ସ୍ଥିର ଓ ଅବିଚଳିତ ଅଛନ୍ତି । ଅନ୍ୟ ସମସ୍ତ ଶିଷ୍ୟ ବାହ୍ୟତଃ ଏକ ପ୍ରକାର ଆଚରଣ ଦେଖାଇ ଅନ୍ତରଙ୍ଗ ପ୍ରକୃତିରେ ଅସ୍ଥିର ଓ ବିଚଳିତ ଅଟନ୍ତି । ଏହାର କାରଣ ପୁଚ୍ଛନ୍ତେ, ଶାକପର୍ଣ୍ଣୀ ସଂକ୍ଷେପରେ ଉତ୍ତର ଦେଲେ ଜନ୍ମ ମୁହୂର୍ତ୍ତର ଗ୍ରହ ନକ୍ଷତ୍ରାଦିର ପ୍ରଭାବ ସ୍ପଷ୍ଟ ବିକ୍ଷରିତ ଅଂଶ ମୋହର ଏହାହିଁ ଏକମାତ୍ର କାରଣ ।

ଆମର ଏହି କଳିକାଳରେ ବିକ୍ଷରିତ ଅଂଶ ମୋହର ପ୍ରଭାବରୁ ଅନେକେ ଗୁରୁଦ୍ୱାରରୁ ଦୀକ୍ଷା, ଧାରା, ଅଭ୍ୟାସସୂତ୍ରର ସନ୍ଦେଶ ପଥ ଓ ସନ୍ଦେଶପତ୍ର ନେଇ ନିଷ୍ଠା, ବିଶ୍ୱାସ, ତ୍ୟାଗ ଓ ଆନ୍ତରିକତାର ସହିତ ଅଭ୍ୟାସ କର୍ମଧାରା ବହୁଦିନ ପାଇଁ ଅନୁସରଣ କରି କୌଣସି ଅନୁଭୂତି, ଉପଲବ୍ଧି ଓ ଦର୍ଶନ ନ ପାଇ ମଧ୍ୟ ଅଭ୍ୟାସ କର୍ମଧାରାରେ ଅବିଚଳିତ ଅବସ୍ଥାରେ ସାଧନା କରି ଚାଲିଛନ୍ତି । ବର୍ତ୍ତମାନ ଯୁଗର ବହୁଗୁରୁ/ସିଦ୍ଧପୁରୁଷଙ୍କର ଶିଷ୍ୟମଣ୍ଡଳୀରେ ବିକ୍ଷରିତ ଅଂଶ ମୋହ ପ୍ରଭାବଗ୍ରସ୍ତ ବହୁ ଶିଷ୍ୟ/ଶିଷ୍ୟା ଅବଶ୍ୟ ଅଛନ୍ତି । ଏଥିରେ ସନ୍ଦେହ ନାହିଁ । ମାତ୍ର ଏ କଥା ମଧ୍ୟ ସତ୍ୟ ଯେ ଏ ଯୁଗ ଆରମ୍ଭରୁ ଅଦ୍ୟାବଧି ବହୁ ଗୁରୁ ଓ ସିଦ୍ଧ ମହାପୁରୁଷଙ୍କୁ ଗ୍ରହଣ କରି ଦୀକ୍ଷା/ଶିକ୍ଷା/ଉପଦେଶ/ଆଦେଶ/ଆଜ୍ଞା/ଅନୁଜ୍ଞା ଆଦି ଗ୍ରହଣ କରିଥିବା ଓ କରୁଥିବା ବହୁ ଶିଷ୍ୟଶିଷ୍ୟା ଗୁରୁ ପ୍ରଦତ୍ତ ଦୀକ୍ଷା/ମନ୍ତ୍ର/ଶିକ୍ଷା/ଉପଦେଶ/ଆଦେଶ/ଆଜ୍ଞା/ଅନୁଜ୍ଞା ଆଦି ଗ୍ରହଣ କରି ଅଳ୍ପ କେତୋଟି ଦିନ ଅଭ୍ୟାସ କରି ହଠାତ୍ ଫଳ ଆଶାୟୀ ହୋଇ ତାହା ନପାଇ ବିଫଳ ମନୋରଥ/ଭଗ୍ନହୃଦୟ/ହତାଶହୋଇ କର୍ମଯୋଗ ଓ ଅଭ୍ୟାସସୂତ୍ରକୁ ସର୍ବାଦୌ ବର୍ଜନ ଓ ତ୍ୟାଗ କରିଦେଉଛନ୍ତି । ଏହାର ଏକମାତ୍ର କାରଣ, ସେମାନେ ବିକ୍ଷରିତ ଅଂଶ ମୋହର ବଳୟ ମଧ୍ୟକୁ ପ୍ରବେଶ କରିପାରିନାହାନ୍ତି ବା କରିପାରୁନାହାନ୍ତି । ଜନ୍ମ ମୁହୂର୍ତ୍ତର ଗ୍ରହ ଓ ନକ୍ଷତ୍ରାଦି ପ୍ରଭାବରୁ ଜୀବର କର୍ମ/କର୍ମଫଳାଦି ନିୟନ୍ତ୍ରିତ ହୋଇଥାଏ । ତଥାପି, ଗୁରୁଗ୍ରହଣ କରି ଶ୍ରୀଗୁରୁଙ୍କ ପାଦପଦ୍ମରେ ଅଚଳ ଅଟଳ ଭକ୍ତି, ନିଷ୍ଠା, ଶ୍ରଦ୍ଧା ଓ ବିଶ୍ୱାସ ସ୍ଥାପନ କରି ଧାରା ଧରି ନିତ୍ୟ ଅଭ୍ୟାସ କର୍ମଯୋଗ ଧାରାରେ ସ୍ଥିର ଓ ଅବିଚଳିତ ରହିଲେ ପର୍ଯ୍ୟାୟ ଭୋଗରେ ଶ୍ରୀଗୁରୁଙ୍କର କରୁଣାକଲ୍ୟାଣ ଲାଭ କରିବା ନିଶ୍ଚିତ ଭାବରେ ସମ୍ଭବ । ଏହା ଉପରେ ବିଶ୍ୱାସ ଓ ଆସ୍ଥା ସ୍ଥାପନ କରିବା ଶିଷ୍ୟ/ଶିଷ୍ୟାମାନଙ୍କର ଏକାନ୍ତ କର୍ତ୍ତବ୍ୟ କର୍ମ ଅଟେ ।

***

# ଚରମାର୍ଥ ହିଁ ପରମାର୍ଥ

(୨)

*'ଚରମପୁରୁଷ'ଙ୍କର ସଂଜ୍ଞା ନିରୂପଣ କରିବା ସୃଷ୍ଟି ଆରମ୍ଭରୁ ଆଜିଯାଏ ସମ୍ଭବ ହୋଇ ପାରିନାହିଁ । ଯୁଗାନୁବାଦରେ ଭକ୍ତର କଳ୍ପନା ଓ ଅଭିଳାଷର ସାକାର ରୂପ ନେଇ ସେ ଧରାପୃଷ୍ଠରେ ଅବତରଣ କରି ଆସୁଛନ୍ତି, ଆସିଛନ୍ତି ଓ ଆସିବେ । ଯୋଗୀ, ମୁନି, ଋଷି, ଜ୍ଞାନୀ, ଭକ୍ତ, ସାଧୁ, ସନ୍ଥ ସମସ୍ତେ ତାଙ୍କୁ ନିଜ ନିଜର ସାଧନ ସ୍ତର ଅନୁସରଣରେ ଚିତ୍ରିତ କରିଛନ୍ତି । ସେହି କ୍ରମରେ ଆଉ ଜଣେ ସନ୍ଥ ବିକ୍ରମାଦିତ୍ୟଙ୍କ ଦୃଷ୍ଟିରେ 'ଚରମ, ଚରମପୁରୁଷ'ଙ୍କ ସଂଜ୍ଞା ଗତସଂଖ୍ୟାଠାରୁ ଏହି ସ୍ତମ୍ଭରେ ପ୍ରକାଶିତ ହେଉଅଛି । ଏ ସଂଖ୍ୟାରେ ପ୍ରବନ୍ଧଟିର ଦ୍ୱିତୀୟ ପର୍ଯ୍ୟାୟ....*

ଯାବତୀୟ ଅ କାର ବିଶେଷଣେ ଯାହାଙ୍କ ନାମ ଲୀଳା ବିଶେଷିତ, ତାହା ପୁଣି ସର୍ବ ବିରହିତ, ସଂଭୋଗ ରହିତ । ସଗୁଣତାକୁ ନେଇ ଏଇଠି ଅଭାବରେ ଗୁଣବନ୍ତ ଅବ୍ୟୟଚେତା ହୁଅନ୍ତି । ଏଣୁ, ସେ ସାକ୍ଷାତ ମହାପୁରୁଷ, ମଥୁରା କଟକ ଯାତ୍ରୀ । ସେ ଧାରା ଦେଖାଇଥାନ୍ତି, କିନ୍ତୁ ଧରା ପଡ଼ି ନଥାନ୍ତି । ସେ ସ୍ୱୟଂମ୍ଭୁ, ପୁଣି ନନ୍ଦନନ୍ଦନ । ନନ୍ଦ ତାହାଙ୍କୁ ଜନ୍ମ ନ ଦିଅନ୍ତୁ ପଛକେ, ପାଳିବା ଦୃଷ୍ଟେ, ଉପପଦ ବହିତେ ତାହାଙ୍କ ପିତା, କରତା । ତେଣୁ ଏ ପୁଅଟି କିଏ ? ସ୍ୱୀୟ ନାମ କେଶବ କାହିଁକି ନିର୍ବାଚନ କଲେ – ଏକଥା ସଠିକ୍ ଉତ୍ତର ନନ୍ଦ ମହାଶୟ ଦେଇ ଦେବାରେ ଦ୍ୱିଧା ରହିବ କାହିଁକି ?

'ବନ୍ଦେ ମହାପୁରୁଷତେ ଚରଣାର ବିନ୍ଦମ୍ ॥'

ଅଥୟେ ଜୀବବୋଧ ସହଜ ବ୍ୟାପାର ନୁହେଁ । ତତ୍ତ୍ୱରେ ଢାଳି ପକାଇ ଅବତାରେ ଚଳପ୍ରଚଳ ବାସ୍ତବିକ ତରୋଳେ କଷ୍ଟସାଧ୍ୟ । ତାହା ଯେ, କାଁ ଭାଁ ଗୋଟିଏ ଦୁଇଟିରେ ନୁହେଁ; ସଚରାଚର ଜଗତରେ ସମସ୍ତଙ୍କୁ ନେଇ, ଆଉ ପୁଣି ଇହକାଳ ଓ ତହିଁ ପୂର୍ବାପର ତ୍ରିକାଳକୁ ଭେଦ କରି, ସବୁ କ୍ରୀୟାକୁ ଲକ୍ଷ୍ୟରେ ରଖି କର୍ମ-ସ୍ମୃତି-ଶ୍ରଦ୍ଧା-ପ୍ରୀତି ସାଧନମତେ ଭାବପ୍ରଦାନ ସାମ୍ୟର୍ଥକୁ ଧରି ସେ ଶୁପ୍ତ ବା ବିଶ୍ରାମରତ ପ୍ରାୟ ବୁଝା ପଡ଼ିଲେ ବି ତାହା ମଧ୍ୟ ନୁହଁନ୍ତି । ତେଣୁ ତଦ୍‌ବତ ପ୍ରକାଶରେ ବାହାଦୂରୀ ବା' ଜଣ ଅଛି – ଯାହା ତହିଁକି କେଶବ ନାମ ପଶ୍ଚାତ ମୂଳ ଭାବନା ଏବଂ ଯେ ପାଇଁ ଶାସ୍ତ୍ର ପ୍ରଚଳିତ ଶେଷୋକ୍ତି ହେଲା –

'ସର୍ବଦେବ ନମସ୍କାରଃ କେଶବଂ ପ୍ରତିଗଚ୍ଛତି'

ରାଇଜଯାକ ହେଲା ଷଣ୍ଢର । କିନ୍ତୁ ଷଣ୍ଢ ବୁଦାମୂଳେ ପଡ଼ି ମରିବା କାନନ ବନଗହନେ ବିଲକ୍ଷଣ ସିଦ୍ଧ । ତାର ତ ଘର ଘାଟ ନାହିଁ । ସେ ଅପୁଆ ଘରେ ପୁଅ, ପର ଘରେ ମଙ୍ଗଳବାର କରେ ନନ୍ଦବସାରେ ବଢ଼ିଥାଏ । ତେଣୁ, ମାଟିଘଟେ ତାହାଙ୍କୁ ଗୋଟାଇବା ନ୍ୟାୟରେ ଆବାହନ କରାହୁଏ । ଅତଏବ୍ ଘଟ ହେଉଛନ୍ତି ତାହାଙ୍କ ବାହନ । ସପ୍ତ ପଞ୍ଚାମ୍ନିକ ତତ୍ତ୍ୱାର୍ଥେ ଏଇ ଘଟରେ ସପ୍ତ ସମୁଦ୍ର, ସାତ କିସମରେ ରସ ରସାୟନ । ବ୍ୟଞ୍ଜନାରେ ତ, ତଦ୍ ମହିମାବନ୍ତ କୃଷ୍ଣ ହେଉଛନ୍ତି ବ୍ୟାସ ଦ୍ୱିପାୟନ କୃଷ୍ଣ ଏବଂ ବ୍ୟାସ ହେଉଛନ୍ତି କୃଷ୍ଣ ଦ୍ୱିପାୟନ ବ୍ୟାସ । ତାହାଙ୍କ ବର୍ଣ୍ଣିତ କଳା ବିଭୂତି ତ୍ରିକାଳା ବିହରୋଦ୍‌ଗମେ, ଭେଦ ନିର୍ଣ୍ଣିତେ ତଦ୍‌ପରା ବିଦିତେ ତଦୂର୍ଦ୍ଧ୍ୱ । ତହିଁ କି ମରମତଃ ଚରମାର୍ଥେ କେଶବ ସମ୍ବୋଧିତେ ସଗୁଣବନ୍ତ ଜଗନ୍ନାଥକୁ ଘେନି ପୁରୁଷୋତ୍ତମ ସ୍ୱୟଂ ପ୍ରକାଶ, ବିଶ୍ୱବ୍ୟାପକ ।

କରାଗ୍ରେ ବସତେ ଲକ୍ଷ୍ମୀ
କରମଧ୍ୟେ ସରସ୍ୱତୀ
କରମୂଳେ ତୁ କେଶବଃ
ପ୍ରଭାତେ/ପ୍ରଦୋଷେ କରଦର୍ଶନମ୍ ॥

--ଯେଉଁଠି ମୂଳଥାଇ ଅଗ ନଥିବ, ତାହା ପୁଣି କିଭଳି କଥା ? ମାଟିତଳେ ହୃଷ୍ଟପୁଷ୍ଟ 'ମାଟିଆଳୁ' ଟିଏ ଭଳି । ତା ନାମ କହେ ଅବା, ତହିଁକି ସେ ତତ୍ପରା, ମାତ୍ର କାମରେ କାହିଁ କେଉଁଠି ଅଛି । 'ଶ୍ରୀକ୍ଷେତ୍ର' ରତିଗତିବଦ୍ଧ ଏଇଠି 'ସ୍ୱର୍ଣ୍ଣକ୍ଷେତ୍ରପତି' ବିନ୍ୟାସ ନିହାତି ଜରୁରୀ । 'ସାର୍ବଭୌମ'ରେ-ଷଡ଼ଭୁଜ ଦର୍ଶନ ଭଳି ଏହାଙ୍କ ସ୍ତ୍ରୀ ବିହୀନତା-ଦେଖାପଡ଼ିବା ସ୍ୱତନ୍ତ୍ର ଲୀଳା ବିଶେଷ-ତେବେ ପରମେଶ୍ୱରଙ୍କ ଚତୁଃପାର୍ଶ୍ୱରେ ପ୍ରବହମାନା ଶକ୍ତି ପରଂପରାକୁ ଏହା କିପରି ବା ଅବଜ୍ଞା କରିବ ? ଯେ' ପାଇଁ କୁହାଯାଇଛି -

'ଏକୈବ ଶକ୍ତିଃ ପରମେଶ୍ୱରସ୍ୟ

ଚତୁଃ ବିଭକ୍ତା ବ୍ୟବହାର କାଳେ

ଭୋଗେ ଭବାନୀ ରଣେ ଚ ଲକ୍ଷ୍ମୀ

କୋପେ ଚ ଦୁର୍ଗା ପ୍ରଳୟେ ଚ କାଳୀ ॥''

ରାବଣ ନେଇଯିବାପର ସହସା ବନବାସୀ ବଢ଼ ହୁଏତ ଏହାଙ୍କ ପ୍ରକଟ, ତାହା ମଧ୍ୟ ଅବିଦିତ । ଈଶ୍ୱର ତାହାଙ୍କ ବାହକ । ଏଠାରେ କେଶବତ ଏଇଭଳି । 'ରଣଲକ୍ଷ୍ମୀ' କେଉଁଠି ? – ତାହା କିଏ କହିବ ? କଳି କଳୁଷରୀତି କି ସେ ସର୍ବଦା ରଣ ତତ୍ପର ଗୁପତେ ଯୋଜନା ରତ । ତହିଁ କି ଜାୟା ବିରହିତେ ସେପରି ରସୋତ୍ତୀର୍ଣ୍ଣ ବୋଧହୁଅନ୍ତି ନାହିଁ, ଥିରିଥିରି ମାଛି ନ ମଲାଭଳି କଥା କହନ୍ତି, ଆକୁ-ତାକୁ କାହିଁ କେଜାଣି କେମିତି ଯୋଡ଼ିଦେଇ ଝାଡ଼ିଝୁଡ଼ି ହୋଇ ଚକାପାରି ବସନ୍ତି । ସଂଘୀୟ କେନ୍ଦ୍ରବିନ୍ଦୁ ତାହାଙ୍କ ନାମକୁ ନେଇ, ମାତ୍ର କାମରେ କଦବା କିପରି ଯାଙ୍କର ସ୍ୱୟଂ ଉପସ୍ଥିତ କାଳ ତରଙ୍ଗ ସମ୍ମତ ଶୃଙ୍ଖଳା ବିଚ୍ୟୁତ ବିଧି ରତା ପ୍ରାୟ ବୁଝା ପଡ଼ଇ । ବୋଧାଦରତାକୁ ଚାହିଁ କାହାସାଥେ କାହାଁଠି, କେଉଁ କଥା କେଉଁଠି ଖାପ୍ ଖାଏ ନାହିଁ ।

ହରିଜନାର୍ଥ ଜଗନ୍ନାଥ ପ୍ରତିପାଦନତା ଆପଣାଇଁ ପ୍ରାଣ ଶୀରୋମଣି ଯେନାଁମଣି କେଶବ ଗଣତନ୍ତ୍ରେ ଅନେକେ ହାତୀବନ୍ତ, ବାରଣେ ବାରେଣୀରତା । କିନ୍ତୁ ସୁନ୍ଦର ଶ୍ୱେତହସ୍ତୀଟିକୁ ଖୋଜି ନ ପାଇବା ପୁଣି ଦୋଚାରେଣି ଭାବତଃ ଓଢ଼ଣୀ ଆଢୁଆଳେ କାହିଁ କେଜାଣି ଆଚ୍ଛାଦନ ବିଭ । ଏଣୁ ଯାହାବି ହେଉ, ତାହାଙ୍କ ଠାରେ ସେଇଠି ସମସ୍ତେ ସବୁକିଛି ଜାଣିଜାଣି ହାରି-ଗୁହାରୀ କରି ବସନ୍ତି । ଏ ମଧ୍ୟ ଅପୂର୍ବଲୀଳା । ଏଥିରେ ଯଦି ଦ୍ୱନ୍ଦ୍ୱ ଭରିଥିବ, ତାହାମଧ୍ୟ ଅପୂର୍ବ । କାରଣ, 'ମଧ୍ୟମପାଣ୍ଡବ' – ଯୁଗପୁରୁଷଙ୍କ ସହ ଭାବରେ ମାଧ୍ୟମ ହୋଇସୁଦ୍ଧା ବିଶ୍ୱରୂପ ଦର୍ଶନର ପୁରୋଭାଗରେ ସତ୍ୟତଃ ତାହାଙ୍କୁ ଜାଣିପାରି ନାହାଁନ୍ତି ॥ 'ଅର୍ଜନସିଦ୍ଧ' ଅର୍ଜୁନ ନହୋଇ ପାର୍ଥୀବ ଜଗତ ଫର୍ଦ୍ଦରେ ଥାଇ ପାର୍ଥ ପଦବୀକୁ ଜାବୋଡ଼ି ଧରିଛନ୍ତି । 'ଧୃତରାଷ୍ଟ୍ର'ଙ୍କୁ ରାଷ୍ଟ୍ର ଧରାଇ ଦିଆଯାଇଛି । କିନ୍ତୁ ସେ ଅନ୍ଧ । କୃଷ୍ଣ ମୁଖ ନିସୃତ ବାଣୀ 'ଅମୃତଗୀତା'ରେ ପରିଣତ ହେବା ସ୍ଥଳେ ଏହାଙ୍କ ସ୍ୱହସ୍ତଲିଖିତ ଉକ୍ତିକୁ ଉପେକ୍ଷା କରାଯାଉଅଛି । ତେବେ ଯେଉଁଠି କେଶବ ଇଚ୍ଛା ବିହୁନେ କୁଶ କଅଁଳେ ନାହିଁ, ପୁଣି, ସେ ବଗାର ବାଲିଆରେ କିଏ ବା କଣ କରିବ ?

ଅକଳ୍ପିତ, ଅପଲକ, ଶ୍ରୀକ୍ଷେତ୍ରପତି, ଚକାଡ଼ୋଳା, ନୀଳାଦ୍ରିଶ ଯହିଁ କି ସଦାଜାଗ୍ରତ, ପ୍ରତ୍ୟକ୍ଷେ ଗୋଚରିଭୁତ ମାଦଳ, ଲକ୍ଷ୍ମୀବିରହିତା, ରତ୍ନାସନା, ଭଗିନୀ ସୁଭଦ୍ରାଯୁକ୍ତେ ଲୀଳା ମାନ୍ୟତାରତ, ତଦବଦ୍ଧ ଧାରା ପ୍ରାପତେ ପରିକଳ୍ପନୀୟ କ୍ଷୀରୋଦ ପ୍ରଭୁ ସମ୍ମତା ବିଷ୍ଣୁ ବିଭାବରା କେଶବ ଭବ୍ୟତାଭାରେ ପ୍ରତିଗରୁତା ବଦନିତେ ଜଗନ୍ନାଥ ସଂପୃକ୍ତ ବ୍ୟାପକତାକୁ ଭେଦି ନ୍ୟୁନତାବଧାନେ ସାବଧାନତା ସହକାରେ ଭକ୍ତିରତି ଦୋହନ ଅବଲମ୍ବନୀୟ । ସବୁ ହିଁ ଚତୁର ଚଉରତାପୂର୍ଣ୍ଣ କୃଷ୍ଣ କେଶବର କୃତୀ । ମରତେ 'ମୁଁ' ରେ 'ତୁ' ଓ 'ସେ' କୁ ହଳହଳ କରି ସଂସାରେ ଜଞ୍ଜାଳ ଧରାଇ ଭରାଇ ଯେଣୁ ସ୍ୱୟଂ ବୀଜେ କରା ନୀରବ ନିଶ୍ଚଳ, ତେଣୁ ମାୟାଧରା ଭାବୋର୍ଦ୍ଧ୍ୱ ଏସନ ସନ୍ନିବେଶରେ ହିଁ ତାଙ୍କ ଶୋଇବା ସିଦ୍ଧାନ୍ତ ବୁଝାପଡ଼ଇ ତେବେ ଅବା, ଏଥିରୁ ବର୍ରି ନଯିବା ଭୟରେ ନିଭୃତ କୋଠରୀରେ ଅନ୍ଧକାର ଗହରେ, ନିଗମ ଗୁହାରେ । ସ୍ତ୍ରୀ ବିହୀନା ହେଲେ ସେ ପାଦମଞ୍ଜାଳନ କରିବ ପୁଣି କିଏ ? ପାଦ ତ ରହିଛି । ସାପଦରତା ଭକ୍ତ-ଭଗବାନ ବୁଝାମଣାରେ ତହିଁ କି ଭରା ବିସ୍ମୟ । ଏଇଠି ଅପଦେ ଅତୁଆ ।

ନିଗମତଃ ସୂକ୍ଷ୍ମରେ ଚନ୍ଦ୍ରକଳାକୁ ଲଭି କୃଷ୍ଣଚନ୍ଦ୍ର କେଶବଚନ୍ଦ୍ର । ବର୍ଣ୍ଣଶଙ୍କର ଯୁଗୀୟ ଠାକୁରେ ଶଙ୍କର ତତ୍ତ୍ୱାନୀତେ ଶୁଦ୍ଧବର୍ଣ୍ଣ । କଳିଗୁମରକୁ ଧରି ଗୋ ବୁଦ୍ଧି କି ବିତାଉ ବିତାଉ ଭକ୍ତି କଳ କଉଶଳେ ତହିଁର ମତିରତା

ମ ପ୍ରାରବଧ୍ ସ୍ଥିତିରେ ଆଜି ଯଦୁବଂଶୀୟ କେହି ତନାମେ ତାହାଙ୍କୁ ପୁତ୍ରମତେ ପ୍ରାପ୍ତ ହୋଇଛନ୍ତି । ମରମତଃ 'ଚରମ' ହେଉଛନ୍ତି ଜୀବ-ପରମର ଏହି ସହଭାବୋଦ୍‌ପନ୍ନ ସିଦ୍ଧିକଥା । ତଦୁପରି କେଶବ ହୁଏତ ବ୍ରହ୍ମବଂଶୀ, ହେଲେ, ବୁଝାପଡ଼ିବାକୁ ପାଣ ପାଳିତ । ମାତ୍ର, ସାକାର ବିଗ୍ରହେ ଖୋଦେଇ ଶ୍ରୀବସ୍ ଲାଞ୍ଛନ, ଭୋକ ଭକ୍ତି ଅଭରଣୁଁ ପୁନଶ୍ଚ ହରୀଦ୍ରା ବରନେ ଭେକ ଆବରଣେ ଯହିଁରେ ହୀରଣ୍ୟ ପୁରୁଷ ସ୍ମାରକୀ । ତାହା ସେଇ ଓଡା ତକେ, ସଦାଗୁପତ । ତହିଁକି ତ ମଥୁରା ଗ୍ରାମରେ ଯେ ଦେଖି ବ୍ୟକ୍ତ କରି ପକାଇଛି ସେ ଅନ୍ଧ, ବୋକା ପାଲଟି ଯିବାର ଶୁଣିବାକୁ ମିଳେ । ଯେଉଁମାନେ ଅନ୍ଧ ନୁହଁନ୍ତି, ସେମାନେ ଦେଖିବେ ବା କିପରି ?

''ଚଉରତା ଲଭ୍ଭୁଁ କଷଣ ଶୂଦ୍ର ଘରେ ପତିତ ॥''

ମହାଲକ୍ଷ୍ମୀ ସିନା ! ସେ ବେଳେ ପାଦମଞ୍ଚାଳନ କରି ସବୁ ଦେଖୁଥିଲେ, ଏବେ ଏ ଲକ୍ଷ୍ମୀକୁ ପାଲଟାଇ ମାୟାତଃ ଭସ୍ମ କେଶବ ଦୟାବଶତଃ ମୁଦ୍ରିତ ଚକ୍ଷୁଦାନ କରିଛନ୍ତି । ଶ୍ରୀକ୍ଷେତ୍ର ମଣିମାବଦ୍ ଏବେ ସ୍ୱର୍ଣ୍ଣକ୍ଷେତ୍ରେ ଏହାଙ୍କ ମହିମା ବିରାଜମାନ । ସୁକାନ୍ତି ସୁତ ଭ୍ରାନ୍ତି ସ୍ୱର୍ଣ୍ଣକୁ ଭଜି କଲବଲ ହେଉଛନ୍ତି । ମାତ୍ର ସ୍ୱର୍ଣ୍ଣ କିଏ କେଜାଣି ? କାହିଁ କାଳେ ଅବା ଅବଳାପଥେ ତଦ୍ ପୋଥିଗତେ ଅନ୍ୟ କେଉଁ ନାମାଙ୍କେ ଉହ୍ୟ ହୋଇ ରହିଯାଇ ଥିବ, ତେବେ, ତାହା ତାଙ୍କର ସେଇ...ନୁହଁନ୍ତି ତ !!!

ଯେ ଯାହାନୁହେଁ, ତାକୁ ତହିଁରେ ଆରୋପ କରିବାହିଁ ଇହଜଗତର ସିଦ୍ଧାନ୍ତ । ପରମ ମାୟା ମୋହ ମୁକ୍ତ, ତେଣୁ ସେ ସେପରି ସଂଜ୍ଞାହୀନ ହେବେ ନାହିଁ । ସୁଭଦ୍ରାବର୍ଣ୍ଣ ପ୍ରତିଭାତା, ହରୀଦ୍ରାମ୍ବରା, ଶ୍ରୀହରିବନ୍ତ - ଏଇଯେ କଣ ସେଇ ! କେବଳୁ ତଦ୍‌ରୁଚିୟେ ନିମ୍ନୋକ୍ତ ମତେ ଯହିଁ କି --

ନାରଦ ସାଦର ବେଦ ବିଶାରଦ

ଯା' କେ ଗୁନ କୋ ନିରନ୍ତର ଧାଓ୍ୱେ

କାହି ଖଗେଶ, ମହେଶ, ଗନେଶ,

ସୁରେଶ, ରକ୍ଷେଶ, ବିଶେଷ ବତାଓ୍ୱେ

ରୂପ ବିରାଟ ସମ୍ରାଟ ଜଗଦ୍ କା'

ଯୋ' ଦେଖ କେ' ଜଗଜନ୍ ଶୁଦ୍ଧ ବୁଦ୍ଧ ଖୋଏ

ତାହି ଅହୀର କି ଛୋହରିଆଁ

ଛଛିଆଁଭର

,ଛାଞ୍ଚମେ ନାଚ୍‌ନଚାଓ୍ୱେଁ,'

-ତହିଁକି ଊର୍ଦ୍ଧ୍ୱ ବିଭାବ ମୂର୍ତ୍ତି ଦ୍ରଷ୍ଟବ୍ୟ । ମାତ୍ର, କେଉଁଥିପାଇଁ ଏତେବଡ଼ ବିରାଟ ପୁରୁଷକୁ ଏ 'ଅହୀର' ଅର୍ଥାତ୍ ଗୋପଗ୍ରାମର ଗଉଡୁଣୀ ବୃନ୍ଦ 'ବାଟିଏ ଦହୀ' ଦେଖାଇ ନଚାଉଛନ୍ତି । ରାମାୟଣରେ ମହୀରାବଣ ରାମଲକ୍ଷ୍ମଣଙ୍କୁ ପାତାଳପୁରୀ ନେଇ ଯିବାରେ ଯେଉଁ ମନୋଭାବ ଉହ୍ୟ ରହିଛି, ତାହା କେବଳ ସେଇ ପଥାନୁସରଣେ ଏ ସ୍ଥଳେ ପ୍ରେମଭକ୍ତି । ପରମ ଦେହୀ ହେବାରୁ ଏଇଠି ଦ୍ୱନ୍ଦ୍ୱ । ତେବେ 'ମ'କାର ସୂତ୍ରେ ଶ୍ରୀହନୁମାନରେ ଏକାଦଶ ରୁଦ୍ର ଅବତାରଣା ବଦ୍ ପରମ ତହିଁ କି ସାମ୍‌ନା ହେବାକୁ ପରିପ୍ରକାଶତଃ ଭକ୍ତ ଯୁକ୍ତତା ଘେନି ଘୂର୍ଣ୍ଣଭାବ ପ୍ରକଟ କରାଇଥାନ୍ତି । ଚରମତଃ ବ୍ୟକ୍ତାବ୍ୟକ୍ତେ ନାନାସଗୁଣ ଅଖଣ୍ଡ ଲୀଳାରାଜିରେ ହନୁମାନ କ୍ରିୟାକଳାପ ସମୂହର ବିନ୍ୟାସ ଶ୍ରଦ୍ଧାପୂର୍ବକ ମର୍ଯ୍ୟାଦା ପୁରୁଷୋତ୍ତମଙ୍କ ଉକ୍ତି କି ନେଇ ଏହିପରି ।

'ମଦ୍‌ଯେବ ଜୀର୍ଣ୍ଣତାଂ ଯାତୁ

ଯଦ୍ ତ୍ୱୟୋପ କୃତଂ ହରେ

ନରଃ ପ୍ରତ୍ୟୁପକାରାର୍ଥୀ

ବିପତ୍ତିଂ ଅଭିକାଙ୍‌କ୍ଷତି'

ଅର୍ଥାତ୍, ହେ ହନୁ ! ତୁମକୁ ଏଭଳି ବିପଦ ନପଡୁ, ଯେଭଳି ମୋତେ ତାହିଁର ପ୍ରତି ଉପକାର ଦେବାର ସୁଯୋଗ ମିଳିବ । ମୁଁ ତୁମ ନିକଟରେ ସଦାଋଣୀ ।–

ପରମହଂସ ଶ୍ରୀରାମକୃଷ୍ଣ ଦେବଙ୍କ ଦୂତ ବିବେକାନନ୍ଦ ସୁଦୂର ଆମେରିକାରେ ତାହାଙ୍କୁ ସେଇଠି ବିଶ୍ୱବିଦିତ କରାଇବାରେ ପ୍ରମୁଖ ମାଧ୍ୟମ । ଏଣୁ ଏ ସୂତ୍ରେ ଶିଷ୍ୟହିଁ ସୁତବତ୍ । ଶ୍ରୀଗୁରୁବାଦରେ ଗରୁତାଭାବ ଶିଷ୍ୟସ୍ଥଳରୁ ହିଁ ଦୁଷ୍ପାପଡ଼େ, ଯେଉଁଠି ଶ୍ରୀଗୁରୁ କେବଳ ତାହିଁରେ ବିନ୍ଦୁବତ୍ ଝଲକରା, ଢ଼ଳଢ଼ଳ ସନ୍ଦିତା ଅନଳ କାରେଣୀ, ପରଷମଣୀ । 'ମ' କାର ଏଇଠି ତମଗୁଣେ ସମର୍ପଣେ ଚରମରା, ଆସ୍ୱନେ–ଆଁସ୍ୱର୍ବେ ସ୍ୱୟଂ ସଂପୂର୍ଣ୍ଣ ସ୍ୱାଧୀନ । ତେବେ ମଧ୍ୟ ସଦ୍‌ଗୁଣାବଳୀ ଅଧିନ, ଯାହା ଶ୍ରୀଗୁରୁବଳୟେ ବିକଶିତ ଜ୍ୟୋତି, ଶକ୍ତିପ୍ରଭ, ସମାନ୍ତରାଳ ଶ୍ରଦ୍ଧାଭକ୍ତି ପ୍ରେମାଧୀରେ ସମାଦୃତ, ଲୀଳାବନ୍ତ ।

ତମଗୁଣ ଅର୍ଥତା ସୃଷ୍ଟିକରେ । ଜ୍ଞାନ ତାହିଁର ଅନର୍ଥ । ତମ ଗୁଣ ଜ୍ଞାନନୁହେଁ, ଜ୍ଞାନ ଉଦ୍‌ଭବ କରାଏ ଯେପରି ସୂର୍ଯ୍ୟରଶ୍ମି ନୁହଁନ୍ତି, ରଶ୍ମି ନର୍ଗତ କରାନ୍ତି । ଅଗ୍ନି ଆଲୋକ ନୁହଁନ୍ତି, ଆଲୋକ ଉଦ୍‌ଭାସ କରାନ୍ତି । ନିଆଁ ଧୂଆଁ ନୁହେଁ, କିନ୍ତୁ ଧୂଆଁ ସୃଷ୍ଟି କରେ । ଜୀବ ପରମନୁହେଁ, କିନ୍ତୁ ପରମ ତାଙ୍କୁ ଆଧାରକରେ । ସେପରି ସ୍ରଷ୍ଟା ସୃଷ୍ଟି ନୁହଁନ୍ତି–ମାତ୍ର, ସୃଷ୍ଟି ଉଦ୍‌ଭବ କରାଇ ତାହିଁରେ ରହନ୍ତି ।

'ଯେଉଁ ବିନ୍ଧାଣୀ ତୋତେଟି କଲା ନିର୍ମାଣ
ସେହି ତୋ' ଦେହେ ରହିଲା ଏହା ତୁ ଜାଣ'

ତଥାବତ୍ କେଶବ ପ୍ରାଣୀଜ ନୁହଁନ୍ତି, କିନ୍ତୁ ପ୍ରାଣ ପସରାକୁ ଘେନି ଜୀବ ଦୃଷ୍ଟିରେ ସନ୍ଦେହ ସୃଷ୍ଟି କରାନ୍ତି । ବ୍ରହ୍ମ ଅଜାତ କିନ୍ତୁ ଜାତି ଫର୍ଦ୍ଦରେ ଥାଇ କୃଷ୍ଣ ଦ୍ୱିପାୟନ ମତେ ଯାତି ସୃଷ୍ଟି କରିଛନ୍ତି । ତାହା ମଧ୍ୟ ଭିନ୍ନଭିନ୍ନ କାମ କାରେଣୀ ଉତପନ୍ନ ନାମ ପ୍ରତିରୂପ । ବାଲ୍ୟ କୈଶୋର, ଶଇଶବ, ଜରା ଶରୀରା ବସ୍ଥା ନ୍ୟାୟରେ ମହାକାଳ ଧାରା ସମାଶ୍ରିତ୍ୟେ ଚଉକୀ ସ୍ୱରୂପା, ଶକ୍ତି ଆନ୍ଦୋଳିତା, ଶକ୍ତି ସଙ୍କଟ ଗ୍ରସ୍ତା ।

ପରମତଃ ମାହାଙ୍ଗାପୁରୁଷ ମାୟାଚ୍ଛାଦିତେ ପୁରୁଷୋତ୍ତମାଚାରେ ଦୁଷ୍ପ୍ରାପ୍ୟ, ପୁଣି ଅଧୁନା ବିଜ୍ଞାନଯୁଗୀୟ ବିଗତ ଜ୍ଞାନଗତା ମହଙ୍ଗାରୀତିକି କୈବଲ୍ୟ କଣିକା ବିତରଣେ ବ୍ୟଗ୍ର, ବିତରଣଶୀଳ । ସନାତନାଭିଷ୍ଟ ସିଦ୍ଧିପଥରେ ସେ ଏଥିରୁ ବାଦ୍ ଯିବେ ବା କିପରି ? ପ୍ରେମ ବଶତଃ ନିର୍ବିକାରାବତାରି ଜଗନ୍ନାଥ ଜ୍ଞାନ ବିକାରକୁ ନେଇ ଦେହ ଧାରଣେ ଅବତାର, ଜୀବରେ ବିଜତତ୍ତ୍ୱକୁ ଇଙ୍ଗିତ କରାଇ ମୂଳାଧାରେ ପରମରା ସୂଚିତ ।

'ମରଣଂ ବିନ୍ଦୁପାତେନ ଜୀବନଂ ବିନ୍ଦୁ ଧାରଣାତ୍ ॥'

କେଶବ–ଧୃତ–ସିଦ୍ଧାନ୍ତ ଦେବଭାଷୀୟ 'ଜଗଦୀଶ' ସମ୍ବୋଧନରତା କେଶବଧାରିତା ତନୁ କଳ୍ପନା ଏଇ ମାଟିରେ ଜୟଦେବ କଥନାରଚନେ ଦଶମକାରେ ପ୍ରତିଷ୍ଠିତ । ଆଦ୍ୟ–ପ୍ରାନ୍ତ ପ୍ରଚ୍ଛଦପଟକୁ ବାହି ଯଥାକ୍ରମେ ମୀନ ଓ କଳ୍କୀ ମଧ୍ୟ । ଆଚରଣୁଁ ଅଶୁଦ୍ଧତା ନେଇ ପ୍ରଭୁ ଚରଣ ଶୂନ୍ୟ, ପୁଣି ଦଣ୍ଡକ ବୋଧକୁ ଘେନି ତାରଣ ରାମ । ସମ୍ୟକ୍ ସାରତା ଦୃଷ୍ଟି କି ଏଇ ଭବ ସାଂଗରେ ଉଭୟ ବିଷପୀୟୁଷର ସମାହାର । ଏହିଠାରୁ ହିଁ ସବୁସୂତ୍ର ନିଷପନ୍ନ । କେବଳ ତାହିଁରେ ମନ୍ଥନରେ ରହିଛି ଉତ୍କର୍ଷତା ॥

ସମ୍ମିଳିତା, ସମାଦରାଭାବ ସନ୍ନିହିତା, ରତ୍ନାସନ ପରିବେଷ୍ଠା, ନବ–ଧା–ଭିତ୍ତି – ପ୍ରସ୍ଥାନତ୍ରୟୀ ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ କ୍ରମତଃ ଜୀବ, ମାୟା ଓ ବ୍ରହ୍ମବନ୍ତ । ଜୀବ ମାୟାକୁ ଅତିକ୍ରମ କରିବା ଯେପରି ସାଧନଗତ ଯୋଗ୍ୟକାମ, ତଦ୍‌ପରା ମାୟା ସହୋଦ୍ଭୀର୍ଣ୍ଣେ ପରମତା ପ୍ରକାଶ ତଥାବତ୍ ଉଦାରତା ପୂର୍ଣ୍ଣ ଅପୂର୍ବ ଲୀଳାରସ ମାଧୁରୀ । ବୟାନତା ଯଦି ଓ ବୟାକରଣ ଶାସ୍ତ୍ର ସମ୍ମତ ବିଧାନାଦର୍ଶ ଉପରେ ସ୍ଥଳ ବିଶେଷକୁ ନେଇ ନାନା ଭଙ୍ଗୀରେ ପ୍ରସାରିତ, ତେବେ ଯୁଗଲକ୍ଷଣା ଧାରେ ତାହିଁରେ ନୂତନତା ବୋଧ ଭରି ରହିଛି । କୌଣସି ଅବତାର ଯାହାକୁ ଏଡ଼ିଯାଇ ପାରନ୍ତି ନାହିଁ, ଭାବ ତାହାକୁ ଠେଲି ପକାଇଥାଏ ।

କ୍ରମଶ...



## ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ

> ''କ୍ଷମାକର ମାଗୋ ଏ ଦୀନ ସନ୍ତାନେ
> କ୍ରୋଧ କର ପରିହାର ।
> ବନ୍ଧନ ଖୋଲି ଜ୍ଞାନ ଚକ୍ଷୁମେଲି
> ଅଜ୍ଞାନକୁ ନାଶ କର ॥''

*ମଧୁର, କୋମଳ ଭାଷାରେ ମମତାର ଲୁଆର ଖେଳାଇ ଅନ୍ୟର ହୃଦୟରେ ଶାନ୍ତିର ପ୍ରତିଷ୍ଠା କରି ଜଗତ୍ କଲ୍ୟାଣରେ ସର୍ବଦା ନିଜକୁ ଉତ୍ସର୍ଗ କରିଥିବାରୁ ତା'ର ନାମ ''ମାଆ'' ''ଜଗତ୍‌ଜନନୀ'' । ସୂକ୍ଷ୍ମରେ ରହି ଏ କାର୍ଯ୍ୟ ସମାହିତ କରିବା ଅସୁବିଧା ହେବ । ତେଣୁ ନିଜେ ନାରୀ ରୂପରେ ଧରିତ୍ରୀରେ ଅବତରଣ କରି ବହୁମୁଖୀ ଭୂମିକାରେ ତାର ସନ୍ତାନମାନଙ୍କୁ ଜନ୍ମ ଦେଇ ଲାଳନ, ପାଳନ ତଥା ଆବଶ୍ୟକ ସ୍ଥଳେ ଧ୍ୱଂସ କରିଚାଲିଛି । ସେଇ ମାଆ । ଆଜି ସମାଜରେ ସେ ମାଆ ନିରବଚ୍ଛିନ୍ନ ଭାବରେ ଅବହେଳିତା, ଅପମାନିତା, ଲାଞ୍ଛିତା । ତେଣୁ ତା'ର ଆଚରଣ ଦେଖିଲେ ମନେ ହୁଏ ସତେ ଯେପରି ତାର ସମସ୍ତ ଭୂମିକାର ଶେଷ ଅବସ୍ଥା ଧ୍ୱଂସାବତାରରେ ସେ ଅବତୀର୍ଣ୍ଣା । ତାର କ୍ରୋଧାଗ୍ନି ଯେପରି ଲହ ଲହ ଜିହ୍ୱାରେ ସୃଷ୍ଟି ଗ୍ରାସ କରିଯିବାକୁ ଆଗେଇ ଆସୁଛି । ତେଣୁ ପଥଭ୍ରଷ୍ଟ ସମାଜକୁ ସଚେତନ କରାଇ ସେଇ ମାଆକୁ ବନ୍ଦନା କରି ତାର ମାତୃତ୍ୱର ପୁନଃସ୍ଥାପନ କରାଇବାର ଲକ୍ଷ୍ୟ ନେଇ ଆମର ଏ ପୁଷ୍ପାଞ୍ଜଳୀ ''ନାରୀଧର୍ମ'' ।*

**ପଞ୍ଚମପୁଷ୍ପ : ଦ୍ୱିତୀୟ ପାଖୁଡ଼ା : ଏକବିଂଶ ସଂଖ୍ୟା ଉତ୍ତାରୁ :**

## ନାରୀଧର୍ମ

ମାତୃତ୍ୱର ଅବମାନନାରେ ଧୀରେ ଧୀରେ କିନ୍ତୁ ନିଶ୍ଚିତ ଭାବରେ ଏ ସୃଷ୍ଟି ଆଜି ଶେଷ ହେବାକୁ ଯାଉଛି । ''ମାଆ'' ଆଜି ମମତାମୟୀର ଭୂମିକା ପରିହାର କରି ''ମୋହିନୀ'' ଭୂମିକାରେ ଅବତୀର୍ଣ୍ଣା ହୋଇଛି । ମୋହିନୀର ପାଶରେ ଜଗତ୍‌ବାସୀଙ୍କୁ ବନ୍ଦୀକରି ତା'ର ଧ୍ୱଂସ କ୍ରିୟାକୁ ନିର୍ବିଘ୍ନରେ ଆଗେଇ ନେଉଛି । କାହିଁକି ଓ କିପରି ? ତାହାହିଁ ଏ ସଂଖ୍ୟାର ଆଲୋଚ୍ୟ ।

ତ୍ରେତୟାଯୁଗର ଏକ ନିଷ୍ପତ୍ତି ମୁହୂର୍ତ୍ତ । ପ୍ରଭୁ ଶ୍ରୀରାମ, ଅନୁଜ ଲକ୍ଷ୍ମଣ ଓ ପତ୍ନୀ ସୀତାଙ୍କୁ ସଂଗରେ ନେଇ ପିତୃସତ୍ୟ ପାଳନ ଅବସରରେ ବନଗାମୀ ହୋଇଛନ୍ତି । ସରଜୁ ନଦୀ ତଟରେ ସ୍ୱର୍ଗୀୟ ପିତା ଦଶରଥଙ୍କ ଶ୍ରାଦ୍ଧ ତର୍ପଣ ପାଇଁ ସୀତାଙ୍କୁ ଅପେକ୍ଷା କରାଇ ଦୁଇଭାଇ ଅରଣ୍ୟରୁ ପିଣ୍ଡ ଉପକରଣ ସଂଗ୍ରହ ପାଇଁ ଚାଲିଯାଇଛନ୍ତି । ସେମାନଙ୍କର ଫେରିବା ବିଳମ୍ବ ହୋଇଯାଇଛି । କିନ୍ତୁ ପିଣ୍ଡ ଦାନର ସମୟ ଉପସ୍ଥିତ ହୋଇଯାଇଛି । ତେଣୁ ମାଆ ସୀତା ଆଉ ଅପେକ୍ଷା ନକରି ନଦୀବାଲିରେ ପିଣ୍ଡନିର୍ମାଣ କରି ଶ୍ୱଶୁର ଦଶରଥଙ୍କୁ ପିଣ୍ଡ ଦାନ କରିଛନ୍ତି । ଅଶରୀରୀ ଆତ୍ମାମଧ୍ୟ ହସ୍ତ ପ୍ରସାରଣ କରି ପିଣ୍ଡ ଗ୍ରହଣ କରିଛନ୍ତି । ନଦୀର ଅପରପାର୍ଶ୍ୱରେ ନିଜର କୌଳିକ ବୃତ୍ତିରେ ବ୍ୟସ୍ତଥିବା ବ୍ରାହ୍ମଣମାନେ ଏହି ଦୃଶ୍ୟ ଲକ୍ଷ୍ୟ କରିଛନ୍ତି । ନିଜର ଅଜ୍ଞାନତାର ପ୍ରଭାବରେ ଜନକନନ୍ଦିନୀଙ୍କୁ ଚିହ୍ନି ପାରିନାହାନ୍ତି । ସେମାନଙ୍କ ମନରେ ଭୟମିଶ୍ରିତ ଈର୍ଷା ସୃଷ୍ଟି ହୋଇଛି । ସେମାନେ ଭାବିଛନ୍ତି, ଯଦି ନାରୀ ଏହିପରି ଯେ କୌଣସି ବସ୍ତୁକୁ ପିଣ୍ଡକରି ଅର୍ପଣ କରିଦିଏ ତେବେ ବ୍ରାହ୍ମଣମାନଙ୍କର ଗୁରୁତ୍ୱ ହ୍ରାସ ପାଇବ ଓ ପୁରୁଷମାନଙ୍କର ଗୁରୁତ୍ୱ ମଧ୍ୟ କେହି ଉପଲବ୍ଧି କରିବେ ନାହିଁ । ତେଣୁ କ୍ରୋଧ ଜର୍ଜରିତ ହୋଇ ସେମାନେ ଜଗତ୍‌ଜନନୀ ମାଆ ସୀତାଙ୍କୁ ସେମାନଙ୍କର ପୁରୁଷାକାର ସାମର୍ଥ୍ୟର ଅହଂକାରରେ ଅପମାନିତ, ଲାଞ୍ଛିତ କରିଛନ୍ତି । ସର୍ବଂସହା ଜନନୀ ସେମାନଙ୍କର ଏଭଳି ଅପ୍ରତ୍ୟାଶିତ, ଅଶାଳୀନ ବ୍ୟବହାରରେ ଅତିଷ୍ଠ ହୋଇ ଅଭିଶାପ ଦେଇଛନ୍ତି, ''ହେ ମୂର୍ଖ ମାନବ ! ସତ୍ୟକୁ ଉପହାସ କରି ପୁରୁଷ ଜାତିର ଅହଂକାରରେ ପ୍ରକୃତି ସ୍ୱରୂପା ନାରୀପ୍ରତି ତୁମମାନଙ୍କର ଯେଉଁ ଅବିଚାରିତ ବ୍ୟବହାର, ତାହାର ପ୍ରତିଶୋଧ ପରବର୍ତ୍ତୀ ପାପପ୍ରଧାନ କଳିଯୁଗରେ ପ୍ରକୃତି ନିଶ୍ଚୟ ନେବେ । ସେହି ସମୟରେ ଠିକ୍ ଏହିପରି ଅବିଚାରିତ ସ୍ରୋତରେ ବିବେକ, ଜ୍ଞାନ ଓ ପ୍ରଜ୍ଞାଶୂନ୍ୟ ହୋଇ ପ୍ରକୃତିଙ୍କର ''ମୋହିନୀ'' ମାୟାରେ ଜଳିଯିବ'' । ସେହିଦିନୁ ଏ ପୁରୁଷ ଜାତି ଅଭିଶପ୍ତ ହୋଇ ଅପେକ୍ଷା କରିଥିଲା ମୋହିନୀ ଫାଶରେ ଆବଦ୍ଧ ହୋଇ ନିଜର ସର୍ବନାଶକୁ ସ୍ୱାଗତ ଜଣାଇବାକୁ ।

ଏତିକି ନୁହେଁ । ଠିକ୍ ସେହିପରି ଆଉ ଏକ ପରିସ୍ଥିତି ସୃଷ୍ଟି ହୋଇଥିଲା ଦ୍ୱାପର ସଭ୍ୟତାରେ । କୁରୁରାଜ ସଭାରେ ଦ୍ରୌପଦୀଙ୍କୁ ବାଜିରଖି ଧର୍ମରାଜ ଯୁଧିଷ୍ଠିର କପଟପାଶାରେ ପରାସ୍ତ ହେବାପରେ । ରାଜସଭାରେ ସମସ୍ତ ମାନ୍ୟଗଣ୍ୟ, ପୂଜନୀୟ ପୁରୁଷପ୍ରବରଙ୍କର ସମ୍ମୁଖରେ ଦୁଃଶାସନ ଦ୍ରୌପଦୀଙ୍କୁ ବିବସ୍ତ୍ର କରାଇବା ସମୟରେ ମଧ୍ୟ ଯୋଗମାୟା ଅଂଶ ସମ୍ଭୂତ ଯାଜ୍ଞସେନୀ ଦ୍ରୌପଦୀ ଅନୁରୂପ ଅଭିଶାପ ପ୍ରଦାନ କରିଥିଲେ । ସେହି ମାତୃ ଅଭିଶାପରେ ଅଭିଶପ୍ତ ଏ ପୁରୁଷଜାତି ପ୍ରକୃତିର କ୍ରୁର ଚକ୍ଷୁରେ ଆଜି ଜ୍ୱାଳାମୁଖୀ ଆଗ୍ନେୟଗିରି ଉପରେ ଦଣ୍ଡାୟମାନ ।

କିପରି ''ମୋହିନୀ'' ମାୟାରେ ଆମେ ଆଜି ବନ୍ଦୀ ଆସନ୍ତୁ ଅନୁଧ୍ୟାନ କରିବା ।

''ମୋହିନୀ'', 'ମୋ' – ମୋର, 'ହି' – ହିତ, 'ନୀ' – ନୀତି । ଅର୍ଥାତ୍ ମୋର ହିତ ନୀତି ହେଉଛି ମୋହିନୀ । ଆଜି ସମାଜର ପ୍ରତ୍ୟେକ ବ୍ୟକ୍ତି ଏହି ନୀତିର ଅଧିନ । କେବଳ ନିଜସ୍ୱ ସୁବିଧା, ସୁଖ, ଭୋଗ ବ୍ୟତୀତ ଅନ୍ୟ କୌଣସି ଚିନ୍ତା ମନୁଷ୍ୟର ମନରେ ନାହିଁ । ଅନ୍ୟର ସୁଖ ଦେଖିଲେ ସେ ଅତିଷ୍ଠ ହୋଇ ପଡୁଛି । କିନ୍ତୁ ଦୁଃଖରେ ହସିଉଠୁଛି । ତା ତୁଳନାରେ ଐଶ୍ୱର୍ଯ୍ୟକୁ ତୁଳନା କରି ଉଲ୍ଲାସରେ ଶିହରି ଉଠୁଛି । ନିଜର ଆବଶ୍ୟକତା ଠାରୁ ଅନେକ ଅଧିକ ସଂପତ୍ତି ଠୁଳ କରିବାରେ ସମସ୍ତ ଚିନ୍ତାଶକ୍ତି ପ୍ରୟୋଗ କରିଚାଲିଛି । ନିଜର ସ୍ୱାର୍ଥ ପାଇଁ ଅନ୍ୟକୁ ହତ୍ୟାକରି ତାର ସର୍ବସ୍ୱ ଲୁଣ୍ଠନ କରି ତାକୁ ଭିକାରୀ କରିବା ପାଇଁ ତିଳେମାତ୍ର କୁଣ୍ଠିତ ହେଉନାହିଁ । ଏ

ସମସ୍ତ କୁଚିନ୍ତାକୁ କାର୍ଯ୍ୟରେ ପରିଣତ କରି ସର୍ବ ଐଶ୍ୱର୍ଯ୍ୟର ଅଧିକାରୀ ହେବାର ପ୍ରେରଣା ଯୋଗାଇ ଚାଲିଛନ୍ତି ସେହି ପ୍ରକୃତିସ୍ୱରୂପିଣୀ ଜାୟା (ପତ୍ନୀ) । ନାରୀ ଯେତେବେଳେ ମାତୃତ୍ୱ ପରିହାର କରି ସଂହାର ଶକ୍ତିର ଭୂମିକା ଗ୍ରହଣ କରେ, ସେତେବେଳେ ସେ ପୁରୁଷକୁ ନାନାଭାବରେ ପ୍ରଲୋଭିତ କରି ଅନ୍ୟର ସୁଖ, ସୁବିଧାକୁ ଜଳାଞ୍ଜଳି ଦେଇ ନିଜ ସୁଖ ପାଇଁ ପ୍ରେରଣା ଯୋଗାଏ । ପୂର୍ବ ସଂଖ୍ୟାରେ ଆଲୋଚିତ ତତ୍ତ୍ୱ ଅନୁସାରେ ନିଜର ସନ୍ତାନ ପାଇଁ ଅନ୍ୟ ସନ୍ତାନମାନଙ୍କୁ ସ୍ନେହରୁ ବଂଚିତ କରି ବଭେଦତାର ବିଷ ବୀଜ ସୃଷ୍ଟିରେ ରୋପଣ କରେ । ଗମ୍ଭୀର ଭାବରେ ପ୍ରତ୍ୟେକ ପରିବାରକୁ ବିଶ୍ଳେଷଣ କଲେ ସ୍ପଷ୍ଟଭାବରେ ଦେଖାଯିବ ଯେ, ଜଣେ ପୁରୁଷ ବିବାହ ପୂର୍ବରୁ ତାର ପରିବାରରେ ସମସ୍ତଙ୍କ ସହ ଖୁବ୍ ସୁସଂପର୍କ ତଥା ଆନ୍ତରିକତାର ବନ୍ଧନ ରଖିଥାଏ । ମାତ୍ର ବିବାହ ପରେ ଯେତେବେଳେ ସ୍ତ୍ରୀଯୁକ୍ତ ହୁଏ, ସେତେବେଳେ ତାର ପିତା, ମାତା, ଭ୍ରାତା, ଭଗ୍ନୀ ତଥା ଅନ୍ୟ ସମସ୍ତଙ୍କ ପ୍ରତି ସଂପର୍କର ସୂତ୍ର କୋହଳ ହୋଇ ଆସେ ଓ ସମସ୍ତ ସ୍ନେହ, ଶ୍ରଦ୍ଧା, ଅନୁରକ୍ତ ସ୍ତ୍ରୀ ପତି ସୀମିତ ହୋଇଯାଏ । ସେ ସର୍ବଦା ସ୍ତ୍ରୀ ବୁଦ୍ଧିରେ ପରିଚାଳିତ ହୁଏ । ସ୍ତ୍ରୀ ଯଦି ନିଜର ମାତୃତ୍ୱ ସ୍ଥିତିର ସଚେତନତାରେ ପୁରୁଷକୁ ପରିଚାଳିତ କରେ ତେବେ ପରିବାରଟି ସ୍ୱର୍ଗରେ ପରିଣତ ହୁଏ । ପରସ୍ପର ପରସ୍ପର ପ୍ରତି ଅତୁଟ ସ୍ନେହବନ୍ଧନରେ ଅନୁଗ୍ରହୀର ହୋଇ ନିଜର ମଂଗଳ ସଂଗେ ସଂଗେ ସମାଜର ମଂଗଳ କରିଥାନ୍ତି । ସେମାନଙ୍କ ଔରସରୁ ଯେଉଁ ସନ୍ତାନ, ସନ୍ତତି ଜନ୍ମଗ୍ରହଣ କରନ୍ତି ସେମାନେ ପ୍ରଥମରୁ ସେହି ମହାମିଳନ ମନ୍ତ୍ରରେ ଅଭିଷିକ୍ତ ହୋଇ ସେମାନଙ୍କର ଭବିଷ୍ୟତର ଜୀବନଚର୍ଯ୍ୟାରେ ଶିକ୍ଷା ଲାଭ କରିଥାନ୍ତି । କିନ୍ତୁ ଯଦି ନବବଧୂ ମାତୃତ୍ୱ ପରିବର୍ତ୍ତେ ମୋହିନୀ ବେଶ ଧାରଣ କରି ସେହି ମାୟାରେ ପୁରୁଷକୁ ବନ୍ଦୀ କରିରଖେ, ତେବେ ସେ ପରିବାର ଧ୍ୱସ୍ତବିଧ୍ୱସ୍ତ ହୋଇଯାଏ ଏବଂ ଶେଷରେ ପରସ୍ପର ପରସ୍ପର ପ୍ରତି ହିଂସା, ଇର୍ଷା, କ୍ରୋଧ, ପ୍ରତିଶୋଧପରାୟଣ ହୋଇ ପରିବାରକୁ ନର୍କ ମୁଖକୁ ଠେଲି ଦିଅନ୍ତି । ଏହି କ୍ରମରେ ପରିବାରରୁ ସମାଜ, ସମାଜରୁ ରାଷ୍ଟ୍ର, ରାଷ୍ଟ୍ରରୁ ସୃଷ୍ଟି ସେହି ଧ୍ୱଂସ ମୁଖରେ ପଡ଼ି ଜଳିଯାଏ ।

**ଉଜାଣି ଆସୁଛି ଝଡ଼ ବତାସ ।**
**ସଜାଗ ହୁଅରେ ନପିଇ ବିଷ ॥**

**ଶାଖାକୁ ସଜାଡ଼ି ଶାଖାରେ ବସ ।**
**ଶାଖା ପାଦୁକାରେ ଶରଣ ପଶ ॥**
**କାହା ମନେ କେବେ ନଦିଅ ବ୍ୟଥା**
**କାହାକୁ କୁହନା କର୍କଶ କଥା ॥**

**ଶାଖା ପାଇଁ ତ୍ୟାଗବ୍ରତ ଆଚର ।**
**ଧାରାଧରି ନିତି ଅଭ୍ୟାସ କର ॥**
**ଗୃହେ ଅତିଥିଙ୍କ ସେବା ଆଚର**
**ଭିକାରୀ ହେଲେ ବି ହେଳା ନକର ॥**

**ଧାରାଧରି ହେଉ ବାର ବନିତା ।**
**ଧରା ଦେଉ ନାହୁଁ ଫଳ ଗଣୁଥା ॥**

# ବାଲ୍ୟକାଳୁ ଧର୍ମ ଧନ ସଞ୍ଚିବି

"ଜାଣିନାହିଁ ପ୍ରଭୁ ! ପୂଜା ଅରଚନା
ଜାଣେନା ଭକ୍ତିର ସୂତ୍ର ।
ତୁମେ ଏକା ମୋର ଭରସାର ବିନ୍ଦୁ
ଏ ଜନ୍ମ କର ପବିତ୍ର ॥"

*ଉପଯୁକ୍ତ ଦିଗ୍‌ଦର୍ଶନ, ଉପଦେଶ, ଆଦର୍ଶ ନ ପାଇଲେ ଚପଳମତି ଶିଶୁ ପଥହରା ହୋଇଯାଏ । ଆଗାମୀ ଜୀବନର କର୍କଶତା, କଠୋରତା ତଥା ବିଷମୟ ପରିସ୍ଥିତି ସଂପର୍କରେ ସଚେତନ ହୋଇପାରେନା । ମନ ଶରୀର କୌଣସି ପ୍ରତିକୂଳ ପରିବେଶକୁ ସାମ୍ନା କରିବା ପାଇଁ ପ୍ରସ୍ତୁତ ହୋଇପାରେ ନାହିଁ । ଜୀବନର ଅସଲ ପର୍ଯ୍ୟାୟ ଆରମ୍ଭ ହେବା ବେଳକୁ ବାଲ୍ୟ ଅବସ୍ଥାରେ ଆୟତ୍ତ କରିଥିବା ଅଭ୍ୟାସ ଧାରା ଯଦି ଅନୁପଯୁକ୍ତ ହୁଏ, ତେବେ ସେ ଅକାଳରେ ଭାଙ୍ଗିପଡ଼େ । ଜୀବନପ୍ରତି ବିତୃଷ୍ଣା ଭାବ ଆସିଯାଏ । ସେ ଅବଶ ବିବଶ ହୋଇପଡ଼େ । ସେ ଅବସ୍ଥାରେ ନିଜର ଭ୍ରମ ପ୍ରତି ସଚେତନ ହୋଇ ନିଜକୁ ପୁଣିଥରେ ଠିଆ କରାଇବାର ଉତ୍ସାହ, ସାହସ ଆଉ ପାଇ ପାରେନା । ଫଳରେ ଦୁର୍ଲଭ ମନୁଷ୍ୟ ଜନ୍ମ ଅସାର ହୋଇଯାଏ । ସୁତରାଂ ଜୀବନର ପ୍ରଥମ ପାହାଚ ବାଲ୍ୟଅବସ୍ଥାରୁ ହିଁ ଭବିଷ୍ୟତ ଜୀବନର ପଥ ପ୍ରସ୍ତୁତ କରିବାକୁ ହେବ । ସେହି ଆଶାନେଇ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ଆଶୀର୍ବାଦ ପ୍ରାପ୍ତ ଏହି ଧାରାବାହିକ ସ୍ତମ୍ଭ ସେହି ଅଗଣିତ ବାଲ୍ୟବଂଧୁ ମାନଙ୍କ ଉଦ୍ଦେଶ୍ୟରେ........*

ପଞ୍ଚମ ପୁଷ୍ପ : ଦ୍ୱିତୀୟ ପାଖୁଡ଼ା : ଏକବିଂଶ ସଂଖ୍ୟା ଉତ୍ତାରୁ.....

## ମୂର୍ତ୍ତି ନିର୍ମାତାରୁ ମୂର୍ତ୍ତିମନ୍ତ

ଧୀରେ ଧୀରେ ନିବାରଣ କୃଷ୍ଣ ପ୍ରେମରେ ନିଜର ଦେହଜ୍ଞାନ ହଜାଇ ଦେଲେ । ଭକ୍ତର ଅନାବିଳ ପ୍ରେମ, ଭକ୍ତି ଓ ବିଶ୍ୱାସରେ ବନ୍ଦୀ ହୋଇ ଠାକୁରେ ମଧ୍ୟ ଶୂନସତ୍ତା ନେଇ ନିବାରଣଙ୍କ ପାଖେ ପାଖେ ରହିଲେ । ମୂର୍ତ୍ତି ନିର୍ମାଣରେ ଏତେ ବ୍ୟସ୍ତ ରହିଲେ ଯେ, ଦୀର୍ଘଦିନ ଧରି ଘରକୁ ମଧ୍ୟ ଫେରିଲେ ନାହିଁ । ଅଭାବ ସଂସାରଟିରେ ଏକମାତ୍ର ଭରସା ଗୃହକର୍ତ୍ତା ନିବାରଣଙ୍କର ଅନୁପସ୍ଥିତି ଆର୍ଥିକ ଅବସ୍ଥାକୁ ଅଧିକ ଜଟିଳ କରି ଦେଲା । ଫଳରେ ପରିବାରର ପ୍ରତ୍ୟେକ ସଦସ୍ୟ ନିବାରଣଙ୍କ ପ୍ରତି ବିମୁଖ ହୋଇ କଟୁକ୍ତି ପ୍ରକାଶ କଲେ । କିନ୍ତୁ ତା'ର କୌଣସି ପ୍ରଭାବ ତାଙ୍କ ଉପରେ ପଡ଼ିଲା ନାହିଁ । ଅଭାବ, ଅନାଟନର ସଂଜ୍ଞା ମଧ୍ୟ ସେ ବୁଝିପାରିଲେ ନାହିଁ । କେବଳ କୃଷ୍ଣ ନାମ, କୃଷ୍ଣ ପ୍ରେମ, କୃଷ୍ଣ ଭାବ ବ୍ୟତୀତ ସେ ଆଉ କିଛି ଉପଲବ୍ଧି କରିପାରିଲେ ନାହିଁ । ସର୍ବଦା ଆନନ୍ଦରେ ବୁଡ଼ିରହି କୃଷ୍ଣ ଚିନ୍ତାରେ ମଗ୍ନ ରହିଲେ । ମୂର୍ତ୍ତି ନିର୍ମାଣ କରୁଥିବା ସମୟରେ ଅତ୍ୟନ୍ତ ଭାବାବେଶ ହୋଇ ଅଚେତ ହୋଇଗଲେ । କୌଣସି ସାଧୁ, ସନ୍ଥମାନଙ୍କୁ ଦେଖିବା ମାତ୍ରେ ପାଗଳ ହୋଇ ସମସ୍ତ କାର୍ଯ୍ୟ ତ୍ୟାଗ କରି ସେମାନଙ୍କ ସେବାରେ ସମୟ ଅତିବାହିତ କଲେ । ସାଧୁମାନଙ୍କୁ ନିଜ ଘରକୁ ନିମନ୍ତ୍ରଣ କରି ସେମାନଙ୍କୁ ସେବା କରିବାକୁ

ବ୍ୟାକୁଳ ହୋଇ ଉଠିଲେ । କିନ୍ତୁ ଘରର ଆର୍ଥିକ ପରିସ୍ଥିତି ଘୋର ବାଧା ସୃଷ୍ଟି କଲା । ସର୍ବଦା ଅଭାବରେ ଜର୍ଜରିତା ପତ୍ନୀ ନିର୍ମଳା ସ୍ୱାମୀଙ୍କର ଏତାଦୃଶ ବ୍ୟବହାରରେ ଅତିଷ୍ଠ ହୋଇ ଅନେକ ସମୟରେ କଟୂକ୍ତି ପ୍ରୟୋଗ କଲେ । ପିତାମାତା ମଧ୍ୟ ମୌନ ରହି ନିର୍ମଳାଙ୍କୁ ସମର୍ଥନ କଲେ । କୃଷ୍ଣପ୍ରେମୀ ନିବାରଣ କିନ୍ତୁ ନିଜ ନିଷ୍ପତ୍ତିରେ ଅଟଳ, ଦୃଢ଼ । ବାରମ୍ବାର ପରିବାରରେ ନ୍ୟୁନ ହୋଇ ବୁଝାଇବାକୁ ଚେଷ୍ଟାକଲେ, ପ୍ରଭୁଙ୍କ ବିନା ଇଚ୍ଛାରେ କିଛି ସମ୍ଭବ ନୁହେଁ । ଅଭାବ, ସ୍ୱଭାବ, ଦୁଃଖ, ଐଶ୍ୱର୍ଯ୍ୟ ସବୁ ତାଙ୍କରି ଖେଳ । ତାଙ୍କ ବ୍ୟତୀତ ଏ ସଂସାରରେ ଅନ୍ୟ କିଛି ନାହିଁ । ପ୍ରତ୍ୟେକ ସ୍ଥାନରେ, ସମସ୍ତ ଜୀବମାନଙ୍କ ମଧ୍ୟରେ କେବଳ ସେ ହିଁ ବିଦ୍ୟମାନ । ତାଙ୍କୁ ସନ୍ତୁଷ୍ଟ କରିପାରିଲେ କୌଣସି ଅଭାବ ସ୍ପର୍ଶ କରି ପାରିବ ନାହିଁ । ସେ ଆମ୍ଭମାନଙ୍କ ହୃଦୟରେ ଉପବାସ ରହି ଅତ୍ୟନ୍ତ କଷ୍ଟରେ ସମୟ ବିତାଉ ଅଛନ୍ତି । ଆମକୁ ସୁଖ, ଶାନ୍ତି ଆସିବ କେଉଁଠୁ ? ସେ ହିଁ ପ୍ରେମ, ସେ ହିଁ ଆନନ୍ଦ । ସେ ଆମଠାରୁ କେବେ ମଧ୍ୟ କୌଣସି ଐଶ୍ୱର୍ଯ୍ୟ, ମୂଲ୍ୟବାନ ଉପଢ଼ୌକନ କିମ୍ବା ରାଜକୀୟ ଖାଦ୍ୟ ଚାହାଁନ୍ତି ନାହିଁ । ଅନାବିଳ, ଛଳନାହୀନ, ନିର୍ମଳ, ସରଳ ମନରେ ତାଙ୍କୁ ଭଲପାଇବା, ସ୍ନେହ, ମମତା ଦ୍ୱାରା ତାଙ୍କୁ ଆରାଧନା କରିବା ଓ ଦୃଢ଼ମନା ହୋଇ ତାଙ୍କ ପ୍ରତି ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ ସ୍ଥାପନ  କରିବା ବ୍ୟତୀତ ସେ ଅନ୍ୟ କୌଣସି ପଦାର୍ଥ ଆମଠାରୁ ଆଶା କରନ୍ତି ନାହିଁ । ଆମର ଭକ୍ତି ହିଁ ତାଙ୍କର ଖାଦ୍ୟ । ସେହି ଖାଦ୍ୟ ପାଇଲେ ସେ ସର୍ବଦା ଶାନ୍ତିରେ ଆମର ଶରୀର ମନ୍ଦିରରେ ରହିବେ । ସେ ସୁଖ, ଶାନ୍ତିରେ ରହିଲେ, ଆମର ସମସ୍ତ ଦୁଃଖ, ଅଶାନ୍ତି ଆପେ ଅପସରି ଯିବ । କିନ୍ତୁ କୌଣସି କାମନା ରଖି ଭଲ ପାଇଲେ କିମ୍ବା ମନରେ ସଂଶୟ, ଅବିଶ୍ୱାସ ଭାବ ରଖି ବାଧ୍ୟ, ବାଧକତାରେ ଭକ୍ତି ନିବେଦନ କଲେ ତାହା ବିଷମିଶ୍ରିତ ଖାଦ୍ୟ ସମ ହୋଇଯାଏ । ତାଙ୍କୁ ମଧ୍ୟ ସେ ପରମକାରୁଣିକ ଗ୍ରହଣ କରନ୍ତି । ମାତ୍ର ତାଙ୍କୁ ଅନେକ କଷ୍ଟ, ଯନ୍ତ୍ରଣା ହୁଏ । ତାଙ୍କୁ ଯେତେବେଳେ ଯନ୍ତ୍ରଣା ହୁଏ, ସେହି କଷ୍ଟର ପ୍ରତିଫଳନରେ ଆମ୍ଭମାନଙ୍କର ମଧ୍ୟ ଅନୁରୂପ ଅଶାନ୍ତି ସୃଷ୍ଟି ହୋଇଯାଏ । ଅଭାବ କ'ଣ ? ସବୁ ତ ତାଙ୍କରି ଦିଆନିଆ ଭାବର ଖେଳ । ତାଙ୍କୁ ଅନ୍ତର ଭିତରେ ସଚ୍ଚା ଭାବରେ ଅନୁଭବ କଲେ ଭାବ ହୁଏ, ଶାନ୍ତି ଆସେ । ଶାନ୍ତି ଆସିଲେ ଅଭାବ ଆପେ ଆପେ ଦୂରେଇ ଯାଏ । ସତ୍, ଚିତ୍, ଆନନ୍ଦରେ ମନ ମଗ୍ନ ହୋଇ ସଚ୍ଚିଦାନନ୍ଦ ପ୍ରାପ୍ତି ହୁଏ । କିନ୍ତୁ ତାଙ୍କୁ ଦୂରଭାବ ରଖି କଳ୍ପନା କଲେ, ଅବିଶ୍ୱାସ କଲେ, ଭାବ ନଷ୍ଟହୋଇ କେବଳ ଅଭାବ ହିଁ ଆମ୍ଭମାନଙ୍କର ସାଥୀ ହୋଇଥାଏ । ଏଘର ସଂସାର, ପରିବାର ଓ ଆମ୍ଭମାନଙ୍କର ଶରୀର ସବୁ ହିଁ ତାଙ୍କର । ଯେଉଁ ପ୍ରକ୍ରିୟା ଦ୍ୱାରା ଆମ୍ଭମାନଙ୍କର ମଂଗଳ ହେବ, ସେ ସେହି କ୍ରିୟା କରିଥାନ୍ତି । ସୁତରାଂ ପ୍ରତିଦିନ ଆମ୍ଭ ପରିବାରରେ ଯାହା କିଛି ହୋଇଯାଉଛି, ସବୁ ତାଙ୍କରି ଇଚ୍ଛା । ସେଥିପାଇଁ ବ୍ୟସ୍ତ, ବିବ୍ରତ ହେବାର କିଛି ନାହିଁ । କାୟ, ମନ ଓ ବାକ୍ୟରେ କେବଳ ତାଙ୍କୁ ହିଁ ଚିନ୍ତା କର । ଚିନ୍ତାମଣି ନିଶ୍ଚୟ ଦୁଃଖ ଦୂର କରିବେ, ଏଥିରେ କୌଣସି ସନ୍ଦେହ ନାହିଁ ।

ନିବାରଣଙ୍କର ଉପରୋକ୍ତ ଉପଦେଶର କୌଣସି ପ୍ରଭାବ ପରିବାରକୁ ପ୍ରଭାବିତ କରିପାରିଲା ନାହିଁ । ଦିନେ ଏକ ଅଗ୍ନିପରୀକ୍ଷାର ସମ୍ମୁଖୀନ ହୋଇଗଲେ । ଗତ ଏକ ସପ୍ତାହ ଧରି ସେ କୌଣସି ସ୍ଥାନକୁ ଯାଇ ନାହାନ୍ତି । ଘରେ ସଂପୂର୍ଣ୍ଣ ନୀରବ ହୋଇ ବସି ରହିଛନ୍ତି । ମନରେ ଅସରନ୍ତି ଭାବନା । କିପରି ତାଙ୍କର ଅତିପ୍ରିୟ କୃଷ୍ଣଙ୍କୁ ସେ ପାଇବେ ? ଏହି ସମୟରେ ଦୁଇଜଣ ସାଧୁ ପହଞ୍ଚି ଭିକ୍ଷା ମାଗିଲେ । ଘରେ କିଛି ନାହିଁ । ସାଧୁଙ୍କୁ ଦେଖିବା ପରେ ନିବାରଣ ଆନନ୍ଦରେ ଅଧିର ହୋଇଗଲେ । ଘରେ କଣ ଅଛି ବା ନାହିଁ ସେ ବିଷୟରେ ଆଦୌ ସଚେତନ ନହୋଇ ସାଧୁଦ୍ୱୟଙ୍କୁ ସାଦର ନିମନ୍ତ୍ରଣ ଜଣାଇ ସେମାନଙ୍କର ପାଦଧୌତ କରି ଘର ଭିତରକୁ ନେଇ ଆସିଲେ ଓ ପତ୍ନୀ ନିର୍ମଳାଙ୍କୁ ନିର୍ଦ୍ଦେଶ ଦେଲେ ଭୋଜନ ପ୍ରସ୍ତୁତ କରି ସାଧୁମାନଙ୍କୁ ଚର୍ଚ୍ଚା କରିବାପାଇଁ । ସ୍ୱାମୀଙ୍କର ଏତାଦୃଶ ପାଗଳାମୀରେ ସ୍ତମ୍ଭୀଭୂତ ହୋଇଗଲେ ନିର୍ମଳା । ଘରେ ଭିକ୍ଷା ଦେବାପାଇଁ ମୁଠିଏ ଚାଉଳ ନାହିଁ । କ'ଣ

କରିବେ ? ବ୍ୟାକୁଳ ହୋଇ କାନ୍ଦି ପକାଇଲେ । ଗୋପନରେ ସ୍ୱାମୀଙ୍କୁ ଡାକି ଘରର ଅବସ୍ଥା ଜଣାଇଲେ । ମାତ୍ର କୃଷ୍ଣ ପ୍ରେମରେ ବିଭୋର ନିବାରଣ ଅବିଚଳିତ, ସ୍ଥିର । ହସି ହସି ଉତ୍ତର ଦେଲେ, ''ନିର୍ମଳା ! ଚିନ୍ତାକର ନାହିଁ । ସାଧୁସେବା ଯଦି ଆମ୍ଭର ନିଷ୍କାମ ଲକ୍ଷ୍ୟ, ତେବେ ପ୍ରଭୁ ନିଶ୍ଚୟ କିଛି ବ୍ୟବସ୍ଥା କରିବେ । ବିଚଳିତ ହୁଅ ନାହିଁ । ତୁମେ ମହାତ୍ମା ଦୁହିଁଙ୍କର ଯତ୍ନ ନିଅ । ମୁଁ ଆସୁଛି ।'' ଏତିକି କହି କୌଣସି ବ୍ୟବସ୍ଥା କରିବାର ଉଦ୍ଦେଶ୍ୟ ନେଇ ନିବାରଣ ବାହାରକୁ ଚାଲିଗଲେ । ସାଧୁଦ୍ୱୟ ଗୃହକର୍ତ୍ତ୍ରୀ ନିର୍ମଳାଙ୍କୁ ଡାକି ଘରର ଭଲମନ୍ଦ ବିଷୟ ପଚାରି ବୁଝିଲେ । ଅସହାୟା ନିର୍ମଳା କାନ୍ଦି କାନ୍ଦି ସ୍ୱାମୀଙ୍କର ଅନାସକ୍ତ ଆଚରଣ ଓ ଘରର ଦାରିଦ୍ର୍ୟତା ସଂପର୍କରେ ସମସ୍ତ ବିବରଣୀ ଦେବା ସହ ସେହି ଦିନର ପରିସ୍ଥିତି ସଂପର୍କରେ ମଧ୍ୟ କହିଦେଲେ । ସାଧୁ ସାନ୍ତ୍ୱନା ଦେଇ କହିଲେ, ''ମା ! ବ୍ୟସ୍ତ ହୁଅ ନାହିଁ । ତୁମ୍ଭେମାନେ ତୁମର ପ୍ରେମଭାବରେ ଯେଉଁ ଖାଦ୍ୟ ଦେଇ ସାରିଲଣି, ସେଥିରେ ଆମର କ୍ଷୁଧା, ତୃଷ୍ଣା ମେଣ୍ଟି ଗଲାଣି । ଆମେ ସନ୍ତୁଷ୍ଟ । ତେଣୁ ସେ (ନିବାରଣ) ଫେରିବା ପୂର୍ବରୁ ଆମ୍ଭେ ଚାଲି ଯାଉଛୁ । ମନ ଦୁଃଖ କରନାହିଁ । ସେ ଫେରିଲେ କହିଦେବ, ଆମ୍ଭେ ଖାଇକରି ଯାଇଛୁ ।'' ନିର୍ମଳା ଏହାଶୁଣି ଆହୁରି ଅଧୈର୍ଯ୍ୟ ହୋଇ କାନ୍ଦିଲେ । ଏହି ସମୟରେ ନିବାରଣ ଭୋଜନ ପାଇଁ ସମସ୍ତ ସରଞ୍ଜାମ ଧରି ଉପସ୍ଥିତ ହେଲେ । ଆନନ୍ଦରେ ପତ୍ନୀ ନିର୍ମଳା ଆଉ ବିଳମ୍ବ ନ କରି ଭୋଜନ ପ୍ରସ୍ତୁତ କଲେ । କିନ୍ତୁ ଏ କ'ଣ ? ନିବାରଣ କାହାନ୍ତି ? ସାଧୁମାନେ ମଧ୍ୟ ଅପେକ୍ଷା କରି ରହିଛନ୍ତି, ନିବାରଣ ଆସିଲେ ତାଙ୍କ ସହ ଏକତ୍ର ଭୋଜନ କରିବେ ? ନିର୍ମଳା ବିବ୍ରତ ହୋଇଗଲେ । ଏପରି ପାଗଳ ସ୍ୱାମୀଙ୍କୁ ନେଇ କିଂ ସଂସାର କରିବେ ? ସାଧୁଙ୍କୁ ଘରେ ବସାଇଦେଲେ । ଖାଦ୍ୟ ସରଞ୍ଜାମ ଦେଇସାରି କେଉଁ ଆଡ଼େ ଚାଲିଗଲେ । ଯା ହେଉ, କିଛି ସମୟ ପରେ ନିବାରଣ ପହଞ୍ଚିଗଲେ । ହାତରେ ମାତ୍ର କେତୋଟି କଞ୍ଚାକଦଳୀ । ମନ ଦୁଃଖରେ କହିଲେ, ''ନିର୍ମଳା ! ବହୁଚେଷ୍ଟା କରି ଆଉ କିଛି ପାଇଲି ନାହିଁ । କେବଳ ଏଇ କଞ୍ଚା କଦଳୀ କେତୋଟି ପାଇଛି । ସେହି କଦଳୀକୁ ଆନନ୍ଦରେ ସିଦ୍ଧ କରି ସାଧୁଙ୍କୁ ଖାଇବାକୁ ଦିଅ । ବୋଧହୁଏ, ପ୍ରଭୁଙ୍କର ତାହାହିଁ ଇଚ୍ଛା ।'' ସ୍ୱାମୀକୁ କ'ଣ ପାଗଳ ବୋଲି କହୁଥିଲେ ? ନିଜେ ବାୟାଣୀ ପରି ସ୍ୱାମୀଙ୍କ ମୁହଁକୁ ଚାହିଁ ରହିଥିଲେ ନିର୍ମଳା । ତା'ହେଲେ ସ୍ୱାମୀଙ୍କର ରୂପନେଇ ଖାଦ୍ୟ ସରଞ୍ଜାମ ଦେଇଯାଇଥିବା ବ୍ୟକ୍ତି ଜଣକ କିଏ ?

କ୍ରମଶଃ...

ଅମୃତର ଧାରା ଝରାଇ ହାତରୁ
ଚାହିଁ ଛି ତୋତେ ମାଧବ ।
ବିଷପାନ କରି ତା' ନାମକୁ ଭୁଲି
ସୁଧା ଖୋଜୁ କିଏ ଦେବ ??

କାଳ ସ୍ରୁତ୍ର ଖେଳ ହେଲାଣି ପ୍ରବଳ
ଥଳକୂଳ ଆଉ ନାହିଁ ।
ଗୁରୁସେବି ମନ ସ୍ଥିର କର ଧନ
ନୋହିଲେ ରହିବୁ କାହିଁ ??

# ଉତ୍ତିଷ୍ଠତଃ ! ଜାଗ୍ରତଃ !!

*ପ୍ରେମ : ଏକ ଦୁର୍ଲ୍ଲଭ ଦିବ୍ୟଭାବ । ସକଳ ସ୍ୱର୍ଗୀୟ ଭାବସମ୍ଭାର ମଧ୍ୟରେ ଏହା ଦିବ୍ୟତମ । ଭଗବାନ ହିଁ ପ୍ରେମମୟ । ତେଣୁ ଭଗବତ୍ ପ୍ରାପ୍ତି ନିମନ୍ତେ ପ୍ରେମ ହିଁ ପ୍ରକୃଷ୍ଟ ପନ୍ଥା । ଯେଉଁଠାରେ ପ୍ରେମ ନାହିଁ, ସେଠାରେ ଭଗବତ୍ ପ୍ରକାଶ ନାହିଁ । ପ୍ରେମରେ କୌଣସି ଆବିଳତା ନଥାଏ । କାମନାଯୁକ୍ତ ଭଗବତ୍ ଭଜନ ହିଁ କପଟତା । ବାସନା ରହିତ ପ୍ରେମଭାବ ହିଁ ପରମାର୍ଥ ସାଧନା । କେବଳ ପ୍ରେମ ନିବେଦନରେ ଅସମ୍ଭବ ସମ୍ଭବ ହୋଇପାରିଥାଏ । ଦୁର୍ଲଭ ଭଗବତ୍ ପ୍ରାପ୍ତି ହୋଇ ପ୍ରେମାସ୍ପଦଙ୍କ ଚରଣାରବିନ୍ଦରେ ଆଶ୍ରୟ ମିଳିପାରେ । ସେହି ପ୍ରେମ ସଂପର୍କରେ ଏ ସଂଖ୍ୟାରେ ଆମର ତୃତୀୟ ଅର୍ଘ୍ୟ ।*

**ଚରମ : ଏକବିଂଶତିତମ ସଂଖ୍ୟାର ଅନୁବୃତ୍ତିରୁ :** **ପ୍ରେମ : ୩**

*''କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର ।*
*ଯାର ପ୍ରାପତି ପାଇଁ ଦେବତା ନର ।।''* (ଭକ୍ତକବି ମଧୁସୂଦନ ରାଓ)

ପ୍ରେମ ମଣିଷ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ, ଏକ ଚିରନ୍ତନ ଆବଶ୍ୟକତା । ପ୍ରେମର ଗୁରୁତ୍ୱ ଉପଲବ୍ଧି କରାଯାଇ, ପ୍ରେମକୁ ଭାରତୀୟ ସଭ୍ୟତା ଓ ସଂସ୍କୃତିରେ ଶ୍ରେଷ୍ଠସ୍ଥାନ ଦିଆଯାଇ ଅଛି । ପ୍ରେମ ଗୃହସ୍ଥାଶ୍ରମ ଗାର୍ହସ୍ଥ୍ୟଜୀବନର ପରିପୋଷକ ଏବଂ ଜୀବନର ପ୍ରଧାନ ନିବନ୍ଧନ । ସନାତନ ହିନ୍ଦୁଧର୍ମରେ ପ୍ରେମର ସ୍ୱରୂପ ସଂପର୍କରେ ଗର୍ଗ ସଂହିତା, ଉଜ୍ଜ୍ୱଳନୀଳମଣି, ରୂପଗୋସ୍ୱାମୀଙ୍କର ଭକ୍ତି ରସାମୃତ ସିନ୍ଧୁ, କୃଷ୍ଣଦାସ କବିରାଜଙ୍କର ଶ୍ରୀଚୈତନ୍ୟ ଚରିତାମୃତ ପ୍ରଭୃତିରେ ଯଥେଷ୍ଟ ଉଲ୍ଲେଖ ରହିଅଛି । ଆଧ୍ୟାତ୍ମିକ ଜଗତରେ ମଧ୍ୟ ପ୍ରେମ ହିଁ ଜୀବନର ଏକ ସଫଳ ଓ ସାର୍ଥକ ପର୍ଯ୍ୟାୟ । ବୈଷ୍ଣବ ସାହିତ୍ୟରେ ପ୍ରେମ ଅଚିନ୍ତ୍ୟ ଏବଂ ଅବ୍ୟକ୍ତ ରୂପେ ଗୃହୀତ । ବୈଷ୍ଣବ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଭାଷାରେ :

*''ଅପ୍ରାକୃତ ପ୍ରେମମୂର୍ତ୍ତି ଜୟ ରାଧାହରି ।*
*ଅବ୍ୟକ୍ତ ଲୀଳାକୁ ବ୍ୟକ୍ତ କର ଅବତରି ।।''* (ବିଦଗ୍ଧ ଚିନ୍ତାମଣି)

ଆଧ୍ୟାତ୍ମିକ ଜୀବନରେ ପ୍ରେମ ନିର୍ମଳ, ପବିତ୍ର, ଜ୍ଞାନମୟ, ଅବିନାଶୀ ଓ ଅକ୍ଷୟ । ଏହି ପ୍ରେମ ଆତ୍ମାର ନିକଟବର୍ତ୍ତୀ । ମଣିଷର ଅଧ୍ୟାତ୍ମ ଜୀବନ କ୍ଷେତ୍ରରେ ଚିନ୍ମୟ ସତ୍ତାର ଏହା ଏକ ବିକାଶ । ଏହା ଫଳରେ ବ୍ୟକ୍ତିର ମନ, ବୁଦ୍ଧି ଓ ବିବେକ ପ୍ରତ୍ୟେକ ଠାରେ ପ୍ରୀତିବିକାଶ ଲାଭକରେ । ଏତାଦୃଶ ଦିବ୍ୟପ୍ରେମ ଅତ୍ୟନ୍ତ ଉପଭୋଗ୍ୟ । ଚନ୍ଦ୍ରଠାରୁ ଏହା ଅଧିକ ଆହ୍ଲାଦମୟ । ସଚ୍ଚିଦାନନ୍ଦମୟ ପରଂବ୍ରହ୍ମଙ୍କର ସତ୍-ଚିତ୍-ଆନନ୍ଦ : ଏହି ତିନୋଟି ଗୁଣର ଶକ୍ତି ପ୍ରେମପ୍ରୀତିରେ ନିହିତ । ସେହି ତିନୋଟି ଚିନ୍ମୟା ଶକ୍ତି ହେଉଛି - ସନ୍ଧିନୀ, ସମ୍ବିଦିନୀ, ଆହ୍ଲାଦିନୀ । ପରମାତ୍ମା ଓ ଜୀବାତ୍ମାର ମିଳନ ସଦୃଶ ପ୍ରେମିକପ୍ରେମିକାଙ୍କର ମନ ଏକ ବିନ୍ଦୁରେ ଏକୀଭୂତ ହୁଏ । ଇନ୍ଦ୍ରିୟ ମାଧ୍ୟମରେ ଅତିନ୍ଦ୍ରିୟ ବ୍ରହ୍ମର ସନ୍ଧାନ ମିଳେ ।

ମଧ୍ୟଯୁଗରେ କଳାର ପରିପୋଷକ ରୂପେ ଗୃହୀତ ପ୍ରେମ ସୁରା ଓ ସାକୀର ପ୍ରାଧାନ୍ୟ ଭିତରେ ଅତିମାତ୍ରାରେ ଇନ୍ଦ୍ରିୟ ସର୍ବସ୍ୱ ହୋଇ ବହୁଳ ଭାବରେ ପାର୍ଥିବ ଓ ଇନ୍ଦ୍ରିୟ ସର୍ବସ୍ୱ ହୋଇପଡ଼ିଥିଲା । ବୈଷ୍ଣବ ଧର୍ମରେ ପ୍ରେମ ଅପ୍ରାକୃତତାକୁ ସ୍ପର୍ଶ କରି ପାରିଥିଲା । ଆଧ୍ୟାତ୍ମିକ ସାହିତ୍ୟ ପ୍ରେମର ଏ ପ୍ରକାର ଇନ୍ଦ୍ରିୟଗ୍ରାହ୍ୟ ରୂପ ମଧ୍ୟରୁ ଅତିନ୍ଦ୍ରିୟ ଅରୂପର ସନ୍ଧାନ ଲାଭ କରିବାରେ ସମର୍ଥ । ଆଧ୍ୟାତ୍ମିକ ସାହିତ୍ୟ ଇନ୍ଦ୍ରିୟ ସର୍ବସ୍ୱ ପ୍ରେମରେ ଆଦର୍ଶ ପ୍ରତିଷ୍ଠା କରିବାରେ ଯତ୍ନବାନ ହୋଇଛି । ତେଣୁ ଆଧ୍ୟାତ୍ମିକ ଜୀବନ ଓ ଜଗତର ପ୍ରେମ ଶାସ୍ତ୍ର ସମ୍ମତ ଓ ଶିଷ୍ଟାଚାର ସଂପନ୍ନ ହୋଇ ପାରିଛି ।

ପ୍ରେମର ପରିସ୍ଫୁଟନ ପାଇଁ ପ୍ରଥମେ ଆବଶ୍ୟକ ପୂର୍ବ ଅନୁରାଗ । ଏହା ସନାତନ ହିନ୍ଦୁଧର୍ମ ମତବାଦର ଆଶ୍ରୟୀ ହୋଇଥିବାରୁ ଅଧିକ ଯୁକ୍ତିଯୁକ୍ତ ଏବଂ ମନୋଜ୍ଞ । ଏହାଦ୍ୱାରା ଜନ୍ମଜନ୍ମାନ୍ତରବାଦର ବିଶ୍ୱାସ ସୂଚିତ ଓ ପ୍ରତିଷ୍ଠିତ । ଏହି ନୀତି ଉପରେ ଆଧ୍ୟାତ୍ମବାଦୀମାନେ ପ୍ରେମକୁ ଶାଶ୍ୱତ ଓ ପବିତ୍ର ରୂପ ଦେବାରେ ସଫଳ ହୋଇ ପାରିଛନ୍ତି । ସ୍ତର ପରେ ସ୍ତର, ପର୍ଯ୍ୟାୟକ୍ରମରେ ଗତି କରି ଏକ ପକ୍ଷରେ ପ୍ରେମ ଗାଢ଼ରୁ ଗାଢ଼ତର ଏବଂ ଅନ୍ୟପକ୍ଷରେ ଶ୍ରେଷ୍ଠରୁ ଶ୍ରେଷ୍ଠତର ହୋଇ ପାରିଛି ।

ଭାରତୀୟ ପୁରାଣ ସମୂହ ପ୍ରେମର ଗାଢ଼ତ୍ୱ ପ୍ରତିପାଦନ କରିବା ସଂଗେ ସଂଗେ ଏହା ଯେ ସ୍ୱର୍ଗୀୟ, ଚିନ୍ମୟ, ପବିତ୍ର ଓ ଶାଶ୍ୱତ ତାହା ମଧ୍ୟ ଉଲ୍ଲେଖ କରିଯାଇଅଛନ୍ତି । ପୂର୍ବାନୁରାଗରେ ପ୍ରେମର ପ୍ରଥମ ସୂତ୍ରପାତ ଘଟେ । ପର୍ଯ୍ୟାୟକ୍ରମେ ଶ୍ରବଣକୀର୍ତ୍ତନରେ ତାହା ଗାଢ଼ହୁଏ, ବିଗ୍ରହ ଦର୍ଶନରେ ଅଧିକ ଘନୀଭୂତ ହୋଇ ପତ୍ର ଆଦାନ ପ୍ରଦାନରେ ଆନ୍ତରିକତାର ସୂଚନା ଦିଏ । ମିଳନରେ ପ୍ରେମର ସ୍ଥାୟିତ୍ୱ ଓ ବିଚ୍ଛେଦରେ ପ୍ରେମର ପୂର୍ଣ୍ଣତା ପ୍ରତିପାଦିତ ହୋଇଥାଏ । ଆଦର୍ଶ ଦାମ୍ପତ୍ୟ ପ୍ରେମ ଅନ୍ତରର ମିଳନ ମାଧ୍ୟମରେ ପ୍ରକଟିତ । ଏକପତ୍ନୀବ୍ରତ ଓ ପବିତ୍ରତା ମଧ୍ୟରେ ଏହା ଉଦ୍ଭାସିତ । ବିଂଶ ଶତାବ୍ଦୀର ମନସ୍ତତ୍ତ୍ୱବିତ୍‌ମାନେ ପ୍ରେମ ବିଷୟରେ ଯେଉଁ ତଥ୍ୟସବୁ ପ୍ରକାଶ କରିଯାଇଛନ୍ତି, ଅନାବିଳ ଦାମ୍ପତ୍ୟ ପ୍ରେମର ଶ୍ରେଷ୍ଠଚିତ୍ରଶିଳ୍ପୀ ଭାରତୀୟ ପ୍ରାଚୀନ ଋଷିଗଣ ବହୁପୂର୍ବରୁ ତାହା ବିଭିନ୍ନ ଆଧ୍ୟାତ୍ମିକ ଗ୍ରନ୍ଥ ଓ ପୁରାଣ ମାନଙ୍କରେ ବର୍ଣ୍ଣନା କରିଯାଇଅଛନ୍ତି । ପ୍ରେମିକ-ପ୍ରେମିକା ପରସ୍ପର ପ୍ରଶଂସାଗାନ ଦ୍ୱାରା ପ୍ରେମକୁ ଚିରନ୍ତନ ଓ ଶାଶ୍ୱତ କରନ୍ତି । ସାମାଜିକ ଜୀବନରେ ପ୍ରେମର ଗୁରୁତ୍ୱକୁ ଯେପରି ପୂର୍ଣ୍ଣପ୍ରାଣରେ ସ୍ୱୀକାର କରାଯାଇଅଛି, ଆଧ୍ୟାତ୍ମିକ ଜୀବନରେ ଠିକ୍ ସେହିପରି ପ୍ରେମର ଶକ୍ତିକୁ ପୂର୍ଣ୍ଣ ପ୍ରାଣରେ ସମର୍ଥନ କରାଯାଇଅଛି । ପୁରୁଷ ଓ ନାରୀ ମଧ୍ୟରେ ଦୃଢ଼ ପ୍ରେମବନ୍ଧନ ହିଁ ସାଂସାରିକ ଜୀବନର ସକଳ ଅଗ୍ରଗତିର ମୂଳ କାରଣ । ପ୍ରେମର ଦୃଢ଼ତା ଓ ପବିତ୍ରତା ଅଭାବରୁ ସାମାଜିକ ଜୀବନର ସମସ୍ତ ଆନନ୍ଦ ଧୂଳିସାତ୍ ହୁଏ । ଫଳତଃ ପୁରୁଷ ବା ନାରୀ ହାହାକାର ମଧ୍ୟରେ ଜୀବନ ନିର୍ବାହ କରନ୍ତି । ପୁରୁଷ ଓ ନାରୀର ସଫଳ ସହଯୋଗରେ ସଂସାରର ପରିକଳ୍ପନା । ପରସ୍ପରର ପବିତ୍ର ମିଳନରେ ସ୍ୱର୍ଗୀୟ ଆନନ୍ଦ ଲାଭ ହୁଏ । ଜଣେ ଅନ୍ୟଜଣକର ଅଭାବରେ ଅସ୍ଥିର ହୋଇଉଠେ । ଏପରି ପ୍ରେମରେ ଉଚ୍ଛୃଙ୍ଖଳତାର ଲେଶ ମାତ୍ର ନାହିଁ, ନାହିଁ ଅସଂଯତ ବିକାଶ । ଭାରତୀୟ ସଭ୍ୟତା ଓ ସଂସ୍କୃତିର ପବିତ୍ର ଗାର୍ହସ୍ଥ୍ୟ ଜୀବନ ଆଧ୍ୟାତ୍ମିକ ପ୍ରେମନୀତି ଉପରେ ପ୍ରତିଷ୍ଠିତ ହୋଇଥିବାରୁ ତାହା ସକଳ କଳୁଷତା ଠାରୁ ବହୁ ଉର୍ଦ୍ଧ୍ୱରେ । ଦେହ ଓ ମନର ମିଳନରେ ପ୍ରେମର ପରିପୂର୍ଣ୍ଣତା ଓ ସାର୍ଥକତା । ଅବଶ୍ୟ ଏହା ଜାଗତିକ ଜୀବନର ଦ୍ୟୋତକ । ଗାର୍ହସ୍ଥ୍ୟ ଜୀବନରେ ଆଦର୍ଶ ଦାମ୍ପତ୍ୟ ସମ୍ବନ୍ଧ କେବଳ ମନର ମିଳନରେ ପରିପୂର୍ଣ୍ଣତା ଲାଭ କରେନାହିଁ । ସେଥିପାଇଁ ଦେହର ଆବଶ୍ୟକତା ମଧ୍ୟ ରହିଛି ।

ଦେହକୁ ବାଦ୍ ଦେଲେ ଦାମ୍ପତ୍ୟ ଜୀବନର ସମସ୍ତ ମଧୁମୟତା ନଷ୍ଟ ହୋଇଯାଏ । ଦେହ ଓ ମନ ଉଭୟ ପ୍ରକାର ମିଳନ ନହେଲେ, ସାଂସାରିକ ଜୀବନରେ ଯଥାର୍ଥ ପ୍ରେମ, ସ୍ନେହ ଓ ମମତା ସୃଷ୍ଟି ହୋଇପାରେ ନାହିଁ । ଆଧ୍ୟାତ୍ମିକ ଅନୁଭାବନାରେ ଆଧ୍ୟାତ୍ମିକ ଉନ୍ମେଷ ନିମନ୍ତେ ମଧ୍ୟ ଦେହର ଆବଶ୍ୟକତା ରହିଛି । ଦେହ ମାଧ୍ୟମରେ ହିଁ ଦେହାତୀତ ପ୍ରେମର କଳ୍ପନା କରାଯାଇଥାଏ । ସଗୁଣ ବ୍ରହ୍ମ ଉପାସନା ହିଁ ସାଂସାରିକ ଜୀବଗଣଙ୍କ ପାଇଁ ସହଜତମ ଉପାୟ । ସ୍ଥୂଳକୁ ମୂଳ ଭାବରେ ଧରି କ୍ରମଶଃ ସ୍ତରେ ସ୍ତରେ ଉପରକୁ ଉଠି ସୂକ୍ଷ୍ମସତ୍ତାକୁ ଉପଲବ୍ଧି କରାଯାଇପାରେ । ସଗୁଣ ବ୍ରହ୍ମ ଉପାସନା ମାଧ୍ୟମରେ କ୍ରମଶଃ ନିର୍ଗୁଣ ନିରାକାର ବ୍ରହ୍ମ ଉପଲବ୍ଧି ସମ୍ଭବପର ।

କବି ସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ ଭାଷାରେ –

''ପରମଦ୍ରବ୍ୟ ପୀରତି ପରମ ସୁଖ ସୁରତି
ରତିରୁ ଜାତ ପୀରତି, ପ୍ରୀତିରୁ ରତି ॥''

ବୈବାହିକ ଜୀବନର ନିର୍ଯ୍ୟାସରୁ ଭଗବତ୍ ପ୍ରେମ ସତ୍ତାର ଉପଲବ୍ଧି କରି ପ୍ରେମାନନ୍ଦ ଲାଭ କରିବା ଅବଶ୍ୟ ଏକ ସହଜ ଉପାୟ, ମାତ୍ର ଏହି ଉପାୟ ଓ ସୂତ୍ର ନଜାଣିଲେ ତାହା ଘୋର ଦୁର୍ବିପାକରେ ପରିଣତ ହୋଇ ଜୀବନକୁ ହାହୁତାଶମୟ କରି ତୋଳିବା ମଧ୍ୟ ଅସମ୍ଭବ ନୁହେଁ । ଏଥିପାଇଁ ଗୁରୁ ଗ୍ରହଣ କରି ଓ ଶ୍ରୀଗୁରୁଙ୍କର ଆଦେଶ ଉପଦେଶ ଅନୁଯାୟୀ ପବିତ୍ର ଦାମ୍ପତ୍ୟ ଜୀବନଚର୍ଯ୍ୟା କରିବା ଏକାନ୍ତ ଆବଶ୍ୟକ । ଦେହ ଓ ମନକୁ ଏକତ୍ର କରି ପ୍ରାଣ କେନ୍ଦ୍ରରେ ଆନନ୍ଦ ଉପଲବ୍ଧି ପୂର୍ବକ ଯେଉଁ ପ୍ରେମର ସୃଷ୍ଟିହୁଏ, ସେହି ଦିବ୍ୟପ୍ରେମକୁ ବିଭୁପ୍ରେମରେ ରୂପାନ୍ତର କରିବାର ମୌଳିକ ସୂତ୍ର ଜାଣିପାରିଲେ, ଗୁରୁଗ୍ରହଣ କରି ଗୁରୁଙ୍କର ଉପଦେଶ ମାନି ଦାମ୍ପତ୍ୟ ଜୀବନଯାପନ କରୁଥିବା ପ୍ରତ୍ୟେକ ଦମ୍ପତି ଅବଶ୍ୟ ପ୍ରେମମୟ ସଂପର୍କ ଓ ସମ୍ବନ୍ଧ ରକ୍ଷା କରି ପାରିବେ, ଏଥିରେ ସନ୍ଦେହ ନାହିଁ । ଏହି ପ୍ରେମ ଚିରସ୍ଥାୟୀ ହେଲେ, ସମାଜକୁ ସୁସନ୍ତାନ ଉପହାର ଦେବା ତାଙ୍କ ପକ୍ଷରେ ସମ୍ଭବପର ହୋଇପାରିବ । ବୈବାହିକ ଜୀବନ ସୁଖମୟ ହେବା ସହିତ ଦାମ୍ପତ୍ୟ ଜୀବନ ମଧ୍ୟ ସାର୍ଥକ ଓ ସଫଳ ହେବ । ତାଙ୍କରି ଜୀବନ ଚର୍ଯ୍ୟାରେ ପ୍ରେମ ହୋଇପାରିବ ମୂର୍ତ୍ତିମନ୍ତ । ଲୋକ ଦେଖାଣିଆ କପଟତାର ପୂର୍ଣ୍ଣ ସ୍ଥୂଳ ସଂପର୍କରେ ଏହି ସୂକ୍ଷ୍ମ ପ୍ରେମାନୁଭୂତି ଖୋଜିବା ନିରର୍ଥକ ସିନା !!

# ଜିଜ୍ଞାସା : ଜିଜ୍ଞାସୁ

*କ୍ଷିତିଜ୍ୟୋତିଃ ଆଶ୍ରମର ପ୍ରଥମ ପ୍ରଧାନାଚାର୍ଯ୍ୟ ପରମ ଶ୍ରଦ୍ଧେୟ ଦିବଂଗତ ଯତୀଶ ବାଙ୍କର ଶ୍ରୀଶ୍ରୀ ଠାକୁରଙ୍କ ସହିତ ନାନା ପ୍ରସଂଗରେ ଆଲୋଚନା ହିଁ "ଜିଜ୍ଞାସା : ଜିଜ୍ଞାସୁ" କ୍ରମରେ ପତ୍ରସ୍ଥ ହୋଇ ଆସୁଅଛି । ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମର ଏହି ଅନୁଚିନ୍ତାରେ ମନର ଅନେକ ସନ୍ଦେହ, ଦ୍ବନ୍ଦ୍ବର ସମାଧାନ ହୋଇ ଯୋଗମାର୍ଗରେ ଗତି କରିବାର ପଥ ପରିଷ୍କାର ହେବ ବୋଲି ଆମର ଦୃଢ଼ ବିଶ୍ୱାସ ।*

## ଚରମ ଏକ ବିଂଶତିତମ ସଂଖ୍ୟା ଉତ୍ତାରୁ :

ପ୍ରଶ୍ନ : ପ୍ରତୀକ୍ଷାରେ ଦେହ ମନ ଓ ଭାବର ଅସହ୍ୟ ଯନ୍ତ୍ରଣା ହୁଏ । ହୃଦୟ କିପରି ପରିପକ୍ୱ ହୁଏ ?

ଠାକୁରେ : ଯାହା ଚାହୁଁଛ ତାହା ହିଁ ଆତ୍ମଜ୍ଞାନ, ଆଉ ଆଦର୍ଶ । ଅନୁଧ୍ୟାନ କର, ଅନୁଶୀଳନ କର, ପରିପକ୍ୱତା କଣ ବୁଝିପାରିବ । ଆଦର୍ଶରେ ଟାଣ ରଖି ପ୍ରତୀକ୍ଷା କର ।

ପ୍ରଶ୍ନ : ଅହଂତତ୍ତ୍ୱର ସଂଜ୍ଞା କଣ ?

ଠାକୁରେ : ପ୍ରକୃତିଗଣ ସମାବେଶ ହୋଇ ସମଷ୍ଟିଗତ ଭାବରେ ଚୈତନ୍ୟଯୁକ୍ତ ହେଲେ ତହିଁରୁ ଅହଂତତ୍ତ୍ୱର ଜାଗୃତି ଆସେ । ଏହି ଜାଗୃତି ତତ୍ତ୍ୱଟି ଜାଗତିକ ସମସ୍ତ ଭୌତିକ ପଦାର୍ଥର ସଂଗ୍ରାହକ । ପ୍ରକୃତିଗଣଙ୍କର ସହଯୋଗ ହୋଇ ସଂଗୃହୀତ ପଦାର୍ଥକୁ ନିଜର ବୋଲି ଦାବି କରିଥାଏ ।

ପ୍ରଶ୍ନ : ଭଲ ଭାବରେ ବୁଝିହେଉନାହିଁ । ଉଦାହରଣ ସହ ବୁଝାଇ କୁହନ୍ତୁ ।

ଠାକୁରେ : ପ୍ରାୟ ତୁମ୍ଭେମାନେ ଲକ୍ଷ୍ୟ କରିଥିବ, ଯଦି ଜଣଙ୍କର ମୁଣ୍ଡବିନ୍ଧାଥାଏ, ତେବେ ସେ କହେ, ମୋ ମୁଣ୍ଡ ବିନ୍ଧୁଛି । ଏଠାରେ ମୁଣ୍ଡ ବିନ୍ଧୁଛି, କିନ୍ତୁ ଆଉ ଗୋଟିଏ ତତ୍ତ୍ୱ କହୁଛି "ମୋ ମୁଣ୍ଡ ବିନ୍ଧୁଛି" । ଏହି ଭିନ୍ନ ତତ୍ତ୍ୱଟି କଣ ? ଏହି ଭିନ୍ନ ତତ୍ତ୍ୱଟି ହେଉଅଛି ଅହଂ । ଯାହାର ନିଜସ୍ୱ କୌଣସି ସ୍ୱତନ୍ତ୍ର ବୃତ୍ତି ନଥାଇ ପ୍ରକୃତିମାନଙ୍କର ବୃତ୍ତିରୁ ଉତ୍ପନ୍ନ ଭୋଗାଭୋଗକୁ ନିଜର ବୋଲି କହିଥାଏ । ଯେ ନିଜେ କିଛି ନ କରି ସବୁ କାମକୁ ନିଜର ବୋଲି ଦାବିକରେ, ଯାହାର ନିଜର କିଛି ସ୍ୱଭାବ ଓ ରୁଚି ନଥାଇ ସମସ୍ତ ପ୍ରକୃତିଗଣଙ୍କର ସ୍ୱଭାବ ଓ ରୁଚିକୁ ନିଜର ରୁଚି ବୋଲି କହି, ମୁଁ ଆଉ ମୋର ଶବ୍ଦ ବ୍ୟବହାର କରି ନିଜକୁ ସୂଚାଇ ଥାଏ । ଏହି ଉପରେ ବର୍ଣ୍ଣିତ ମୁଁ ଆଉ ମୋର ଶବ୍ଦରୁ ଅହଂତତ୍ତ୍ୱକୁ ଚିହ୍ନିପାରିବା ।

ପ୍ରଶ୍ନ : ଅହଂ ଜ୍ଞାନ କ'ଣ ? ଯାହାକୁ ସଙ୍ଗତି ଉପରେ ପ୍ରୟୋଗ କରିବାକୁ ବାରଣ କରିଛନ୍ତି ।

ଠାକୁରେ : ପ୍ରକୃତି ଅଷ୍ଟଧା । ତନ୍ମଧ୍ୟରୁ ପାଞ୍ଚଟି ଦୃଶ୍ୟ ବା ବାହ୍ୟ ପ୍ରକୃତି, ଯଥା– ପଞ୍ଚଜ୍ଞାନେନ୍ଦ୍ରିୟ । ଅବଶିଷ୍ଟ ଅଦୃଶ୍ୟ ବା ଅନ୍ତଃପ୍ରକୃତି । ଏହି ତିନୋଟି ଅନ୍ତଃପ୍ରକୃତି ମଧ୍ୟରୁ ଅହଂ ତତ୍ତ୍ୱ ହେଉଛି ଗୋଟିଏ । ଯିଏକି ପରକୁ ଆପଣାର କରିନିଏ । ପଞ୍ଚଜ୍ଞାନେନ୍ଦ୍ରିୟମାନେ ଭୋଗ ପଦାର୍ଥରେ ଜ୍ଞାନ ଜନ୍ମାନ୍ତି । ସେମାନେ ସ୍ୱତଃ କ୍ଷୁଧିତ ହୋଇ ଗ୍ରହଣ ସମୟରେ ଯେଉଁ ଜ୍ଞାନ ଜନ୍ମାନ୍ତି ସେହି ଜ୍ଞାନକୁ ଅହଂତତ୍ତ୍ୱ ନିଜର ସ୍ୱଧର୍ମବଳରେ ତହିଁରେ ଯୋଗହୋଇ ଇନ୍ଦ୍ରିୟଉପଲବ୍ଧ ଜ୍ଞାନକୁ ନିଜର ବୋଲି ଦାବି କରି ତହିଁରେ ବଶୀଭୂତ ହୋଇଥାଏ । ଏହି ଇନ୍ଦ୍ରିୟମାନଙ୍କ ଦ୍ୱାରା ବିଷୟ ଭୋଗରୁ ଯେଉଁ ଜ୍ଞାନ ଉପଲବ୍ଧି ହେଲା ସେହି ଜ୍ଞାନ ଅହଂଜ୍ଞାନର କାରଣ ହୋଇଥାଏ । ଯାହାକୁ ଦାବିକରି ମାନ, ମାନ୍ୟତାର ପ୍ରଶ୍ନ ଉଠେ ଓ ଅହଂକାର ସୃଷ୍ଟି ହୋଇଥାଏ ।

ପ୍ରଶ୍ନ : ଦୟାକରି ଉଦାହରଣଟିଏ ଦେଲେ ଭଲଭାବରେ ବୁଝିପାରନ୍ତୁ ।

ଠାକୁରେ : ପ୍ରକୃତିମାନଙ୍କର ସମସ୍ତ କାର୍ଯ୍ୟ, ଅହଂ ତତ୍ତ୍ୱରେ କାରଣ ରୂପରେ ପ୍ରତିବିମ୍ବିତ ହେବାରୁ ତହିଁରୁ ଯେଉଁ ପ୍ରତିକ୍ରିୟା ସୃଷ୍ଟି ହୁଏ, ସେହି ପ୍ରତିକ୍ରିୟା ଅହଂରେ କାରଣ ରୂପରେ ପ୍ରତିଭାତ ହୁଏ । ଏହି କାରଣକୁ ଅହଂକାରର ରୂପ ଦିଆଯାଏ । ଅହଂପ୍ରକୃତିର କାର୍ଯ୍ୟକୁ କାରଣ ଭାବରେ ଗ୍ରହଣ କରି ତହିଁରେ ସାମିଲ ହୋଇ ଅହଂକାରୀତାର ବାକ୍ୟମାନ ପ୍ରକାଶ କରିଥାଏ । ଯଥା- ମୁଁ ପାଞ୍ଚପ୍ରକାର ତରକାରୀ ନହେଲେ ଖାଏ ନାହିଁ । ଏଠାରେ ଖାଏ କିଏ ? ପ୍ରକୃତିମାନଙ୍କର କ୍ଷୁଧାରୁ ଜୀବ ଖାଦ୍ୟ ଗ୍ରହଣ କରେ କିନ୍ତୁ ବ୍ୟକ୍ତି କହେ ମୁଁ ଖାଏ ନାହିଁ । ଏହି 'ମୁଁ' ଶବ୍ଦଟି ହେଉଛି ଅହଂତତ୍ତ୍ୱ । ସେ ପ୍ରକୃତିର ବିଷୟ ଭୋଗରେ ସାମିଲ ହୋଇ ମୁଁ ଖାଉଛି ବା ମୁଁ ଖାଏନି ବୋଲି ପ୍ରକାଶ କରିଥାଏ ।

ପ୍ରଶ୍ନ : ଅହଂ ତତ୍ତ୍ୱ 'ମୁଁ' ଶବ୍ଦ ଦ୍ୱାରା ନିଜକୁ ସୂଚାଉବାର କିଛି ସ୍ୱତନ୍ତ୍ର କାରଣ ଅଛି କି ?

ଠାକୁରେ : ପ୍ରତ୍ୟେକ ଶବ୍ଦ ସ୍ଥଳ ବିଶେଷରେ ଅନେକଭାବ ସୃଷ୍ଟି କରିଥାଏ । ଶାସ୍ତ୍ରରେ ଅନେକ ସ୍ଥାନରେ ଅହଂ ବ୍ରହ୍ମ ବୋଲି କୁହାଯାଇ ଅଛି ଅର୍ଥାତ୍ ମୁଁ ସେହି ବ୍ରହ୍ମ । ପୁନଶ୍ଚ ବ୍ରହ୍ମକୁ ଏକାକ୍ଷର ବା ଓଁ ରୂପକ ଶବ୍ଦଦ୍ୱାରା ସୂଚିତ କରାଯାଇଅଛି । ଏହି ଓଁ ତିନୋଟି ଅକ୍ଷରର ସମାହାର । ଯଥା ଅ, ଉ, ମ । ଓଁ ଉଚ୍ଚାରଣ କରିବା ମାତ୍ରେ ତାହା ବ୍ରହ୍ମ ସୂଚକ ଶବ୍ଦ ରୂପରେ ପ୍ରତିତ ହୁଏ । ଏଣୁ ଓଁକାର, ବ୍ରହ୍ମବାଚକ ଶବ୍ଦ । ଅହଂତତ୍ତ୍ୱ ବ୍ରହ୍ମର କ୍ଷରିତ ଅଂଶ ହୋଇଥିବାରୁ ଓଁ ଶବ୍ଦର ବିନ୍ୟାସକୁ ଓଲଟାଇ ଦିଆଯାଇଅଛି । ଯଥା, 'ମୁଁ' ର ଅକ୍ଷରତତ୍ତ୍ୱକୁ ଯଦି ବିଚାର କରାଯିବ ତାହା ହେଲେ ତା ମଧ୍ୟରୁ ପ୍ରଥମେ 'ମୁଁ', ତାପରେ 'ଉ' ଏବଂ ଚନ୍ଦ୍ରବିନ୍ଦୁରୁ 'ଅ'ର ଅକ୍ଷରତତ୍ତ୍ୱ ବାହାରିବ । ଏଣୁ 'ଓଁ' ର ଅକ୍ଷର ତତ୍ତ୍ୱ ଓ 'ମୁଁ' ର ଅକ୍ଷରତତ୍ତ୍ୱ ସମାନ ଆସିବ, ମାତ୍ର ଅକ୍ଷର ଗୁଡ଼ିକର ସଂଯୋଗର ବିନ୍ୟାସ ଶୈଳୀରେ ଓଲଟପାଲଟ ହୋଇଥିବାରୁ ଅ, ଉ, ମ କୁ 'ଓଁ' ଏବଂ ମ, ଉ, ଅକୁ 'ମୁଁ' ରୂପରେ ଉଚ୍ଚାରଣ କରାଯାଇଥାଏ ।

ପ୍ରଶ୍ନ : 'ଅହଂ' ତତ୍ତ୍ୱ କ'ଣ ବ୍ରହ୍ମତତ୍ତ୍ୱ ଅଟେ ?

ଠାକୁରେ : ଶାସ୍ତ୍ର ତ କହିଛି 'ଅହଂ' 'ବ୍ରହ୍ମ' ବୋଲି ।

ପ୍ରଶ୍ନ : ତାହା ହେଲେ ଏହି 'ମୁଁ'କାର କଣ ବ୍ରହ୍ମତତ୍ତ୍ୱ ?

ଠାକୁରେ : ବ୍ରହ୍ମ ଜୀବଲୋକରେ 'ମୁଁ' ଆଉ ବ୍ରହ୍ମଲୋକରେ 'ଓଁ' ।

ପ୍ରଶ୍ନ : ଜୀବ ଯଦି ବ୍ରହ୍ମର ଅଂଶ, ସେ ତେବେ ବ୍ରହ୍ମକୁ ଅନୁଭବ କରିପାରୁ ନାହିଁ କାହିଁକି ?

ଠାକୁରେ : ଏହାର କାରଣ ହେଉଛି, ଶବ୍ଦ ବିନ୍ୟାସକୁ ଲକ୍ଷ୍ୟ କଲେ ତୁମେ ଜାଣିପାରିବ । ଶବ୍ଦ ବିନ୍ୟାସ ଓଲଟ ପାଲଟ ହୋଇଯାଇଛି, ବ୍ରହ୍ମରୁ କ୍ଷରିତ ହୋଇ ଜୀବଲୋକରେ 'ମୁଁ' କାର ତତ୍ତ୍ୱରୁ ପ୍ରଥମେ 'ମ' କାର ଅର୍ଥାତ୍ ତମ ଗୁଣ, ଦ୍ୱିତୀୟରେ 'ଉ' କାର ଅର୍ଥାତ ରଜଗୁଣ ଶେଷରେ ହେଲା 'ଅ' କାର ସତ୍ତ୍ୱଗୁଣକୁ ଧାରଣ କରିଅଛି । ଏଣୁ ଜୀବ ଜନ୍ମନେବା ମାତ୍ରେ 'ମ' କାର ତତ୍ତ୍ୱକୁ ଧାରଣ କରେ । ଯଦି ସେ ଗୁରୁଗ୍ରହଣ କରି, ଗୁରୁଙ୍କ ବାକ୍ୟକୁ ପାଳନ କରି ସାଧନ ସୂତ୍ରଦ୍ୱାରା ଅକ୍ଷର ତତ୍ତ୍ୱକୁ ବଜାଇ ରଖି ବିନ୍ୟାସକୁ ଓଲଟାଇ ଦିଏ ତାହାହେଲେ 'ମୁଁ' କାର 'ଓଁ' କାରରେ ରୂପାନ୍ତରିତ ହୁଏ । ସେତେବେଳେ ଜୀବ ଅହଂକାରକୁ ଅନୁଭବ ନ କରି ଓଁ କାର ବ୍ରହ୍ମକୁ ଅନୁଭବ କରିପାରିବ । ଏଥିପାଇଁ ସାଧନ ଦରକାର ।

ପ୍ରଶ୍ନ : ଅହଂ ଯଦି ବ୍ରହ୍ମର ଅଂଶ ତାହାହେଲେ ଅହଂ ଜ୍ଞାନ ଓ ବ୍ରହ୍ମଜ୍ଞାନ ମଧ୍ୟରେ କଣ ପାର୍ଥକ୍ୟ ଅଛି ?

ଠାକୁରେ : ପାର୍ଥକ୍ୟ ନିଶ୍ଚୟ ଅଛି । ଅହଂଜ୍ଞାନ ବ୍ୟକ୍ତି କଲ୍ୟାଣ ଓ ବ୍ରହ୍ମଜ୍ଞାନ ଜଗତ କଲ୍ୟାଣ ।

ପ୍ରଶ୍ନ : ବ୍ୟକ୍ତି କଲ୍ୟାଣକୁ ଛାଡ଼ି ଜଗତକଲ୍ୟାଣ କରାଯାଇ ପାରିବକି ?

ଠାକୁରେ : ନାହିଁ, ଏହା ହୋଇପାରିବ ନାହିଁ । କାରଣ ବ୍ୟକ୍ତିକୁ ବାଦ୍‌ଦେଇ ଜଗତର କିଛି ଅର୍ଥନାହିଁ । ସମସ୍ତ ବ୍ୟକ୍ତିର ସମଷ୍ଟି ହିଁ ଜଗତ । ବ୍ୟକ୍ତି କଲ୍ୟାଣ, ଜଗତକଲ୍ୟାଣ ଗୋଟିଏ ସୂତାର ଦୁଇଟି ମୁଣ୍ଡପରି । ବ୍ୟକ୍ତିକୁ ବାଦ୍‌ଦେଲେ ଜଗତ ତିଷ୍ଠି ରହିପାରିବ ନାହିଁ । ଉଭୟର କଲ୍ୟାଣ ଦରକାର । ତେଣୁ ବ୍ୟକ୍ତିକୁ ନେଇ ଜଗତ ଓ ଜଗତକୁ ନେଇ ବ୍ୟକ୍ତି ।

ପ୍ରଶ୍ନ : ବ୍ୟକ୍ତି କଲ୍ୟାଣ ଅହଂସର୍ବସ୍ୱ ହୋଇଥିବାରୁ ଆଶାସକ୍ତ ହୁଏ, କିନ୍ତୁ ଜଗତକଲ୍ୟାଣ ବ୍ରହ୍ମସର୍ବସ୍ୱ ହୋଇଥିବା ଦୃଷ୍ଟେ ଅନାସକ୍ତ ହୁଏ । ଆସକ୍ତ ଓ ଅନାସକ୍ତ ଏହି ଦୁଇଭାବ ପରସ୍ପରର ବିରୋଧି ନୁହେଁ କି ?

ଠାକୁରେ : ନାଁ ବିରୋଧି ନୁହେଁ, ବରଂ ସମନ୍ୱୟ ବୋଲି କୁହ ।

ପ୍ରଶ୍ନ : କିପରି ଏହା ସମ୍ଭବ ? ଅନ୍ଧକାର କଣ ଆଲୋକର ବିରୋଧି ନୁହେଁ ?

ଠାକୁରେ : ଅନ୍ଧକାର ଆଲୋକର ବିରୋଧି ନୁହେଁ, ପରନ୍ତୁ ସହଯୋଗୀ । ଅନ୍ଧକାର ଓ ଆଲୋକ ଲଗାଲଗି ହୋଇ ସର୍ବଦା ଯୋଗ ହୋଇ ରହିନାହାଁନ୍ତି କି ! ଏହା ଯୋଗହୋଇ ରହିଥିବାରୁ ଆମ୍ଭେ କହୁଛୁ ପରସ୍ପର ପରସ୍ପରର ସହଯୋଗୀ । ଠିକ୍ ସେହିପରି ଅହଂଜ୍ଞାନ ଓ ବ୍ରହ୍ମଜ୍ଞାନ ପରସ୍ପର ସହଯୋଗୀ ।

ପ୍ରଶ୍ନ : ତାହାହେଲେ ଦଶମୋଦକରେ ଅହଂଜ୍ଞାନ ପ୍ରୟୋଗ କରିବାକୁ ବାରଣ କରିଛନ୍ତି କାହିଁକି ?

ଠାକୁର : ଏଠାରେ ଏକ ଚାଟିଆ ଭାବରେ କୌଣସି ବିଷୟରେ ଅହଂଜ୍ଞାନ ପ୍ରୟୋଗ କରିବାକୁ ବାରଣ କରାଯାଉଅଛି । କାରଣ ତାହାହେଲେ ଏହା ବିଷୟର ବିରୋଧି ହୋଇଯାଏ, ଠିକ୍ ସେହିପରି ମଧ୍ୟ କୌଣସି ବିଷୟରେ ଏକଚାଟିଆ ଭାବରେ ବ୍ରହ୍ମଜ୍ଞାନ ଯଦି ପ୍ରୟୋଗ କରାଯାଏ ତାହା ମଧ୍ୟ ବିରୋଧି ହୋଇଯାଏ । ଏଣୁ ପରସ୍ପର ସମନ୍ୱୟ ଭାବନେଇ ଯିବାକୁ ହୁଏ ।

ପ୍ରଶ୍ନ : ପ୍ରଭୋ ! ତେବେ ଏହି ସମନ୍ୱୟ ଭାବର ସୂତ୍ର କଣ ?

ଠାକୁର : ପ୍ରୟୋଗର କୌଶଳତା ।

ପ୍ରଶ୍ନ : ଏହି କୌଶଳତାକୁ କିପରି ଜାଣିବୁ ?

ଠାକୁରେ : ବ୍ୟାକୁଳତାରେ ଓ ଜାଣିବାରେ ଇଚ୍ଛାଥିଲେ ତ ନିଶ୍ଚିତ ଜାଣି ପାରିବ ।

କ୍ରମଶ:....

ଚାହୁଁ ଚାହୁଁ ତୋର ବେଳ ବୁଡ଼ିବ
ସବୁ ବଡ଼ପଣ ଦୂର ହୋଇବ ।
ମନ ମଧ୍ୟେ ବୀଜମନ୍ତ୍ରକୁ ହେଜ ।
ସଦ୍‌ଗୁରୁ ସେବି ମନରେ ଭଜ ।।

ହରି ଧର୍ମବୃକ୍ଷ ଶାଖା ତା' ଶାଖା
ଶାଖାରେ ନ ମିଳେ ତୁମର ଦେଖା ।
ଶାଖା ଛାଡ଼ି ବୁଲୁ ଫିରିକି ପରି
କାଳ ଆସିଲାଣି ଯିବୁରେ ସରି ।।

# ସମ୍ଭବାମି ଯୁଗେ ଯୁଗେ ରତ୍ନବେଦୀ



## ଜନନୀ : ଜଠର : ଜରାୟୁ

''ଜନନୀ, ଜଠର, ଜରାୟୁ । ପୃଥ୍ୱୀ ଆକାଶ ତେଜ ବାୟୁ ॥
ଆପ ସହିତେ ପଞ୍ଚଭୂତ । ଘେନି ଏ ଶରୀର ସମ୍ଭୁତ ॥''

*ଜନନୀ, ଜଠର, ଜରାୟୁର କାରାଗାରରେ ପଞ୍ଚଭୂତର ଶରୀର ଧରି ବନ୍ଦୀ ପୁରାଣ ପୁରୁଷଙ୍କର ସଦା ସଚେତନତାରେ ସୂକ୍ଷ୍ମ ଅନୁଭୂତିର ସମ୍ପଦ 'ସମ୍ଭବାମି ଯୁଗେ ଯୁଗେ' ସ୍ତମ୍ଭରେ କ୍ରମଶଃ ସ୍ପଷ୍ଟରୁ ସ୍ପଷ୍ଟତର ହୋଇ ତତ୍ତ୍ୱର ଉଜ୍ଜ୍ୱଳ ଜ୍ଞାନ ବର୍ତ୍ତିକା ପ୍ରଦର୍ଶନ କରୁଛି । ତତ୍ତ୍ୱଜିଜ୍ଞାସୁ ଜ୍ଞାନୀ ପୁତ୍ରମାନଙ୍କ ଯୋଗତତ୍ତ୍ୱଜ୍ଞାନ ଭଣ୍ଡାରକୁ ଋଦ୍ଧିମନ୍ତ କରି ସରଳ, ସାବଲୀଳ ଶୈଳୀରେ ତତ୍ତ୍ୱଜ୍ଞାନ ମନ୍ଦାକିନୀ ସ୍ୱଚ୍ଛପୂତ ସ୍ରୋତରେ ଶତସହସ୍ର କଲ୍ଲୋଳର ସମ୍ଭାର ନେଇ ଚରମ ପୃଷ୍ଠାକୁ ପବିତ୍ର କରୁଛି ।*

### ଚରମ : ପଞ୍ଚମପୁଷ୍ପ : ଦ୍ୱିତୀୟ ପାଖୁଡ଼ା : ଏକବିଂଶ ସଂଖ୍ୟା ଅନୁଶ୍ରୁତିରୁ...

### (୫) ଜ୍ଞାତସାର କର୍ମ :

### (୪୦) ରଜ୍ଜୁଗୁର୍ଜ୍ଜରୀ କୋଷ :

ଜୀବର ସମସ୍ତ ଜ୍ଞାତସାର କର୍ମ ପାଇଁ ରଜ୍ଜୁଗୁର୍ଜ୍ଜରୀ କୋଷ ମୁଖ୍ୟତଃ ଦାୟୀ ହୋଇଥାଏ । ଜୀବ ଯେତେବେଳେ ଯେଉଁ କର୍ମ କରିବାକୁ ଇଚ୍ଛା ପ୍ରକାଶ କରେ, ସେତେବେଳେ ଉକ୍ତ କୋଷ, ହେବାକୁ ଯାଉଥିବା କର୍ମର କାରଣ ଓ କର୍ମ ସଂଗଠନର ପରବର୍ତ୍ତୀ ଅବସ୍ଥାକୁ ସଯତ୍ନେ ସ୍ମରଣ କରାଇ ଦେଇ କର୍ମ ପ୍ରେରଣା ଯୋଗାଇ ଦିଏ । କିନ୍ତୁ କୌଣସି ଉନ୍ନତ କର୍ମ ପାଇଁ ଆକାଂକ୍ଷା, ବିଚାରଧାରା ଯୋଗାଇବାକୁ ଅକ୍ଷମ ହୋଇଥାଏ । ଧୀଶକ୍ତି, ବୁଦ୍ଧି, ବିବେକର ପରିପୁଷ୍ଟତା ଓ ପ୍ରୟୋଗ ପାଇଁ ମଧ୍ୟ ଉକ୍ତ କୋଷ ସକ୍ଷମ ହୋଇ ପାରେନାହିଁ । ତେଣୁ ଜୀବ ତାର ଜ୍ଞାତସାରରେ କେବଳ ନିତ୍ୟ ନୈମିତ୍ତିକ କ୍ରିୟା ଯଥା : ଖାଇବା, ଶୋଇବା ଏବଂ ଜୀବନ ଧାରଣ ପାଇଁ କେତୋଟି ସାଧାରଣ କର୍ମ ବ୍ୟତୀତ ଅନ୍ୟ କୌଣସି କର୍ମ ପାଇଁ ଉତ୍ସାହ ପାଇପାରେ ନାହିଁ । ମାତ୍ର ଗତିଶୀଳ ଅବସ୍ଥାରେ କୋଷଟି ଯେଉଁ ସମୟରେ ମନୁଷ୍ୟ ସହ ଯୁକ୍ତ ହୋଇ ନାଭିଚକ୍ରରେ ଥିବା ଆଭିଣୀ କୋଷ ଗୃହରେ କ୍ରମାଗତ ଏକ ସପ୍ତାହ ଅବସ୍ଥାନ କରେ, ସେ ସମୟରେ ପରିପୁଷ୍ଟ ହୋଇଯାଏ ଓ ଶକ୍ତିପ୍ରାପ୍ତ ହୋଇଯାଏ । ଏହି ଅବସ୍ଥାରେ କୋଷଟି ଜୀବର ସମସ୍ତ କର୍ମ ପ୍ରବାହକୁ ନିୟନ୍ତ୍ରଣ କରିବାକୁ ସକ୍ଷମ ହୁଏ । କରଣୀୟ ସମସ୍ତ କର୍ମର ବିଶଦ ବିବରଣୀ ସ୍ମୃତିପଟରେ ସାଇତି ରଖିଦିଏ ଓ ଆବଶ୍ୟକ ସ୍ଥଳେ ଜୀବକୁ ଚେତାଇଦିଏ । କାର୍ଯ୍ୟ ସମାହିତ ହେବା

ପୂର୍ବରୁ ବା ପରେ ଯଦି କୋଷଟି ମନୁଷ୍ୟ ସହ ଯୁକ୍ତ ହୋଇନଥାଏ ବା ଯୁକ୍ତ ହୋଇ ଅତିକମ୍‌ରେ ଏକ ସପ୍ତାହ ଆଭିଣୀଗୃହରେ ଅବସ୍ଥାନ କରି ନଥାଏ, ତେବେ କର୍ମ ସ୍ମୃତି ଅଧିକ ଦିନ ସ୍ମରଣରେ ରହେନାହିଁ । କେବଳ ସେତିକି ନୁହେଁ ଉପରବର୍ଣ୍ଣିତ କୋଷ ମିଶ୍ରିତ କ୍ରିୟା ଆଭିଣୀ ଗୃହରେ ସ୍ଥିତାବସ୍ଥା ଯଦି ସଂଗଠିତ ନହୁଏ, ତେବେ ଜୀବ କରିଥିବା, କରୁଥିବା କର୍ମ ସଂପର୍କରେ ସଂପୂର୍ଣ୍ଣ ଅବଗତ ଥିଲେ ମଧ୍ୟ ଭଲମନ୍ଦ, ଭୁଲଠିକ୍ ଆଦି ନିର୍ଯ୍ୟାସରେ ଉପନୀତ ହୋଇପାରେ ନାହିଁ, ତେଣୁ ଜ୍ଞାତସାରରେ ଅନେକ କୁକର୍ମ କରୁଥିଲେ ମଧ୍ୟ ତାର ଫଳାଫଳ ପାଇଁ ଗୁରୁତ୍ୱ ଦେଇପାରେ ନାହିଁ । ସେ ସମୟରେ ଚତୁର ଏହି ରଜ୍ଜୁଗୁର୍ଜରୀ କୋଷ ଆଭିଣୀ ଗୃହରେ ଅବସ୍ଥାନ କରି ନଥିବାରୁ ଉପଯୁକ୍ତ ଚେତନା ଦେଇନପାରି ଜୀବର କର୍ମ ପ୍ରବାହ ଓ ତା'ର ସମ୍ଭାବ୍ୟ ଫଳାଫଳ ଭୋଗ କରାଇବା ପାଇଁ ସ୍ନାୟୁ ସାହାଯ୍ୟରେ ନାଦଗର୍ଦ୍ଦଣ କୋଷକୁ ପ୍ରେରଣା କରାଇଦିଏ । ସେଠାରେ ସମସ୍ତ ବିବରଣୀ ଗଚ୍ଛିତ ରହି ସ୍ଥଳ ବିଶେଷରେ ଫଳାଫଳ ଭୋଗପାଇଁ ପଥ ପ୍ରସ୍ତୁତ ହୋଇଯାଏ । ମନୁଷ୍ୟ ସହ ମିଳିତ ହୋଇ ଆଭିଣୀଗୃହରେ ଅବସ୍ଥାନ କଲେ ଆଭିଣୀ କୋଷ ସମସ୍ତ ସ୍ମୃତି ଗ୍ରହଣ କରିନିଏ ଓ ଉପଯୁକ୍ତ ସମୟରେ ନାଦଗର୍ଦ୍ଦଣ କୋଷ ସହାୟତାରେ ଭୋଗାଭୋଗ କରାଇଥାଏ ।

ଉନବିଂଶ ସଂଖ୍ୟା 'ଚରମ'ର ଏହି ସ୍ତମ୍ଭରେ ''ଆଭିଣୀକୋଷ'' ସଂପର୍କରେ ସ୍ପଷ୍ଟ ସୂଚନା ପ୍ରଦାନ କରାଯାଇଅଛି । ଏହି ଗୁରୁତ୍ୱପୂର୍ଣ୍ଣ କୋଷଟି ଜୀବର ନାସା, କର୍ଣ୍ଣ, ଚକ୍ଷୁ, ମୁଖ ଓ ପ୍ରାଣଶକ୍ତିର ଭିତ୍ତିସ୍ତମ୍ଭ ନିର୍ମାଣ କରି ସେଥିରେ ବିନ୍ଦୁବନ୍ଧୁରୀ କୋଷ ସାହାଯ୍ୟରେ ଶକ୍ତି ରୋପଣ କରେ । ପିଣ୍ଡର ଖାଦ୍ୟ ନିରୂପଣ ଓ ଖାଦ୍ୟରୁ ଉତ୍ପନ୍ନ ଶକ୍ତି ମଧ୍ୟ ଏହି କୋଷ ସାହାଯ୍ୟରେ ଶକ୍ତି ରୋପଣ କରେ । ପିଣ୍ଡର ଖାଦ୍ୟ ନିରୂପଣ ଓ ଖାଦ୍ୟରୁ ଉତ୍ପନ୍ନ ଶକ୍ତି ମଧ୍ୟ ଏହି କୋଷ ମାଧ୍ୟମରେ ହୋଇଥାଏ । ନାଭିଚକ୍ରରେ ରହି ପିଣ୍ଡକୁ ମାତ୍ରା ଓ ଯନ୍ତ୍ରଦ୍ୱାରା ବ୍ରହ୍ମଙ୍କ ଠାରୁ ଶକ୍ତି ଆଣି ଚିତ୍ତ ଚୈତନ୍ୟ ରାଜ୍ୟରେ ସ୍ମରଣଶକ୍ତି ରୋପଣ କରି ପିଣ୍ଡର ପୂର୍ବାପର କର୍ମଫଳର ସମ୍ବନ୍ଧକୁ ଜଗି ରହିଥାଏ । ତେଣୁ ପିଣ୍ଡରେ ଆଭିଣୀ ସକ୍ରିୟ ନହେଲେ ଜୀବ ସ୍ଥାଣୁ, ବୁଦ୍ଧିହୀନ ଓ ଜଡ଼ ହୋଇଯାଏ । ଏହି ଆଭିଣୀ କୋଷ ନବଗ୍ରହମାନଙ୍କ ସହ ପ୍ରତ୍ୟକ୍ଷ ସଂପର୍କ ସ୍ଥାପନ କରିଥାଏ । ଜୀବର ସମସ୍ତ କର୍ମ ପ୍ରବାହ ଗ୍ରହମାନଙ୍କ ଦ୍ୱାରା ନିୟନ୍ତ୍ରଣ ହୋଇଥାଏ । ତେଣୁ ରଜ୍ଜୁଗୁର୍ଜ୍ଜରୀ କୋଷ ଯେତେବେଳେ ଏହି ଆଭିଣୀ ଗୃହରେ ଅବସ୍ଥାନ କରେ, ସେତେବେଳେ ପୂର୍ବାପର କର୍ମର ଫଳ ଅନୁଯାୟୀ କ୍ରିୟା କରାଇବାର ସୂଚନା ପ୍ରାପ୍ତ ହୁଏ ଏବଂ ତଦନୁସାରେ କ୍ରିୟାଶୀଳ କରାଇ ଗ୍ରହମାନଙ୍କର ଇଚ୍ଛାନୁଯାୟୀ କର୍ମ କରାଇବାର ଇଚ୍ଛାଶକ୍ତି, କର୍ମଶକ୍ତି ଓ ପ୍ରେରଣା ଯୋଗାଇ ଜୀବକୁ କର୍ମବଳୟ ମଧ୍ୟକୁ ଟାଣିନିଏ । ଆଭିଣୀ କୋଷ ଜୀବର ବୁଦ୍ଧି, ବିବେକ ସୃଷ୍ଟି କରାଇବାରେ ଅଗ୍ରଣୀ ଭୂମିକା ନେଇଥାଏ । ତେଣୁ ଗ୍ରହଜନିତ କର୍ମ ପ୍ରବାହ ସମୟରେ ଆଭିଣୀ କୋଷର ପ୍ରଭାବରୁ ରଜ୍ଜୁଗୁର୍ଜ୍ଜରୀ କୋଷ ଜୀବକୁ ସମସ୍ତ କର୍ମର କାରଣ, ନିଦାନ ଜଣାଇଦିଏ । ସୁତରାଂ ଜୀବ ଯାହା କରେ ଜାଣି ଜାଣି କରେ । ଯାହାର ଆଭିଣୀ କୋଷ ଯେତେ ଉନ୍ନତ, ରଜ୍ଜୁଗୁର୍ଜ୍ଜରୀ କୋଷ ଯେତେ ପରିପୁଷ୍ଟ ତାହାର ବୁଦ୍ଧି ସେତେ ପ୍ରଖର ଓ ସେ ସେତେ କର୍ମ ତତ୍ପର ବା କର୍ମଠ ।

ଉକ୍ତ ରଜ୍ଜୁଗୁର୍ଜ୍ଜରୀ କୋଷ ଜୀବର ଆୟୁ ସଂରକ୍ଷଣ, ଆୟୁବର୍ଦ୍ଧନ, ଆୟୁକ୍ଷୟ ପାଇଁ ମଧ୍ୟ କାରଣ ହୋଇଯାଏ । କାରଣ ଆଭିଣୀ କୋଷଟି ପଞ୍ଚଭୂତରୁ ରଶ୍ମିଆଣି ପିଣ୍ଡରେ ସଞ୍ଚାଳନ କରାଏ ଏବଂ ବାୟୁ, ଅଗ୍ନି, ଜଳ, ପୃଥ୍ୱୀ, ଆକାଶରୁ ଶକ୍ତି ଆଣି ଶରୀର ମଧ୍ୟରେ ଆୟୁବର୍ଦ୍ଧକ କ୍ରିୟାଶକ୍ତି ଯୋଗାଇ ଦେଇଥାଏ । ତେଣୁ ରଜ୍ଜୁଗୁର୍ଜ୍ଜରୀ ଯେତେବେଳେ ଆଭିଣୀ ସଂସ୍ପର୍ଶରେ ଆସେ ସେତେବେଳେ ସମସ୍ତ କ୍ରିୟାସଂପର୍କରେ ସଚେତନ ହୁଏ ଓ ଜୀବନକୁ ସେହି ଅନୁଯାୟୀ କର୍ମ କରିବାକୁ ନିର୍ଦ୍ଦେଶ ଦିଏ । କିନ୍ତୁ ଯଦି କୋଷଟି ଉନ୍ନତ ନହୁଏ ବା ପ୍ରାକୃତିକ ଭାବରେ ଆଭିଣୀ ସହ ଯୁକ୍ତ ହୋଇ ନପାରେ ତେବେ ଜୀବର କର୍ମଧାରା ଶୃଙ୍ଖଳିତ ହୋଇପାରେ ନାହିଁ, ଫଳରେ ଆୟୁକ୍ଷୟ ହୋଇ ଅକାଳ ମୃତ୍ୟୁର ସମ୍ମୁଖୀନ ହୁଏ ।

## (୬) ଅଜ୍ଞାତସାର କର୍ମ :

ଆଭିଣୀ ଗୃହରେ ସ୍ଥିତ୍ ନ ହେବା ପର୍ଯ୍ୟନ୍ତ ସ୍ନାୟୁ ଦ୍ୱାରା କୋଷଟି ଜ୍ଞାତସାର କର୍ମକୁ ନାଦଗର୍ଦ୍ଦଣ କୋଷକୁ ପ୍ରେରଣ କରେ । କିନ୍ତୁ ଯେତେବେଳେ ନିଜେ 'ନାଦଗର୍ଦ୍ଦଣ' ଓ 'ଖଣ୍ଡକ' କୋଷ ସହ ଏକତ୍ରିତ ହୋଇଯାଏ, ସେତେବେଳେ ଜୀବକୁ ସଂପୂର୍ଣ୍ଣ ଅଚେତନ କରିଦିଏ । କାରଣ ମନ, ବୁଦ୍ଧି ଓ ବିବେକର ବାହକ ଆଭିଣୀ କୋଷ ସହ କୌଣସି ସଂପର୍କ ସ୍ଥାପନ କରିପାରେ ନାହିଁ । ଫଳରେ ବୁଦ୍ଧିଶକ୍ତି ଲୋପ ପାଇଯାଏ । ଆଭିଣୀ କୋଷ ସହ ମିଳିତ ନ ହେବା ଯାଏ ଉକ୍ତ ରଜ୍ଜୁଗୁର୍ଜ୍ଜରୀ କୋଷ ଇନ୍ଦ୍ରିୟଗଣର 'ସୁ', 'କୁ' କାର୍ଯ୍ୟ, ସ୍ଥିତି ଓ ଆକାର ତିଆରି କରି ପ୍ରାରବ୍ଧ, ସଞ୍ଚିତ ଏବଂ କ୍ରିୟମାଣରେ କେବଳ ଗଚ୍ଛିତ ରଖିଥାଏ, କ୍ରିୟାଶୀଳ କରାଇପାରେ ନାହିଁ । ଇନ୍ଦ୍ରିୟମାନଙ୍କର କାର୍ଯ୍ୟଧାରା ଏହି କୋଷରେ ନିର୍ମାଣ ହେଉଥିବାରୁ ଜୀବ ଇନ୍ଦ୍ରିୟମାନଙ୍କର ବଶୀଭୂତ ହୋଇ ତା'ର ଅଜ୍ଞାତରେ (ବୁଦ୍ଧି, ବିବେକ ଅନୁପସ୍ଥିତିରେ) କେବଳ କର୍ମ କରିଚାଲିଥାଏ । କିନ୍ତୁ କର୍ମର କାରଣ ଓ ଫଳାଫଳ ପ୍ରତି ସଚେତନ ହୋଇପାରେ ନାହିଁ । କର୍ମ କରିସାରିବା ପରେ ମଧ୍ୟ ତା'ର ସ୍ମରଣ ଆସେନାହିଁ । ସେ ଜାଣିପାରେ ନାହିଁ ଯେ କେଉଁଥିପାଇଁ କର୍ମଟି କରିଛି ଓ କେଉଁ କର୍ମ କରିଛି । ସରଳଭାବରେ କହିବାକୁ ଗଲେ, ସ୍ପଷ୍ଟ ଭାବରେ ଅନ୍ୟ କାହାର ପରୋକ୍ଷ ଇଙ୍ଗିତରେ ଅନ୍ୟ ଜଣକ ପାଇଁ ସେ କିଛି କରିପକାଇଛି । ତା'ର ସେ କର୍ମ କରିବାର ଇଚ୍ଛା ନଥିଲା ବା ଆବଶ୍ୟକତା ଅନୁଭବ କରିନଥିଲା । ଏଠାରେ ଯେଉଁ ''ଅନ୍ୟକାହାର ପରୋକ୍ଷ ଇଙ୍ଗିତ''ର ସୂଚନା ଦିଆଯାଇଛି ତାହା ହେଉଛି ''ରଜ୍ଜୁଗୁର୍ଜ୍ଜରୀ'', ''ନାଦଗର୍ଦ୍ଦଣ'' ଓ ''ଖଣ୍ଡକ'' କୋଷର ଏକତ୍ରିକରଣ କ୍ରିୟାର ପ୍ରଭାବ । ଏମାନେ ମିଳିତ ହୋଇ ଆଭିଣୀକୋଷଠାରୁ ଦୂରରେ ରହି ଜୀବକୁ ସଂପୂର୍ଣ୍ଣ କବଳିତ କରି ଦିଅନ୍ତି ଓ ସେମାନଙ୍କର ନିଜସ୍ୱଗୁଣରେ ଜୀବକୁ ଗତିକରାଇବାକୁ ବାଧ୍ୟ କରନ୍ତି । ଏଇଠାରେ ଦୁଇ ପ୍ରକାର କ୍ରିୟା ସଂଗଠିତ ହୁଏ । ଯେଉଁ ଶରୀରରେ ଉକ୍ତ କୋଷତ୍ରୟ ଉନ୍ନତ ଅବସ୍ଥାରେ ପହଞ୍ଚି ସିଦ୍ଧି ଆହରଣ କରିଥାନ୍ତି, ସେଠାରେ ଜୀବ ଜାଣୁ ବା ନଜାଣୁ କୋଷମାନେ ସେମାନଙ୍କର ମୌଳିକ ସୁ ଆଧାରରେ ଜୀବଦ୍ୱାରା କେବଳ 'ସୁ' କାର୍ଯ୍ୟ କରାଇନିଅନ୍ତି, କିନ୍ତୁ ଯେଉଁ ପିଣ୍ଡରେ ଏମାନେ ଶୁଦ୍ଧ ହୋଇ ନଥାନ୍ତି ବା ମାର୍ଜିତ ହୋଇ ନଥାନ୍ତି, ସେଠାରେ କେବଳ 'କୁ' କାର୍ଯ୍ୟ କରାଇ ନିଅନ୍ତି । 'ସୁ' ହେଉ ବା 'କୁ' ହେଉ, ଯେ କୌଣସି କର୍ମ କଲେ ମଧ୍ୟ ଜୀବକୁ ତାର ଫଳାଫଳ ଭୋଗ କରିବାକୁ ପଡ଼େ । ସମ୍ମୋହନ ବିଦ୍ୟାକୁ ଏହାର ଏକ ଜ୍ୱଳନ୍ତ ଉଦାହରଣ ରୂପେ ଗ୍ରହଣ କରାଯାଇପାରେ । ଯାଦୁକର/ତାନ୍ତ୍ରିକ ଯେତେବେଳେ କୌଣସି ବ୍ୟକ୍ତି ପ୍ରତି ସମ୍ମୋହନ ବିଦ୍ୟା, ବଶୀକରଣ ବିଦ୍ୟା ଆଦି ପ୍ରୟୋଗ କରେ, ସେତେବେଳେ ସେହି ବିଦ୍ୟାର ପ୍ରଭାବରେ ବ୍ୟକ୍ତିଟିର ଉକ୍ତ କୋଷତ୍ରୟ (ରଜ୍ଜୁଗୁର୍ଜ୍ଜରୀ, ନାଦଗର୍ଦ୍ଦଣ ଓ ଖଣ୍ଡକ) ଏକତ୍ରିତ ହୋଇ ଆଭିଣୀ ଗୃହର ଦୂରରେ ରହିଯାଆନ୍ତି । ପ୍ରୟୋଗ ହୋଇଥିବା ବିଦ୍ୟାର ଅଣୁଗୁଡ଼ିକୁ ଗ୍ରହଣ କରି ବ୍ୟକ୍ତିଟିକୁ ସଂପୂର୍ଣ୍ଣ ନିୟନ୍ତ୍ରଣ କରିଦିଅନ୍ତି ଏବଂ ସେମାନଙ୍କର ନିର୍ଦ୍ଦେଶିତ କ୍ରିୟାରେ କର୍ମ କରିବାକୁ ବାଧ୍ୟ କରନ୍ତି । ସେ ଅବସ୍ଥାରେ ବ୍ୟକ୍ତି ଅଚେତନ ରହି କେବଳ ଶାରୀରିକ କ୍ରିୟାରେ କର୍ମଟି ସଂପାଦନ କରିଦିଏ । ମାତ୍ର ଅଜ୍ଞାତରେ କରି ମଧ୍ୟ କର୍ମଫଳରୁ ନିସ୍ତାର ପାଏ ନାହିଁ । କାରଣ ଶରୀର ମଧ୍ୟରେ ଚିତ୍ରକରର ଭୂମିକା ଗ୍ରହଣ କରୁଥିବା ନାଦଗର୍ଦ୍ଦଣ କୋଷଟି ଉପସ୍ଥିତ ଥିବାରୁ କରାଯାଇଥିବା କର୍ମର ଚିତ୍ର ଉତ୍ତୋଳନ କରି ନିଜ ଭିତରେ ସଜାଇଦିଏ । ଠିକ୍ ସମୟରେ ଜୀବକୁ କର୍ମଟିର ଫଳ ଭୋଗ କରାଇବାକୁ ପ୍ରସ୍ତୁତ କରିଦିଏ ।



# କଲ୍ୟାଣ ଦେଲି ତୋତେ

"ମାୟା, ମୋହେ ପଡ଼ି ଅଜ୍ଞାନରେ କଡ଼ି
ହଜାଇ ଦେଲିଣି ସବୁ ।
ହେ କଲ୍ୟାଣ ମୟ ! କର ମୋତେ ଥୟ
ଉଦ୍ଧାର କର ଏ ଭବୁ ।।"

*ପ୍ରପନ୍ନ ପାରିଜାତ ଭକ୍ତବାଞ୍ଛା କଳ୍ପତରୁ କରୁଣାସାଗର ଭାବଗ୍ରାହୀ ଭକ୍ତବତ୍ସଳ ଠାକୁର ସ୍ୱୟଂ ଶ୍ରୀହସ୍ତରେ ତୋତେର ନିଖିଳ ବିଶ୍ୱକୁ ଅବାରିତ କରୁଣା କରି ଚାଲିଛନ୍ତି । ଜଗତ କଲ୍ୟାଣ ଏବଂ ଜୀବୋଦ୍ଧାର ପାଇଁ 'ଚରମ'ର ମର୍ତ୍ତ୍ୟାବତରଣ ଠାରୁ ଏ ଯାବତ୍ ପ୍ରତିଟି ପୃଷ୍ଠାର ପ୍ରତିଟି ପାଖୁଡ଼ାରେ ତାଙ୍କରି ସ୍ୱହସ୍ତ ଲିଖିତ କଲ୍ୟାଣ ଦେଲି ତୋତେ ପତ୍ରସ୍ଥ ହୋଇ ଆସୁଅଛି ।*

*ଏହା କେବଳ ନିତ୍ୟପଠନୀୟ ଭାବରେ ଗ୍ରହଣ କରି ସଦା ଆଚରଣୀୟ ବୋଲି ମନେକରି ପ୍ରତ୍ୟେକେ ଏହା ପରିପାଳନ କରିବୁଲ ଆଚରଣରେ ଫୁଟାଇ ପାରିଲେ ବହୁ ସଂଘାତରୁ ସୁରକ୍ଷା ନିଶ୍ଚୟ ପାଇ ପାରିବେ, ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ ।*

## 'ଚରମ'ରେ ! ବାଉଳା ମୋର !!

ଗତଥର କୃତଘ୍ନତାର କେତୋଟି ବୃତ୍ତାନ୍ତ କହିଥିଲି । ଏଥରକ ଆଉ କେତୋଟି ପର୍ଯ୍ୟାୟ ଓ କୃତଘ୍ନ କର୍ମର ଫଳାଫଳ ବୁଝାଇ କହୁଛି, ମନେ ରଖିବୁ ଓ ସେହିସବୁ କର୍ମରୁ ନିଜକୁ ଦୂରେଇ ରଖିବୁ ।

ଯେଉଁ ଲୋକ ସତ୍ୟ କରି ଆପଣାର ସତ୍ୟ ରଖେନାହିଁ, ସେ କୃତଘ୍ନ ହୁଏ । ଅନେକ ପୁଣ୍ୟକର୍ମ କରି ମଧ୍ୟ ଯେଉଁବ୍ୟକ୍ତି ସବୁବେଳେ ଅହଂକାରରେ ଗର୍ଜିଲା ପରି କର୍କଶ ସ୍ୱରରେ ରକ୍ଷ ଭାଷା ପ୍ରୟୋଗ କରେ, ସେ କୃତଘ୍ନର ପରିଚୟ ବହନ କରେ । ସ୍ନାନ, ସଂଧ୍ୟା, ତର୍ପଣ, ଇଷ୍ଟପୂଜା ଯିଏ ନ କରେ ସେ କୃତଘ୍ନ ଅଟେ । ଏକାଦଶୀ, କୃଷ୍ଣଜନ୍ମ ଅଷ୍ଟମୀ, ନିଜର ଇଷ୍ଟଦେବ (ଦେବୀ)ଙ୍କର ପର୍ବଦିନ, ଶିବରାତ୍ରି, ରାମନବମୀ ଆଦି ପର୍ବଦିନ, ପିତୃଦେବଙ୍କ ପର୍ବଦିନମାନଙ୍କରେ ଯିଏ ଆହାର କରେ, ନିଜକୁ ପବିତ୍ର ନରଖେ, ନାରୀସହ କାମଭୋଗରେ ମାତିଥାଏ, ସେ ମହାକୃତଘ୍ନ ନାମରେ ପରିଚିତ ହୁଏ । ଏହିପରି ଆହୁରି ଅନେକ କୁକର୍ମ ଅଛି ଯେଉଁଗୁଡ଼ିକ ମନୁଷ୍ୟକୁ ଜ୍ୱାଳାମୁଖୀ ଧ୍ୱଂସର କବଳ ନିକଟକୁ ଟାଣି ନିଏ । ଏଥରକ କୃତଘ୍ନ କେଉଁ କର୍ମ ପାଇଁ କି ଫଳଭୋଗ କରେ ଗୋଟି ଗୋଟି କରି ବୁଝାଇ ଦେଉଛି, ମନ ଦେଇ ଶୁଣ୍ ।

ଯେଉଁ ବ୍ୟକ୍ତି ଶପଥ ଭଙ୍ଗକରି କୃତଘ୍ନ ହୋଇଥାଏ, ସେ କାଳସୂତ୍ରରେ କ୍ରମାଗତ ଚାରିଯୁଗ ରହେ । ତା ପରେ ସାତଜନ୍ମ କାକଜନ୍ମ ପାଏ । ଏହି ଜନ୍ମପରେ ସାତଥର ପେଚକ ଜନ୍ମ ପାଏ । ପେଚକ ପରେ କ୍ରମାନ୍ୱୟରେ

ସାତଥର ମନୁଷ୍ୟ ଜନ୍ମ ହୋଇ ସମାଜରେ ଅବହେଳିତ, ଘୃଣିତ ଭାବରେ ଅତି ଦରିଦ୍ର ହୋଇ ଜୀବନ ବିତାଇବାକୁ ବାଧ୍ୟ ହୁଏ । ଏହାପରେ ତାର ପାପକ୍ଷୟ ହୁଏ । ପୁଣ୍ୟକର୍ମ କରି ଯେଉଁ ଲୋକ ଅହଂକାରରେ ସର୍ବଦା କଟୁକଥା, କର୍କଶ ଭାଷା ପ୍ରୟୋଗ କରି ଅନ୍ୟର ମନରେ ଆଘାତ ଦେଇ କୃତଘ୍ନ ହୁଏ, ସେ ସପ୍ତକୁମ୍ଭୀ ନାମକ ନର୍କରେ ତିନିଯୁଗ ରହେ । ସେଠାରେ ନାନା ପ୍ରକାରର କଷ୍ଟ, ଯନ୍ତ୍ରଣା ଭୋଗ କରିବା ପରେ ସାତଥର ମଣ୍ଡୁକ (ବେଙ୍ଗ) ଜନ୍ମପାଏ । ଏହାପରେ ସାତଜନ୍ମ କର୍କଟ (କଙ୍କଡ଼ା) ଜନ୍ମ ପାଇଲା ପରେ ମନୁଷ୍ୟ ଜନ୍ମ ପାଇ ଅତି ନିନ୍ଦିତ ବ୍ୟକ୍ତି ଭାବରେ ଜୀବନ ବିତାଇବା ପରେ ମୁକ୍ତ ହୁଏ । ଯେଉଁ ବ୍ୟକ୍ତି ନିଜର ଧର୍ମ ପାଳନ ନ କରି, ସଂଧ୍ୟା, ତର୍ପଣ, ଇଷ୍ଟପୂଜା ଆଦି ନ କରି ଗର୍ବ, ଅହଂକାରରେ ସମୟ ଅତିବାହିତ କରିଥାଏ, ଗୁରୁ ବାକ୍ୟକୁ ଅବହେଳା କରି ଗୁରୁ ପ୍ରଦତ୍ତ ଧର୍ମଧାରାକୁ ତ୍ୟାଗ କରିଥାଏ, ଗୁରୁ, ଗୁରୁଜନମାନଙ୍କୁ କଟୁକଥା କହି ଅସମ୍ମାନ କରିଥାଏ, ପୂର୍ବରୁ କହିଥିବା ପବିତ୍ର ତିଥି ଓ ପର୍ବଦିନମାନଙ୍କରେ ବିଧି ପାଳନ କରି ନଥାଏ, ସେ କୃତଘ୍ନ ବ୍ୟକ୍ତି ଚନ୍ଦ୍ର, ସୂର୍ଯ୍ୟ ଥିବା ଯାଏ କୁମ୍ଭୀପାକ ନର୍କ ଭୋଗ କରି ମହାଦୁଃଖରେ ସମୟ ଅତିବାହିତ କରେ । ତାପରେ ସାତଜନ୍ମ ଅତ୍ୟନ୍ତ ନୀଚ ସ୍ତରରେ ଜନ୍ମ ନେଇ କଳଙ୍କିତ କର୍ମରେ ନିୟୋଜିତ ହୁଏ । ଏହାପରେ ଏକଶହ ଜନ୍ମ ପର୍ଯ୍ୟନ୍ତ ଶାଗୁଣା ଓ ଘୁଘୁରି ଜନ୍ମ ନିଏ । ତା'ପରେ ବ୍ରାହ୍ମଣ ଘରେ ଜନ୍ମ ହୋଇ ନିଜର କୌଳିକ ପ୍ରଥା ତ୍ୟାଗ କରି ବ୍ରହ୍ମ ଅଭିଶାପରେ ଅଭିଶପ୍ତ ହୁଏ । ସ୍ତ୍ରୀ ହରଣ କରି ବାରମ୍ବାର କେବଳ ପାପ ହିଁ ଅର୍ଜନ କରିଚାଲେ ଏବଂ ନର୍କରେ ପଡୁଥାଏ । ତା ପରେ ପାଞ୍ଚଗୋଟି ଜନ୍ମ ଗଧ ଓ ବିରାଡ଼ି ଯୋନିରେ ଜନ୍ମ ନିଏ । ତାପରେ ଯାଇ ସେ ଶୁଦ୍ଧ ହୁଏ । ନିଜେ ବା ଅନ୍ୟ ସାହାଯ୍ୟରେ ଯିଏ ବୃଷଭକୁ ପ୍ରହାର କରେ, ଭାର ବୁହାଏ, ବଳଦ ପୃଷ୍ଠରେ ଖରାରେ ଭାର ବୁହାଇ କୃତଘ୍ନ ହୋଇଥାଏ, ତା ହସ୍ତରେ ଅନ୍ନଜଳ ବିଷ୍ଠା, ମୂତ୍ର ସମ ହୋଇଥାଏ । ପିତୃ, ଦେବ ଅର୍ଚ୍ଚନାରେ ତାର ଅଧିକାର ରହେନାହିଁ । ଚନ୍ଦ୍ର, ସୂର୍ଯ୍ୟ ଥିବା ଯାଏ ସେ ମନୁଷ୍ୟ ନାନା ନର୍କ ଭୋଗ କରି ଅତି ଦୁଃଖରେ ସମୟ କଟାଏ । ସେହି ନର୍କଭୋଗ ସମୟରେ ବିଷ୍ଠା, ମୂତ୍ର ପାନଭୋଜନ କରିବାକୁ ବାଧ୍ୟ ହୁଏ । ଏହାପରେ ଷାଠିଏ ସହସ୍ର ବର୍ଷ ପର୍ଯ୍ୟନ୍ତ କୃମି ହୋଇ ବିଷ୍ଠାରେ ରହେ । କାକ, ବକ (ବଗ) ହୋଇ ପାଞ୍ଚଜନ୍ମ  କଟାଏ । ତା'ପରେ ସାତ ଜନ୍ମ ଶାଗୁଣା ଓ ଶୃଗାଳ (ବିଲୁଆ) ହୋଇ ଶେଷରେ ଅତି ଦରିଦ୍ର ଘରେ ମନୁଷ୍ୟ ଜନ୍ମପାଇ କୁକର୍ମ (କୃତଘ୍ନ) ଫଳ ଭୋଗ ଶେଷ କରେ । ବ୍ରାହ୍ମଣ ହୋଇ ଯିଏ ନାରୀ ରମଣ କରେ ସେ ଶହେଯୁଗ ପର୍ଯ୍ୟନ୍ତ କୃମିଦଂଷ୍ଟ୍ର ନର୍କରେ ପଡ଼େ । ଯମଦୂତମାନେ ତାକୁ ନେଇ ତପ୍ତ ଲୌହ ପିଣ୍ଡରେ ଲଗାଇ ଅତିଶୟ ଯନ୍ତ୍ରଣା ଦିଅନ୍ତି, ଏହାପରେ ପୁଂଶ୍ଚଳୀ (ବେଶ୍ୟା) ଘରେ ବାରବାର ଜନ୍ମ ନେଉଥାଏ । ଏହିପରି ଏକ ହଜାର ଜନ୍ମପରେ ଦରିଦ୍ର ପରିବାରରେ ଜନ୍ମ ନେଇ ଅତି ଦୁଃଖରେ ଜନ୍ମ ବିତାଇବା ପରେ ଶୁଦ୍ଧ ହୁଏ । ନିଜର ଦାନ ହେଉ ବା ଅନ୍ୟର ଦାନରେ ହେଉ, ବ୍ରାହ୍ମଣର ପାଇଥିବା ବୃତ୍ତିକୁ ଯେ ଉଚ୍ଛେଦ କରି କୃତଘ୍ନ ହୋଇଥାଏ, ତାର ଦୁଃଖ ଅସରନ୍ତି ହୋଇଥାଏ । ବୃତ୍ତି ହରାଇଥିବା ଦ୍ୱିଜର ଅଶ୍ରୁପାତରେ ତାହାର ଯେତେ ରେଣୁଆର୍ଦ୍ର ହୋଇଥାଏ ସେତେ ସହସ୍ର ବର୍ଷ ସେ ବ୍ୟକ୍ତି ଶୂଳବିଦ୍ଧ ହୋଇ ରହେ । ଉତପ୍ତ ଅଙ୍ଗାର ଖାଇ ଓ ମୂତ୍ରପାନ କରି ଯମଦୂତ ମାନଙ୍କର ବେତ୍ର ପ୍ରହାର ସହ୍ୟ କରୁଥାଏ । ତାହା ଅନ୍ତେ ମଳକୁଣ୍ଡରେ ଷାଠିଏ ସହସ୍ର ଦେବ ବର୍ଷ ଯାଏ କୃମି ଜନ୍ମ ପାଏ । ଏହାପରେ ମନୁଷ୍ୟ ଜନ୍ମ ପାଇ ଭୂମିହୀନ, ପୁତ୍ରହୀନ, ଦରିଦ୍ର, କୃପଣ, ଆଜନ୍ମ ରୋଗୀ ହୋଇ କର୍ମଫଳ ଭୋଗ ଶେଷ କରେ । ଯେଉଁ ଲୋକ ପରର ବା ନିଜର କୀର୍ତ୍ତି ନଷ୍ଟକରି କୃତଘ୍ନର କଳଙ୍କ ନେଇଥାଏ, ସେ ଚଉଦ ସହସ୍ର ବର୍ଷ ପର୍ଯ୍ୟନ୍ତ ଅନ୍ଧକୂପରେ ପଡ଼ିଥାଏ । ଯମଗଣମାନଙ୍କର ପ୍ରହାର ସାଂଗକୁ କୀଟଗଣମାନେ ଚାରିପଟରେ ବେଢ଼ି ତାହାର ଅଙ୍ଗକୁ ଖାଉଥାନ୍ତି । ଏହାପରେ ସାତଥର ସର୍ପ ଜନ୍ମ ପାଇଲା ପରେ ପାଞ୍ଚଜନ୍ମ କାକ ଯୋନିରେ ରହେ । ଏହାପରେ ମନୁଷ୍ୟ ଜନ୍ମ ପାଇ ଅନେକ ରୋଗ, ଯନ୍ତ୍ରଣା ଭୋଗ କରିବା ପରେ ପାପମୁକ୍ତ ହୁଏ ।

ଦେବ, ଦ୍ୱିଜ ଓ ଗୁରୁ ଦ୍ରବ୍ୟରେ ଯେ ଲୋଭାସକ୍ତ ହୁଏ, ହରଣ କରେ, ଗୁରୁ, ଗୁରୁଜନ, ବନ୍ଧୁ ତଥା ଅନ୍ୟମାନଙ୍କ ନିକଟରେ ଛଳନା, ମିଥ୍ୟାର ଆଶ୍ରୟ ନେଇ ନିଜର ସ୍ୱାର୍ଥ ହାସଲ ପାଇଁ ଚେଷ୍ଟିତ ହୁଏ, ସର୍ବଦା ଅନ୍ୟର ନିନ୍ଦା କୁତ୍ସା ରଚନା କରି ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ପାଇଁ ଲାଳାୟିତ ହୋଇ କୃତଘ୍ନ ପାପର ଶୀକାର ହୋଇଥାଏ, ସେ ମହାପାପୀ ନାମରେ ପରିଚିତ ହୁଏ । ଗୁରୁ, ପିତାମାତାଙ୍କୁ ସବୁବେଳେ କଟୁକଥା କହି ସେମାନଙ୍କ ମନରେ ବାରବାର ଆଘାତ ଦେଉଥାଏ ସେ ପ୍ରଧାନ କୃତଘ୍ନ ଭାବରେ ପରିଗଣିତ ହୁଏ । ଏମାନେ ଦେହାନ୍ତରେ ଅଗ୍ନିକୁଣ୍ଡରେ ପଡ଼ି, ସୂର୍ଯ୍ୟ, ଚନ୍ଦ୍ର ଥିବା ଯାଏ ଛଟପଟ ହେଉଥାନ୍ତି । ଏହାପରେ ସାତଜନ୍ମ ଯୋକ ହୋଇ ଜଳରେ ଜନ୍ମ ନିଅନ୍ତି । ଯୋକଜନ୍ମ ପରେ ଦରିଦ୍ର ପରିବାରରେ ମନୁଷ୍ୟ ଜନ୍ମ ନେଇ ମହାବ୍ୟାଧିରେ ଜୀବନ କଟାନ୍ତି । ଦୁଃଖ, ଶୋକ, ରୋଗରେ ପୂର୍ଣ୍ଣ ସାତଜନ୍ମ କଟାଇବା ପରେ ପାପମୁକ୍ତ ହୁଅନ୍ତି । କାମ, କ୍ରୋଧ, ଭୟରେ ବା ନିଜର ସ୍ୱାର୍ଥ ପାଇଁ ଯିଏ ମିଥ୍ୟା ସାକ୍ଷୀ ହୋଇଥାଏ, ସଭାରେ ପକ୍ଷନେଇ ବିଚାର କରେ ବା କରାଏ, ଯେଉଁମାନେ ନିଜର ଓ ଅନ୍ୟର ଧର୍ମକର୍ମ ନାଶର କାରଣ ହୋଇଥାନ୍ତି, ସ୍ୱାର୍ଥପର ହୋଇ ଉପକାରୀର ଉପକାର ଅସ୍ୱୀକାର କରନ୍ତି ସେମାନେ କୃତଘ୍ନତା ମହାପାତକରେ ଏକ ହଜାର ଦେବବର୍ଷ ପର୍ଯ୍ୟନ୍ତ ସର୍ପକୁଣ୍ଡରେ ରହି ସର୍ପାଘାତ ସହି ସର୍ପଙ୍କର ବିଷ, ମଳ, ମୂତ୍ର ଭକ୍ଷଣ କରନ୍ତି । ତା ପରେ ସାତଜନ୍ମ ମଣ୍ଡୁକ (ବେଙ୍ଗ) ଜନ୍ମ ନିଅନ୍ତି । ମଣ୍ଡୁକ ପରେ ଛଅ ଥର ବୃକ୍ଷ ଜନ୍ମ ପାଇ ଷଡ଼ଋତୁମାନଙ୍କର ତାପ ସହ୍ୟ କରନ୍ତି । ତାପରେ ଦରିଦ୍ର କୁଳରେ ସାତଥର ଜନ୍ମନେଇ ଅନେକ ଦୁଃଖ ଭୋଗ ପରେ ଶୁଦ୍ଧି ଲାଭ କରନ୍ତି । ଆସ୍ତିକ ହୋଇ ଗୁରୁପତ୍ନୀ, ଗୁରୁକନ୍ୟା ପ୍ରତି ଯେ ଆସକ୍ତ ହୁଏ, ହରଣ କରେ, ଅତ୍ୟନ୍ତ କାମପ୍ରବଣ ହୋଇ ଅନ୍ୟର ନାରୀ, କନ୍ୟା, ଭଗ୍ନୀ, ପୁତ୍ରବଧୂ, ଭ୍ରାତୃପତ୍ନୀ ସର୍ବୋପରି ନିଜର ପତ୍ନୀ ବ୍ୟତୀତ ଅନ୍ୟ ଯେ କୌଣସି ନାରୀ ହରଣ କରେ, ନାରୀ ନିଜ ଇଚ୍ଛାରେ ନିଜ ପତି ବ୍ୟତୀତ ଅନ୍ୟପୁରୁଷ ସହ ଆସକ୍ତ ହୋଇ ଦେହଦାନ କରେ, ତାହାକୁ "ଜୀବିତମୃତ ପାପୀ" କୃତଘ୍ନ ବୋଲି କୁହାଯାଏ । ସେ ଦେବ, ବ୍ରାହ୍ମଣ, ପୂଜ୍ୟ, ପିତୃ ପିତାମହଙ୍କୁ ପ୍ରଣାମ କରିବାର ଅଧିକାର ହରାଇଥାଏ । ତାହାର ହସ୍ତରୁ କେହି ଜଳ ସ୍ପର୍ଶ କରନ୍ତି ନାହିଁ । ତାହାର ସ୍ପର୍ଶରେ ଅନ୍ନ ବିଷ୍ଠା ତୁଲ୍ୟ ଓ ଜଳ ମୂତ୍ର ତୁଲ୍ୟ ହୋଇଥାଏ । ତାକୁ ସ୍ପର୍ଶ କଲେ ପୁଣ୍ୟବନ୍ତ ଲୋକର ସମସ୍ତ ପୁଣ୍ୟ ନଷ୍ଟ ହୋଇଯାଏ । ସମସ୍ତ ବ୍ରତ ଧ୍ୱଂସ ହୁଏ । ତାକୁ ଛୁଇଁ ଦେଲେ ଯେଉଁ ପାପହୁଏ, ସେ ପାପ ସାତଦିନ ସାତରାତି ଉପବାସ କଲେ ଯାଇ କ୍ଷୟହୁଏ । ତାହାର ଭାର ବହନ କରିବାକୁ ଧରିତ୍ରୀ ମଧ୍ୟ ଅସମର୍ଥ ହୁଅନ୍ତି । ସେ ଲୋକର ପାଦ ଯେଉଁ ଦେଶରେ ପଡ଼େ, ସେ ଦେଶ ପାପଭାରରେ ବୁଡ଼ିଯାଏ । ତା ସହିତ ଯିଏ ଆଳାପ କରେ, ଶୟନ କରେ ତାକୁ ମଧ୍ୟ ପାପ ଗ୍ରାସ କରେ । ଏହି ପର୍ଯ୍ୟାୟର ପାପୀ ଶହେ ବ୍ରହ୍ମବର୍ଷ ପର୍ଯ୍ୟନ୍ତ କୁମ୍ଭୀପାକରେ ପଡ଼େ । ଚକ୍ରାକାରରେ ଅସହାୟ ହୋଇ ଘୁରିବୁଲେ । ଯମଦୂତମାନେ ପ୍ରତି ମୁହୂର୍ତ୍ତରେ ବିଭିନ୍ନ ଉପାୟରେ ନିର୍ଯ୍ୟାତନା ଦିଅନ୍ତି । ପ୍ରାକୃତିକ ପ୍ରଳୟରେ ସେ ନାଶଗଲେ ମଧ୍ୟ ନିସ୍ତାର ପାଏ ନାହିଁ । ପ୍ରଳୟାନ୍ତେ ନୂତନ ସୃଷ୍ଟିରେ ସେ ଷାଠିଏ ହଜାର ବର୍ଷ ପର୍ଯ୍ୟନ୍ତ କୁଳଟା ନାରୀ ଯୋନିରେ କୃମି କୀଟ ହୋଇ ଜନ୍ମ ନେଇଥାଏ, ତା ପରେ ଷାଠିଏ ହଜାର ବର୍ଷ ପର୍ଯ୍ୟନ୍ତ ଦରିଦ୍ର ଘରେ ଜନ୍ମ ହୋଇ ଭାର୍ଯ୍ୟାହୀନ, ନପୁଂସକ, କୁଷ୍ଠରୋଗୀ ହୁଏ । ତାହାରି ଜାତିର ଲୋକମାନେ ମଧ୍ୟ ତାକୁ ଘୃଣାକରି ଛୁଅଁନ୍ତି ନାହିଁ । ଏହାପରେ ତୀର୍ଥସ୍ଥାନରେ କାକ ଜନ୍ମ ହୋଇ ସାତ ଜନ୍ମ ଅତିବାହିତ କରିବା ପରେ ପୁନରାୟ ଦରିଦ୍ର ଘରେ ସାତଜନ୍ମ ନିଏ । ଦରିଦ୍ର ଜନ୍ମପରେ ବ୍ରାହ୍ମଣ ଘରେ ଜନ୍ମ ନେଇ ଅନ୍ଧ, ନପୁଂସକ କୁଷ୍ଠରୋଗୀ ହୁଏ । ଏହିପରି ସାତ ଜନ୍ମ ପରେ ତାର ପାପକ୍ଷୟ ହୋଇ ସେ ଶୁଦ୍ଧ, ପବିତ୍ର ହୁଏ ।

ଧନରେ ! ଶୁଣିଲୁ ତ ପାପକର୍ମର ଭୟାଭୟ ପରିଣାମ ? ଏ ସବୁ ଜାଣିବା ପରେ ଭୟଭୀତ ହୋଇ ଯାଇଛୁ କି ? ଆଲୋଚିତ କୁକର୍ମମାନଙ୍କ ମଧ୍ୟରେ ଜ୍ଞାତସାରରେ ବା ଅଜ୍ଞାତସାରରେ କୌଣସି କର୍ମର ଶୀକାର ହୋଇଯାଇଛୁ କି ? ଯଦି ହୋଇଥାଏ, ତେବେ ଚିନ୍ତା କର ନା । ଶିଷ୍ୟର ସମସ୍ତ କୁକର୍ମର ଫଳ ଅପହରଣ କରାଇ

ତାକୁ ନିର୍ମଳ କରାଇବାକୁ କେବଳ ଶ୍ରୀଗୁରୁ ହିଁ, ସମର୍ଥ । ପ୍ରତ୍ୟେକ କର୍ମରୁ ମୁକ୍ତ ହେବାପାଇଁ ପ୍ରତିକାର ରହିଛି । ତେଣୁ ତୁ ଯଦି ସେପରି କୌଣସି ଅପକର୍ମ କରି ପକାଇଛୁ ତେବେ ଭୟ, ସଙ୍କୋଚ ଦୂର କରି ଗୋପନରେ ମୋ ନିକଟରେ ମନ ଖୋଲି ପ୍ରକାଶ କରି ଦେ ଏବଂ ସେହି କର୍ମର ପୁନରାବୃତ୍ତି ନ କରିବା ପାଇଁ ଦୃଢ଼ମନା ହୋଇ ସଂକଳ୍ପ କର । ମୁଁ ପୁରଶ୍ଚରଣ ମାଧ୍ୟମରେ ତୋର ସମସ୍ତ ଦୁଷ୍କର୍ମର ଫଳ ଅପହରଣ କରାଇ ତୋତେ ଶୁଦ୍ଧ, ନିର୍ମଳ କରାଇଦେବି । ଆଉ ଯଦି ଲଜ୍ଜା ବା ଭୟ ମନରେ ରଖି ସେ ସମସ୍ତ କୁକର୍ମକୁ ଗୋପନ ରଖୁ ତେବେ କାଳଚକ୍ରର ଧାରରେ ପଡ଼ି ତୋର କୃତକର୍ମର ଫଳ ଭୋଗ କରିବୁ ।

ତେଣୁରେ ମୋର ନୟନ ପିତୁଳା ! ଏବେ ମଧ୍ୟ ଯଥେଷ୍ଟ ସମୟ ଅଛି । ନିଜକୁ ପରିଷ୍କାର କରିନେ । ଆଗାମୀ ସନ୍ଧି ସମୟ ପାଇଁ ପ୍ରସ୍ତୁତ ହୋଇ ଯାଆ । ଅନ୍ୟକୁ ନିଜର ଆଦର୍ଶ ଆଚରଣ ମାଧ୍ୟମରେ ଦିଗ୍‌ଦର୍ଶନ ଦେଇ ଧରିତ୍ରୀର ଦୁଃଖ ମୋଚନ କରି ସୃଷ୍ଟି ରକ୍ଷା କାର୍ଯ୍ୟରେ ନିଜକୁ ନିୟୋଜିତ କର । ନିଜର କର୍ତ୍ତବ୍ୟ ଶେଷ କରି ଫେରିଆ ମୋର କୋଳକୁ । ତୋର ବିଜୟ ବାହୁଡ଼ା ପାଇଁ କଲ୍ୟାଣ ଦେଇ ଏଥରକ ଏତିକିରୁ ରହୁଛି ।

ତୋର ମଙ୍ଗଳାକାଂକ୍ଷୀ
ପିତା

ଉଙ୍କାଣି ଆସୁଛି କାଳ ବତାସୀ
ଜପ ବୀଜମନ୍ତ୍ର ନୀରବେ ବସି ।
କାଳ କାଳଫାଶ ଦେବରେ କଷି
କେହି ପାରିବେନି ତହିଁରୁ ଖସି ॥

ଗୁରୁସେବି ପାଦେ ରଖ ଧିଆନ
ପଦ୍ମପାଦ ବିନା ନ ଦେଖ ଆନ ।
କଳି କାଳଫାଶୁ ତରିବା ପାଇଁ
ଧ୍ୟାନେ ନିତି ପାଦ ଯାଅରେ ଛୁଇଁ ॥

ଦୂର ବା ନିକଟ ଗଣା ନକର
ଟାଣ କରି ଧର୍ମଧାରାକୁ ଧର ।
ଟାଣପଣ ଯେତେ ଦୂର ତୁ କର
ଦାନ ଦକ୍ଷିଣାରେ ଭଣା ନକର ॥

ଧନସମ୍ପତ୍ତିକୁ କରନା ଆଶ
ତହିଁରେ ନିହିତ ସକଳ ବିଷ ।
ବିଷୟା ବିଷର ରସରେ ବୁଡ଼ି
ସରି ଯିବୁଧନ, ଯିବୁରେ ଝଡ଼ି ॥

# କେଶବ କୈବଲ୍ୟ କଣିକା

*(ବିଭିନ୍ନ ପ୍ରସଂଗରେ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଶ୍ରୀମୁଖରୁ ନିଃସୃତ ବାଣୀଗୁଚ୍ଛ ହିଁ କୈବଲ୍ୟ କଣିକା । ଏହା ସକଳ ତାପରୁ ପ୍ରାଣୀକୁ ରକ୍ଷା କରିବାର ଆଶୀର୍ବାଦ ନେଇ ଝରି ଆସିଛି । ଆଗ୍ରହୀ, ଅନୁରାଗୀ ଭକ୍ତଶିଷ୍ୟ, ଅନୁଗତ ପାଠକ ପାଠିକା ମାନଙ୍କର କଲ୍ୟାଣ ନିମିତ୍ତ ଏହା "ତରମ" ପୃଷ୍ଠାରେ ନିୟମିତ ପତ୍ରସ୍ଥ ହୋଇ ଆସୁଅଛି । ଜୀବନ ଚର୍ଯ୍ୟା ଓ ସାଧନ ପଥରେ ଏହା ସହାୟକ ହୋଇପାରିଲେ, ଶ୍ରମ ସାର୍ଥକ ହେବ ।)*

---

୧. ପୁରୁଷାର୍ଥ ହିଁ ପୁରୁଷତ୍ୱର ଫଳ । ଚରିତ୍ର ବା ଆଚରଣରେ ପୁରୁଷତ୍ୱର ପୁରୁଷାର୍ଥ ପ୍ରକାଶ ପାଏ । ବିଶଦଭାବରେ କହିଲେ : ଧର୍ମ, ଅର୍ଥ, କାମ, ମୋକ୍ଷ–ଏହି ଚାରିବିଧ ପ୍ରଧାନ ପୁରୁଷାର୍ଥ ।

୨. ଯେଉଁ ବ୍ୟକ୍ତି ଘଟଣାଚକ୍ରରେ କୌଣସି ମହତ କାର୍ଯ୍ୟ ସମ୍ପାଦନ କରିଦିଏ, ମାତ୍ର କେବେବି ଧର୍ମଧାରଣର ଧାର ଧାରେ ନାହିଁ ଓ ତମୋଗୁଣସମ୍ପନ୍ନ ଜୀବନ ଯାପନ କରେ, ତାହାକୁ ବା ସେପରି ଲୋକମାନଙ୍କୁ ତାମସଧାର୍ମିକ କୁହାଯାଏ ।

୩. ପଣ୍ଡିତମାନେ କହନ୍ତି : ପୁତ୍ରଦ୍ୱାରା କୁଳରକ୍ଷା ହୁଏ । ତାହା କିପରି ? ପୁଅ ଯଦି ଯୋଗ୍ୟହୁଏ, ତେବେ କୁଳ ଉଜ୍ଜ୍ୱଳ ହୁଏ । ମାତ୍ର ଅଧମ ବା ଅଯୋଗ୍ୟ ପୁତ୍ରଦ୍ୱାରା ବଂଶର ମର୍ଯ୍ୟାଦା ନଷ୍ଟ ହୋଇଯାଏ ।

୪. ପୁଅ ଯଦି ପ୍ରଚୁରଧନ, ସୌଷ୍ଠବଯୁକ୍ତ ଯୌବନ, ଉତ୍କୃଷ୍ଟ ବିଦ୍ୟା ଅର୍ଜନ କରି ମଧ୍ୟ ଗର୍ବିତ ନହୁଏ, ଏବଂ ଧନ, ଯୌବନ ଓ ବିଦ୍ୟା ଥାଇ ମଧ୍ୟ ଅହଂକାରଶୂନ୍ୟ ହୁଏ– ତେବେ ସେହିଁ ବାସ୍ତବରେ ସତ୍‌ପୁତ୍ର ।

୫. ସଂସାରରେ ଜନ୍ମ ହେଲେ ଧର୍ମ, ଅର୍ଥ, କାମ, ମୋକ୍ଷ : ଏହି ଚତୁଃବର୍ଗ ଫଳ ହିଁ ମନୁଷ୍ୟର ଏକମାତ୍ର କାମ୍ୟ । ଧର୍ମ ଆଚରଣ ଦ୍ୱାରା ଅର୍ଥପ୍ରାପ୍ତିହୁଏ, ପ୍ରାପ୍ତ ଅର୍ଥଦ୍ୱାରା ଧର୍ମାଚରଣ କଲେ, କାମକାମନାର ପାଶରୁ ମୁକ୍ତିମିଳେ, ଶେଷରେ ମୁକ୍ତିରୁ ଭକ୍ତି ଜାତ ହୋଇ ମୋକ୍ଷମାର୍ଗ ଉଜ୍ଜ୍ୱଳ ହୁଏ ।

୬. ମନୁଷ୍ୟର ଭାଗ୍ୟ ତା'ର କର୍ମଦ୍ୱାରା ନିୟନ୍ତ୍ରିତ, କର୍ମବାକ୍ୟ ଦ୍ୱାରା ଓ ବାକ୍ୟ ଚିନ୍ତାଦ୍ୱାରା ନିୟନ୍ତ୍ରିତ । ତେଣୁ ମନୁଷ୍ୟର ଭାଗ୍ୟ ସର୍ବଦା ସମାନ ନୁହେଁ । ପର୍ଯ୍ୟାୟଭୋଗ ଅନୁସାରେ ସୁଖପରେ ଦୁଃଖ, ପୁଣି ଦୁଃଖ ପରେ ସୁଖର ସମୟ ଆସିଥାଏ । ଏହା ଅସମ୍ଭବ ନୁହେଁ ।

୭. ଯେଉଁଠାରେ ଶଙ୍ଖଧ୍ୱନି ହୁଏ, ସେଠାରେ ଶ୍ରୀଲକ୍ଷ୍ମୀଦେବୀ ନିଶ୍ଚଳ ଭାବେ ଅବସ୍ଥାନ କରନ୍ତି । ତ୍ରିଭୁବନର ସକଳତୀର୍ଥ ଶଙ୍ଖରେ ପ୍ରତିଷ୍ଠିତ ।

୮. ନମସ୍କାର ଏକ ଯଜ୍ଞ । ଏହା ସମସ୍ତ ଯଜ୍ଞ ମଧ୍ୟରେ ଶ୍ରେଷ୍ଠ । ପ୍ରଣାମ ଆତ୍ମନିବେଦନ ଏବଂ ସରଳତାର ପ୍ରତୀକ । ଭୂମିଷ୍ଠ ପ୍ରଣାମଦ୍ୱାରା ଶରୀର ପବିତ୍ର ହୋଇ ଶ୍ରୀହରିଙ୍କର କରୁଣାଲାଭ ହୁଏ ।

୯. ପୂଜାକରିବାକୁ ଅସମର୍ଥ ବ୍ୟକ୍ତି ପୂଜାଦ୍ରବ୍ୟ ଦାନ କରିପାରିବେ । ଏଥିରେ ଅସମର୍ଥ ବ୍ୟକ୍ତି ପୂଜାଦର୍ଶନ ମଧ୍ୟ କରିପାରିବେ କିନ୍ତୁ ଏହି ଉଭୟ ମାର୍ଗରୁ ବଞ୍ଚିତ ଲୋକେ ଅଧୋଗତି ହିଁ ଲାଭ କରନ୍ତି ।

୧୦. ଦୁଇହାତ, ଦୁଇପାଦ ଓ ମୁହଁ ଧୋଇଲା ପରେ ମନରୁ କ୍ରୋଧକୁ ପରିତ୍ୟାଗ କରି ଗୋମୟ ଲିପ୍ତସ୍ଥାନରେ ଭୋଜନ କଲେ, ତାହାପୁଣ୍ୟ ଭୋଜନ ହୁଏ ।

୧୧. ଓଁକାର ସମସ୍ତ ବେଦର ଆଦ୍ୟ ଓ ଶ୍ରୀ ଏକାଦଶୀବ୍ରତ ସକଳ ବ୍ରତ ମଧ୍ୟରେ ଶ୍ରେଷ୍ଠ ।

୧୨. ତ୍ରିଲୋକରେ ଏପରି କୌଣସି ପାପ ନାହିଁ, ଯାହା କାର୍ତ୍ତିକ ମାସରେ ବିଷ୍ଣୁଙ୍କ ସମ୍ମୁଖରେ ଦୀପଦାନ ଦ୍ୱାରା ନଷ୍ଟ ନହୁଏ ।

୧୩. କୌଣସି ଅନୁଶୋଚନା ନ କରି ଅନାସକ୍ତ ଭାବେ ନିଜର କର୍ତ୍ତବ୍ୟ କରିଯାଅ । ତୁମର ସମସ୍ତ ପାପପୁଣ୍ୟର ଭାର ମୁଁ ନିଶ୍ଚିତ ଭାବେ ବହନ କରିବି ।

୧୪. ଅତୀତରେ ଯାହା ସବୁ ଘଟିସାରିଛି, ବର୍ତ୍ତମାନ ଯାହା ସବୁ ଘଟୁଛି ଏବଂ ଭବିଷ୍ୟତରେ ଯାହାସବୁ ଘଟିବାକୁ ଯାଉଛି : ମୁଁ ନିଜେ ସେ ସବୁର କର୍ତ୍ତା ବା ନିୟନ୍ତା ।

୧୫. ମୋ ବ୍ୟତୀତ ସୃଷ୍ଟି ଓ ସ୍ଥିତି ଅସମ୍ଭବ । ତ୍ରୈଲୋକ୍ୟର ସମସ୍ତ ଶ୍ରେଷ୍ଠ ବ୍ୟକ୍ତି ଓ ବସ୍ତୁ ମୋ ବ୍ୟତୀତ ଅନ୍ୟ କେହି ନୁହଁନ୍ତି ।

୧୬. ମସ୍ତିଷ୍କର ସୁସ୍ଥତା ଏବଂ ବିଶ୍ରାମ ନିମନ୍ତେ ପରିମିତ ନିଦ୍ରାର ଆବଶ୍ୟକତା ରହିଛି । ଅତିବେଶି ଗାଢ଼ ନିଦ୍ରା ଯିବା ଆଧ୍ୟାତ୍ମିକ ସାଧନାର ବାଧକ । ତମମାନଙ୍କ ମଧ୍ୟରେ ଏପରିଲୋକ ବି ଅଛନ୍ତି, ଯେଉଁମାନେ ନିଦ୍ରାବସ୍ଥାରେ ମଧ୍ୟ ଚେତନ ରହି ପାରୁଛନ୍ତି ।  ପଚାରି ବୁଝିବ ।

୧୭. ମୁକ୍ତିପଥ ବିଭିନ୍ନ । ଭକ୍ତିର ମଧ୍ୟ ବିଭିନ୍ନ ଅଂଶ ରହିଛି । ତ୍ରେତାରେ ଭରତ, ଲକ୍ଷ୍ମଣ ପ୍ରଭୃତି ଭକ୍ତିତତ୍ତ୍ୱରେ ଆସିଥିଲେ । ଲକ୍ଷ୍ମଣ ସଗୁଣଭକ୍ତ, ଭରତ ନିର୍ଗୁଣଭକ୍ତ । ନିର୍ଗୁଣ ଆଜ୍ଞାପାଳନ ବହୁ କଷ୍ଟ ସାଧ୍ୟ । ଏହା ନିରାକାର ପଥ ।  ମାତ୍ର ସଗୁଣ ଆଜ୍ଞାପାଳନ ହିଁ ଲୀଳା ଅଂଗ । ଏହା ସାକାର ପଥ । ଏହା ସହିତ ଗୁରୁକୃପା ପ୍ରତ୍ୟକ୍ଷରେ ରହିଥାଏ ।

୧୮. ପ୍ରତ୍ୟକ୍ଷ ଗୁରୁଙ୍କ ପରେ ସମ୍ପ୍ରଦାୟଗୁଡ଼ିକ ମଧ୍ୟ ଗୁରୁଙ୍କ ପଦ୍ଧତିକୁ ବିକଳାଙ୍ଗ କରି ଦେଉଛନ୍ତି । ନିଜସ୍ୱ ଜ୍ଞାନ ଗାରିମା ଓ ଭାବ ଅନୁସାରେ ବିକୃତ କରି ପ୍ରକାଶ କରୁଛନ୍ତି । ତେଣୁ, ସାଧାରଣ ଲୋକେ ସରଳ ବିଶ୍ୱାସରେ ଠକି ଯାଉଛନ୍ତି ।

୧୯. ବ୍ରହ୍ମ କୋଟିକୋଟି ସୂର୍ଯ୍ୟଠାରୁ ତେଜସ୍କର ହୋଇଥିଲେ ମଧ୍ୟ ଶରୀର ମଧ୍ୟରେ ବ୍ରହ୍ମଥାଇ ସୁଦ୍ଧା ଶରୀରର କ୍ଷତି କରୁନାହିଁ । ଯେପରି ଇଲେକ୍ଟ୍ରିକ୍ ବଲ୍‌ବ ମଧ୍ୟରେ ଫିଲାମେଣ୍ଟ ତେଜସ୍କର ଭାବରେ ଜଳୁଥିଲେ ମଧ୍ୟ ବଲ୍‌ବର କାଚକୁ ଫଟାଇ ଦେଉନାହିଁ । ଏହାକୁ ତୁଳନାତ୍ମକ ଭାବରେ ବିଚାର କଲେ, ବ୍ରହ୍ମ କ'ଣ ଜାଣି ପାରିବ ।

୨୦. ତମେମାନେ ଧାରା ନେଇଛ ଆତ୍ମ ଉନ୍ନୟନ, ପରମାର୍ଥ ଲାଭ ଏବଂ ଚରମପ୍ରାପ୍ତି ନିମନ୍ତେ । ଧାରା ନେବା ପରେ କର୍ମଯୋଗ ଅଭ୍ୟାସ ନ କରି, ଅଧିକରୁ ଅଧିକ ବିଷୟବାସନାର ସମସ୍ୟା ଉତ୍ଥାପନ କରି ବିଶୃଙ୍ଖଳା ଦେଇ ଗତି କରୁଛ । ତମମାନଙ୍କର ସର୍ବପ୍ରଥମେ ଏ ଦିଗରେ ଶୃଙ୍ଖଳାରକ୍ଷା କରିବା ଆବଶ୍ୟକ ।

ହରିବ ବିଷୟ୍ୟା ବିଷ
ଗୁଣିବ ଗୁଣ ବିଶେଷ
ଫେଡ଼ିବ ସର୍ବ କଳୁଷ
ମିଶାଇଲେ ଯୋଗ ଶେଷ ।।

ଧନ୍ଦାରେ ମାତିଲୁ ରହିଲୁ ଦୂରେ
ଫନ୍ଦାରେ ପଡ଼ିଲୁ ଭୁଲିଲୁ ତୁ' ରେ ।
ମନ୍ଦାମନ୍ଦା ପାପ ଚାରି ପାଖରେ
ଛନ୍ଦାପୟରକୁ ଅନାରେ ଥରେ ।।

# ପୁରାଣ ପୃଷ୍ଠାରୁ : ଗଳ୍ପାଂଶ : ''ଶ୍ରୀରାଧା ଉପାଖ୍ୟାନ''ର ମୀମାଂସା ଖଣ୍ଡ

ଶରୀର ତତ୍ତ୍ୱର ରହସ୍ୟ ଅନୁଯାୟୀ ଜୀବ ଯୋଗମାର୍ଗରେ କଠୋର ସାଧନ ମାଧ୍ୟମରେ ଗତିକରି ସମସ୍ତ ଗୁପ୍ତଜ୍ଞାନ ଆହରଣ କରିବାକୁ ବ୍ୟାକୁଳ ହୋଇଉଠେ । ସେହି ସାଧନ ସୂତ୍ରରେ ଗତି କରିବା ଅବସ୍ଥାରେ ଶବ୍ଦ ଏବଂ ରବ୍ଦ ସୃଷ୍ଟି ହୋଇ ବ୍ୟାପକ ହେବା ଅବସ୍ଥାକୁ 'ନାରଦ' କୁହାଯାଏ । ପିଣ୍ଡ ମଧ୍ୟରେ ସ୍ଥିତ ପରମାତ୍ମାଙ୍କୁ ଶ୍ରୀଭଗବାନ କୁହାଯାଏ । 'ଶ୍ରୀରାଧା ଉପାଖ୍ୟାନ' କହିଲେ ଜୀବତତ୍ତ୍ୱର କର୍ମ, ଅଭ୍ୟାସ, ଧ୍ୟାନ ଓ ଧାରଣାକୁ ବୁଝାଇଥାଏ । ତେଣୁ 'ସାଧକ' ନାରଦ ଅବସ୍ଥା ପ୍ରାପ୍ତ ହୋଇ ପରମାତ୍ମାଙ୍କୁ ଲୟକରି ଜୀବତତ୍ତ୍ୱର କର୍ମ, ଅଭ୍ୟାସ, ଧ୍ୟାନ ଓ ଧାରଣା ଉପରେ ଆଧାରିତ ଜ୍ଞାନ ପ୍ରାପ୍ତି ପାଇଁ ପ୍ରାର୍ଥନା କରେ ।

''କୈଳାଶ ଶିଖର'' ଅର୍ଥ ପିଣ୍ଡର ''କଣ୍ଠଚକ୍ର''ର ଗତି । ଉକ୍ତ ଚକ୍ରରେ ସ୍ଥିତ ''ରୋଧଣୀକୋଷ''କୁ ଶିବଜ୍ଞାନ ଓ ପାର୍ବତୀ ଅର୍ଥାତ୍ ସାତ୍ତ୍ୱିକ ମାୟା ଢ଼ାଙ୍କି ରଖିଅଛି । ଶିବ କହିଲେ ଶିବରୂପୀ ଜ୍ଞାନ । କୁମାର ''କାର୍ତ୍ତିକେୟ'' କହିଲେ ଆତ୍ମାର ଚତୁଃପାର୍ଶ୍ୱରେ ସଦ୍‌ଭର୍ତ୍ତ ସ୍ନାୟୁ । ଆତ୍ମା ସର୍ବଦା କୁମାର ଅବସ୍ଥା ଭଳି ରହିଥାଏ । ଶ୍ରୀକୃଷ୍ଣଙ୍କ ରାସୋତ୍ସବ ଉତ୍ସବ ବୋଇଲେ ସୁଷୁମ୍ନା ଦ୍ୱାରରେ ସ୍ନାୟୁକୋଷ ଆକାରରେ ଥିବା ଅଭୌତିକ 'ଆତ୍ମା'କୁ ବୁଝାଏ । ଏହା କୁଣ୍ଡଳିନୀକୁ ସୂକ୍ଷ୍ମଜ୍ଞାନ ତତ୍ତ୍ୱ ପ୍ରେରଣ କରେ । ଦେବୀ ପାର୍ବତୀ କହିଲେ ପିଣ୍ଡ ତତ୍ତ୍ୱରେ ସାତ୍ତ୍ୱିକ ରୂପବତୀ ମାୟା, ଉଜାଣି କୋଷକୁ ବୁଝାଏ ।

ଉକ୍ତ ଗଳ୍ପାଂଶରେ ଦେହତତ୍ତ୍ୱ ଅନୁସାରେ ଯୋଗୀ ଯୋଗମାର୍ଗରେ ଗତିକରି ସୁଷୁମ୍ନା ଦ୍ୱାରରେ ଅଭୌତିକ ଆତ୍ମାକୁ ଅନୁଭବ କରି ଆତ୍ମାର ସ୍ୱରୂପ ଜ୍ଞାନ ପ୍ରାପ୍ତି ପାଇଁ କଣ୍ଠଚକ୍ରକୁ ଗତିକରେ । ସେଠାରେ ସାତ୍ତ୍ୱିକ ମାୟାସାଧନ କରି ଉଜାଣିକୋଷ ଓ ରୋଧଣୀ କୋଷକୁ ସିଦ୍ଧ କରି ଶିବରୂପୀ ଜ୍ଞାନ ପ୍ରାପ୍ତ ହୋଇ ଜୀବତତ୍ତ୍ୱର କର୍ମ, ଅଭ୍ୟାସ, ଧ୍ୟାନ ଓ ଧାରଣ ସମ୍ବନ୍ଧୀୟ ଜ୍ଞାନ ପ୍ରାପ୍ତି ପାଇଁ ଯୋଗକ୍ରିୟା ଆରମ୍ଭ କରେ ।

''ବେଦ ଆଗମ'' କହିଲେ ଉର୍ମ, ଧୂର୍ମ୍ମ, ଜ୍ୟୋତି ଓ ବ୍ରହ୍ମଃକୁ ବୁଝାଏ । ଭଗବାନ କୃଷ୍ଣ ନିରଞ୍ଜନ ହେଉଛନ୍ତି ପରମାତ୍ମା, ଜୀବଦେହରେ ଆତ୍ମା, ଜୀବାତ୍ମା ରୂପୀ ନିରଞ୍ଜନ । 'ଶ୍ରୀରାଧା' ଓ 'ଶ୍ରୀକୃଷ୍ଣ' ହେଉଛନ୍ତି ଯଥାକ୍ରମେ ଜୀବାତ୍ମା ଓ ପରମାତ୍ମା । ଯୋଗୀ ସାଧନ କ୍ରମରେ ଉନ୍ନୀତ ହୋଇ ଯେତେବେଳେ ଉକ୍ତ ଉର୍ମ, ଧୂର୍ମ୍ମ, ଜ୍ୟୋତି ଓ ବ୍ରହ୍ମଃ ସ୍ତର ଭେଦ କରି ଜୀବାତ୍ମା ଓ ପରମାତ୍ମା ମିଳନ ସମ୍ବନ୍ଧୀୟ ଜ୍ଞାନ ପ୍ରାପ୍ତି ହୁଏ, ସେତେବେଳେ ସେ ଅପାର ଆନନ୍ଦ ଅନୁଭବ କରେ ଓ ଭକ୍ତିଜ୍ଞାନରେ ପୂର୍ଣ୍ଣତା ପ୍ରାପ୍ତ ହୁଏ । ଏହି ରହସ୍ୟକୁ ପିଣ୍ଡରେ ଥିବା ବ୍ରହ୍ମା ଅର୍ଥାତ୍ ସଦ୍‌ମନ 'ବ୍ରହ୍ମ' ସଚେତନ କୋଷ ଓ ଦେବଗଣ କହିଲେ ''କୌଣସି ସଂଜ୍ଞାବାହୀ କୋଷ'' ମଧ୍ୟ ଧାରଣ କରି ପାରନ୍ତି ନାହିଁ । ଏହାକୁ କେବଳ ସନତ୍‌କୁମାର ଅର୍ଥାତ୍ 'ଶବ୍ଦବ୍ରହ୍ମ' 'ସ୍ୱୟଂଧର୍ମ ସନାତନ' ଅର୍ଥାତ୍ ପିଣ୍ଡରେ ସଦ୍‌କର୍ମାନୁଷ୍ଠାନ ଗ୍ରହଣ କରୁଥିବା କୋଷ । 'ଦେବେନ୍ଦ୍ର ଇନ୍ଦ୍ର' କହିଲେ ଇନ୍ଦ୍ରାଦି ବୃହତି କୋଷମାନେ କେବଳ ଧାରଣ କରି ଗୁପ୍ତରେ ସାଇତି ରଖିଥାଆନ୍ତି । ଯୋଗୀ ଯୋଗକ୍ରିୟା ମାଧ୍ୟମରେ ଏହି କୋଷମାନଙ୍କୁ ଭେଦ କରି ସିଦ୍ଧିପ୍ରାପ୍ତ ହେଲେ ଏହି ଚରମ ରହସ୍ୟ ଉପଲବ୍ଧି କରିବାକୁ ସକ୍ଷମ ହୋଇଥାଏ । 'ମୁନୀନ୍ଦ୍ର' କହିଲେ ତପୋନିଷ୍ଠିକ ଭାବ, ମନ, ଯେଉଁ ମନୋଭାବ ମୁନି ଆଚରଣ ଓ ଯୋଗ ପଦ୍ଧତିକୁ ଗତି କରାଏ । 'ସିଦ୍ଧ ପୁରୁଷ ଗଣ' ବୋଇଲେ ପିଣ୍ଡରେ ଥିବା ସଦ୍‌ପ୍ରକୃତି, ସଂଶୋଧିତ ଭାବ ଓ ମତିକୁ ବୁଝାଏ । ଏହି ଦୁର୍ଲ୍ଲଭ ଜ୍ଞାନପ୍ରାପ୍ତି ହେଲେ ଏମାନେ ମଧ୍ୟ ସିଦ୍ଧ ହୋଇ ସେହି ଜ୍ଞାନକୁ ସାଇତି ରଖିଥାନ୍ତି । ଜୀବ ଯେତେବେଳେ ଏହି ଜ୍ଞାନ ପ୍ରାପ୍ତି ପାଇଁ ଅଗ୍ରସର ହେଉଥାଏ, ସାତ୍ତ୍ୱିକ ମାୟାକୁ ଢାଙ୍କି ରଖିଥିବା ସଂଜ୍ଞାବାହୀ ସ୍ନାୟୁ ନିସ୍ତେଜ ହୋଇ ଯାଆନ୍ତି । ଏହାକୁ ଗଳ୍ପାଂଶରେ ପାର୍ବତୀ (ସାତ୍ତ୍ୱିକମାୟା) ପ୍ରାଣତ୍ୟାଗ କରିବା ନିମନ୍ତେ ଯତ୍ନବାନ ହେଉଛନ୍ତି (ସଂଜ୍ଞାବାହୀ ସ୍ନାୟୁ ନିସ୍ତେଜ ହୋଇଯିବା ଅବସ୍ଥା) ବୋଲି ବର୍ଣ୍ଣନା କରାଯାଇଅଛି ।

'ବୃନ୍ଦାବନ' ଅର୍ଥ ହେଉଛି – 'ଗୋଲୋକ', ଭୌତୀଚୈତନ୍ୟ, ଯେଉଁଠାରେ ଜୀବ, ପରମ ଲୀଳା ସୂକ୍ଷ୍ମରେ ସଂଗଠିତ ହୁଏ । ଏଠାରେ ପ୍ରକୃତିସ୍ଥ ଜୀବ ଅଚେତନ ଥାଏ । ''ଗୋଲୋକ ରାସମଣ୍ଡଳ'' କହିଲେ ଅଧିଭୌତୀ

ଚେତାପୁରୁଷ ମଣ୍ଡଳକୁ ବୁଝାଏ । 'ଶତଶୃଙ୍ଗ' ବୋଇଲେ 'ସପ୍ତଭୂରାଙ୍ଗୀ' କୋଷ ଦେହରେ ବିଭିନ୍ନ ଚକ୍ରାନ୍ତ ଭାବକୁ ପରିବର୍ତ୍ତନ କରିବା ଅବସ୍ଥାକୁ ବୁଝାଏ । ମଲ୍ଲୀମାଳତୀ କାନନ ଅର୍ଥ ହେଉଛି ମଲ୍ଲୀ-ସଦ୍‌କୃମ୍ଭିକ ସ୍ନାୟୁ, ମାଳତୀ-ଧୂମ୍ୟକୃମ୍ଭିକ ସ୍ନାୟୁ । 'ରତ୍ନ ସିଂହାସନ' ହେଉଛି 'କମ୍ଭୋରୀ ସ୍ନାୟୁ' । ଏହି ସ୍ନାୟୁ ଦେହରେ ଆତ୍ମାକୁ ଧାରଣ କରି ଜଗୁଆଳି କାର୍ଯ୍ୟ କରିଥାଏ । ସୁତରାଂ ଯୋଗୀ ତାର ଯୋଗ ସାଧନ ମାଧ୍ୟମରେ ସଦ୍‌କୃମ୍ଭିକ ସ୍ନାୟୁ ଓ ଧୂମ୍ୟକୃମ୍ଭିକ ସ୍ନାୟୁକୁ ଜାଗ୍ରତ କରାଇ ଅଧିଭୋରୀ ଚେତାପୁରୁଷ ମଣ୍ଡଳରେ ପ୍ରବେଶ କରେ । ସେଠାରେ ସପ୍ତଭୂରାଙ୍ଗୀ କୋଷ ସାଧନ କରି 'କମ୍ଭୋରୀ ସ୍ନାୟୁ' ସାହାଯ୍ୟରେ ଭୋରୀ ଚୈତନ୍ୟ ଜାଗ୍ରତ କରାଇ ଜୀବ, ପରମ ଲୀଳା ସ୍ୱପ୍ନରେ ଦର୍ଶନ କରିବା ପାଇଁ ଅଗ୍ରସର ହୁଏ । ଏହିଠାରେ ସାଧକ ଉପଲବ୍ଧି କରେ ପରମାତ୍ମା (ଚୈତନ୍ୟ) ଦୁଇଭାଗରେ ବିଭକ୍ତ ହେଉଛନ୍ତି ଯଥା ଅଶ୍ୱଧିକଃ ଚେତା ଓ ମେଧକ ଚେତା । ଅବ୍ୟକ୍ତଙ୍କର ଦକ୍ଷିଣ ଅଙ୍ଗରୁ ମନୋରମ କୃଷ୍ଣ ଅର୍ଥାତ୍ 'ପରମାତ୍ମା' ଓ ବାମଅଙ୍ଗରୁ ପରମାସୁନ୍ଦରୀ ଶ୍ରୀରାଧା ଅର୍ଥାତ୍ 'ଜୀବାତ୍ମା' ସୃଷ୍ଟି ହେଉଛନ୍ତି । ପରମାତ୍ମା ଶ୍ରୀ ରାଧା ଅର୍ଥାତ୍ ଜୀବାତ୍ମାଙ୍କର କର୍ମଧାରାକୁ ଧାରଣ କରୁଅଛନ୍ତି । ଏଠାରେ ରାଧା ହେଉଛନ୍ତି 'ରା' ଚୈତନ୍ୟରେ ରାମ, 'ଧା' ଶୈବ ଚୈତନ୍ୟରେ – କୃଷ୍ଣ । ମାଳତୀ ପୁଷ୍ପମାଳା ମଣ୍ଡିତା ଶ୍ରୀରାଧା ଅର୍ଥାତ୍ ଧୂମ୍ୟକୃମ୍ଭିକ ସ୍ନାୟୁ ଦ୍ୱାରା ପରିବେଷ୍ଟିତ ଜୀବାତ୍ମା ନୀଳବର୍ଣ୍ଣ ଧାରଣ କରି ଖୁବ୍ ଦେଖାଯାଆନ୍ତି ।

ରାଧାଙ୍କ ଅଂଶରୁ ଦେବଯୁବତୀମାନଙ୍କର ଜନ୍ମ କହିଲେ ଜୀବାତ୍ମାଙ୍କ ଇଚ୍ଛାମତେ ଚେତକ ଚିତ୍ତ ସ୍ନାୟୁଗଣ ପ୍ରକୃତି ମାୟାରୂପରେ ଜାତ ହେବାକୁ ବୁଝାଏ । ରାଧାଙ୍କ ଲୋମକୂପରୁ ଗୋପୀଗଣ ଜନ୍ମ ବୋଇଲେ 'ଅଣୌଚିତ୍ତ' ମାୟାରୁ ଗୋପୀ ଚେତକ ମୁକତି ସ୍ୱଭାବ ଗୁଡ଼ିକ ଜନ୍ମ । କୃଷ୍ଣଙ୍କର ଲୋମକୂପରୁ ଗୋପଗଣ ଜନ୍ମ କହିଲେ, ପରମାତ୍ମା ଇଚ୍ଛାମତେ ଗୋପଗଣ ଅର୍ଥାତ୍ ଶୁଦ୍ଧିଚେତକ କୋଷର ଉତ୍ପତ୍ତିକୁ ବୁଝାଏ । ଯୋଗୀ ଏହି ଅବସ୍ଥାରେ ପହଞ୍ଚି ଲକ୍ଷ୍ୟକରେ ଜୀବାତ୍ମା ମଧ୍ୟରୁ ଚେତକ ସ୍ନାୟୁଗୁଡ଼ିକ ପ୍ରକୃତି ମାୟାର ରୂପ ଧାରଣ କରି ସୃଷ୍ଟି ହୋଇ ଯାଇଛନ୍ତି ଓ ସେହି ଅଣୌଚିତ୍ତ ମାୟାରୁ ଚେତକ ମୁକ୍ତ ସ୍ୱଭାବ ମଧ୍ୟ ସ୍ୱପ୍ନରେ ଉଦ୍‌ଭବ ହୋଇଯାଉଛନ୍ତି । ପରମାତ୍ମାଙ୍କ ଜ୍ୟୋତିରୁ ଶୁଦ୍ଧି ଚେତକ କୋଷମାନେ ସୃଷ୍ଟିହୋଇ ଅଭିନବ ପରିବେଶ ସୃଷ୍ଟି କରୁଛନ୍ତି ଓ 'ଜନ୍ମ' ପିଣ୍ଡଲୀଳା ରଚନା କରୁଅଛନ୍ତି । ରାଧାଙ୍କ ବାମାଂଶରୁ ମହାଲକ୍ଷ୍ମୀଙ୍କର ଜନ୍ମ ଅର୍ଥାତ୍ ''ମୋହ, ମାୟା,'' ''ସାକ୍ତ ସ୍ନାୟୁ''ର ଉତ୍ପତ୍ତି । ବୈକୁଣ୍ଠ ଅର୍ଥ ପିଣ୍ଡତତ୍ତ୍ୱରେ ବାଇଶି ଚୈତନ୍ୟର ବିଚ୍ଛେଦକୀ ଚୈକୁଣ୍ଠରେ ପରମାତ୍ମାଙ୍କ ଅଧିନରେ ସମର୍ପିତ ହେଉଛନ୍ତି । ଏହା ପରେ ଏହି ମହାଲକ୍ଷ୍ମୀ ବା ମୋହମାୟା ସମାହାର ମଧ୍ୟରୁ ସମ୍ପଦ ଦାୟିନୀ ରାଜଲକ୍ଷ୍ମୀ ଅର୍ଥାତ୍ ''ଶୁଭୌକ୍ତି ସ୍ନାୟୁ''ରୁ ଅଣଚାଶଟି କାର୍ମୌକ୍ରିୟ ସ୍ନାୟୁ ସୃଷ୍ଟି ହୋଇ ପିଣ୍ଡରେ ଐଶ୍ୱର୍ଯ୍ୟ ଭୋଗର ଉନ୍ମାଦ ସୃଷ୍ଟି କରାଉଛନ୍ତି ।

''ରାଧା କୃଷ୍ଣଙ୍କର ବକ୍ଷଦେଶରେ ସଂସ୍ଥିତା'' କହିଲେ ଜୀବ, ପରମଙ୍କର ଯୋଗଭାବଧାରା ''ଅଭୌତିକ ଯୁଗ୍ମଲୀଳା''କୁ ବୁଝାଏ । ପ୍ରକୃତି, ପୁରୁଷ ଏହି ସମୟରେ ଏକ ଅଙ୍ଗରେ ପୁନଃ ବିରାଜିତ ହୁଅନ୍ତି । ଯୋଗୀ ଏହି ରୂପ ଦର୍ଶନ କରି ପୂର୍ଣ୍ଣାଙ୍ଗ ପ୍ରାପ୍ତି ହୁଏ । କାରଣ 'ପରମାତ୍ମନ୍ ସଦୃଶ ତ୍ରିଗୁଣାତ୍ମିକା' ଅର୍ଥ ''ବ୍ରହ୍ମରୁ ପ୍ରକୃତି ପୁରୁଷକାର ଶକ୍ତି'' । ପୂର୍ଣ୍ଣବ୍ରହ୍ମ ହେଉଛନ୍ତି ପରମାତ୍ମା, ପରଂବ୍ରହ୍ମ ଚୈତନ୍ୟ ବ୍ରହ୍ମ । ରାଧାକାନ୍ତ – ହେଉଛନ୍ତି କୃଷ୍ଣ । କୃଷ୍ଣ ସୁଷୁମ୍ନା ଦ୍ୱାରରେ କ୍ଲୀଂ ବୀଜ ରୂପେ ଅବସ୍ଥାନ କରନ୍ତି । ଯୁଗାନୁବାଦରେ ଭିନ୍ନ ନାମ ମଧ୍ୟ ଧାରଣ କରନ୍ତି । ''ସତ୍ୟ, ସନାତନ'' ହିଁ ଅବ୍ୟକ୍ତ ବ୍ରହ୍ମ । ଏହି ଅବ୍ୟକ୍ତ ବ୍ରହ୍ମ ହିଁ ଦୁଇଭାଗରେ ବିଭକ୍ତ ହୋଇଛନ୍ତି ପ୍ରକୃତି ଓ ପୁରୁଷ । ପ୍ରକୃତି ରୂପରେ ଶ୍ରୀରାଧା 'ପରମ ବୈଷ୍ଣବୀ' ଓ ପୁରୁଷ ରୂପରେ ଶ୍ରୀକୃଷ୍ଣ 'ପରମ ବୈଷ୍ଣବ' । ସୁତରାଂ ଉଭୟେ ଆଦି, ଏକ, ଅଭିନ୍ନ । ପୁରୁଷଙ୍କ ଅଂଶରୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଆଦି ଦେବଗଣ ଓ ପ୍ରକୃତିଙ୍କ ଅଂଶରୁ ପ୍ରଥମେ ମହାଲକ୍ଷ୍ମୀ, ମହାମାୟା ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟାନ୍ୟ ଦେବୀମାନେ ବିଭିନ୍ନ ଅଂଶ ନେଇ ଭିନ୍ନ ଭିନ୍ନ ରୂପ ପରିଗ୍ରହ କରି ସୃଷ୍ଟି ହେଲେ । ତେଣୁ ଯୋଗୀର ଏକମାତ୍ର ଲକ୍ଷ୍ୟଥାଏ ଆଦିଶକ୍ତି ଶ୍ରୀରାଧା ଓ ଅନାଦି ଶ୍ରୀକୃଷ୍ଣଙ୍କୁ ଏକ ଅଂଶରେ ଉପଲବ୍ଧି କରି ସାଧନର ପୂର୍ଣ୍ଣାଙ୍ଗ ପ୍ରାପ୍ତି ହେବା ।

# ଅଚ୍ୟୁତଙ୍କ "ଶିବକଳ୍ପ" ପଞ୍ଚଦଶ ନିର୍ଘଣ୍ଟର ସହଜ, ସରଳ ବ୍ୟାଖ୍ୟା

**ପୃଥ୍ୱୀ ଆପ ତେଜ -------------------- ଅମନରେ ମନ ଭର ॥**

ଜୀବ ପ୍ରାଥମିକ ଅବସ୍ଥାରେ ଯେତେବେଳେ ଯୋଗ ସାଧନ କରେ, ସେ ଅବସ୍ଥାରେ ସେ ଅଭ୍ୟାସ କରି ପୃଥ୍ୱୀ ତତ୍ତ୍ୱରୁ ବର୍ଣ୍ଣଭେଦ କ୍ରିୟାଠାରୁ ନିଜକୁ ଦୂରେଇ ରଖେ । ପୃଥ୍ୱୀ ତତ୍ତ୍ୱର ବିଭିନ୍ନ ରଙ୍ଗ ଦେହ, ମନରେ ପ୍ରଭାବ ପକାଏ । ଭାବକୁ ଚଞ୍ଚଳ କରେ । ମନ ଓ ଭାବକୁ ଅଚଞ୍ଚଳ, ସ୍ଥିର ରଖିବାପାଇଁ, ଲୟ ସିଦ୍ଧାନ୍ତ ହେବା ପର୍ଯ୍ୟନ୍ତ ଏହି ବର୍ଣ୍ଣ ଭେଦ କ୍ରିୟାଠାରୁ ଯଥେଷ୍ଟ ଦୂରରେ ରହିବା ଏକାନ୍ତ ଆବଶ୍ୟକ । ପୃଥ୍ୱୀ ସଦା ସ୍ଥିର । କିନ୍ତୁ ତା'ର ବକ୍ଷରେ ଶୋଭା ପାଉଥିବା ବିଭିନ୍ନ ରଙ୍ଗ, ବେରଙ୍ଗର ବୃକ୍ଷ, ଫଳ, ପୁଷ୍ପ ତାକୁ ଚଞ୍ଚଳ କରାଏ । ସେହିପରି ଦେହ ସ୍ଥିର । ମାତ୍ର ମନର ସ୍ଥିର ସ୍ୱଭାବ ଗୁଡ଼ିକ ରଙ୍ଗ ସାହାଯ୍ୟରେ ସ୍ଥିର ମନକୁ ପ୍ରଭାବିତ କରି ଭାବକୁ ଚଞ୍ଚଳ କରାନ୍ତି ଯେପରି ଜଳରେ ଭାବ, ସ୍ୱରୂପ ସ୍ୱଚ୍ଛ, ସେହିପରି ଦେହରେ ଲୟ ସ୍ୱଚ୍ଛ । ପ୍ରକୃତିରୁ ଭାବରେ ତରଙ୍ଗ ସୃଷ୍ଟି ହୋଇ ମନକୁ ଚଞ୍ଚଳ କରାନ୍ତି ଠିକ୍ ଯେପରି ସ୍ଥିର ଜଳରେ ଟେକାଟିଏ ପକାଇଦେଲେ ସଂଗେ ସଂଗେ ତରଙ୍ଗ ସୃଷ୍ଟି ହୋଇଯାଏ । ଜଳକୁ ଘାଣ୍ଟିଦେଲେ ଜଳର ନିମ୍ନରେ ଥିବା ବାଲି, ମାଟି ଉଠିଆସି ଜଳ ସହିତ ମିଶି ଗୋଳିଆ ଓ ଦୂଷିତ କରି ଦିଅନ୍ତି । ସେହିପରି ପିଣ୍ଡରେ ଥିବା ସ୍ୱଚ୍ଛ ଭାବଗୁଡ଼ିକ 'କୁ' ଚିନ୍ତା ରୂପକ ଅସ୍ତ୍ରଦ୍ୱାରା ଘାଣ୍ଟି ହୋଇଗଲେ ଗୋଳିଆ ଓ କଳୁଷିତ ହୋଇଯାଆନ୍ତି । ଫଳରେ ପରମପିତାଙ୍କ ପ୍ରତି ଭାବରେ ଆବିଳତା ଭରିଯାଏ । ଅଗ୍ନିର ଧର୍ମ ଯେପରି ଲହଲହ ହୋଇ ଜ୍ୱଳନ ଫଳଦିଏ ଓ ଅବଶେଷରେ ଧ୍ୱଂସ କରିଦିଏ, ସେହିଭଳି ଜୀବଦେହରେ କ୍ରୋଧ ମଧ୍ୟ ଅଗ୍ନିର ଭୂମିକା  ପାଳନ କରି କ୍ରୋଧାଗ୍ନି ଦ୍ୱାରା ସମସ୍ତ 'ସୁ' ଭାବକୁ ଦହନ କରି ନଷ୍ଟ କରିଦିଏ । ଜୀବ କ୍ରୋଧରକ୍ଷୀ ସର୍ବଦା ଅହଙ୍କାରୀ ରୂପ ଧାରଣ କଲେ, ଏହି କ୍ରୋଧାଗ୍ନି ଦେହର ସମସ୍ତ ଶ୍ରଦ୍ଧା ଓ ନିଷ୍ଠାକୁ ଲୁପ୍ତ କରିଦିଏ । ବାୟୁ ଯେପରି 'ସୁ' ଓ 'କୁ' ଉଭୟଗନ୍ଧକୁ ସ୍ପର୍ଶ କରେ, ଧାରଣ କରେ  ଏବଂ ବହନ କରିନିଏ ଏବଂ ସମୟେ ସମୟେ ଝଡ଼ ସୃଷ୍ଟି କରି ଉଭୟକୁ ନଷ୍ଟ କରିଦିଏ, ସେହିପରି ପିଣ୍ଡରେ ମଧ୍ୟ ସୁଗନ୍ଧ ଓ ଦୁର୍ଗନ୍ଧ ଉଭୟ ଅଛି ଓ ପିଣ୍ଡ ଏ ଉଭୟକୁ ଧାରଣ କରିଅଛି । କିନ୍ତୁ ବାହ୍ୟରେ ପିଣ୍ଡ କେବଳ ସୁ ଭାବ ଗନ୍ଧକୁ (ନୀତି) ଗ୍ରହଣ କରେ । କିନ୍ତୁ ଯୋଗୀ ସାଧନ କ୍ରମେ ଉନ୍ନୀତ ହୋଇ ଯେତେବେଳେ ସମାଧିସ୍ଥ ହୁଏ, ସେତେବେଳେ ସେ ଉଭୟ ଭାବକୁ ସମଭାବରେ ଗ୍ରହଣ କରେ । ତାର ମନରେ କୌଣସି ବିକାର ନଥାଏ ।

ଆକାଶ ତତ୍ତ୍ୱରେ ଗ୍ରହ, ଉପଗ୍ରହ, ଦଶଦିଗପାଳ, ଭୂତ, ଚନ୍ଦ୍ର, ସୂର୍ଯ୍ୟ ଆଦି ଦେବତାମାନେ ଅଛନ୍ତି । ଏ ପ୍ରତ୍ୟେକଙ୍କର କ୍ରିୟା ଭିନ୍ନ ଭିନ୍ନ ହୋଇଥାଏ । ଏମାନଙ୍କର କ୍ରିୟାରେ ସୃଷ୍ଟିର ମଙ୍ଗଳ କାର୍ଯ୍ୟମାନ ସଂପାଦିତ ହୁଏ । ପିଣ୍ଡତତ୍ତ୍ୱରେ ଶରୀରର ପ୍ରତ୍ୟେକ ଚକ୍ରରେ ଏହି ଦେବତାମାନେ ଉପସ୍ଥିତ ହୋଇଥାନ୍ତି । ସେମାନଙ୍କୁ ଯଥା ସମୟରେ ସ୍ମରଣ କରି ପ୍ରାର୍ଥନା କଲେ ସେମାନେ ଦେହପ୍ରତି ବିଘ୍ନ ଘଟାନ୍ତି ନାହିଁ । ଯୋଗୀ ସାଧନ ସମୟରେ ଏହି କୌଶଳ ଅବଲମ୍ବନ କରି ସେମାନଙ୍କୁ ଗୁରୁ ରୂପରେ ଗ୍ରହଣ କରି ସେମାନଙ୍କର ଆଶୀର୍ବାଦ ପ୍ରାପ୍ତ ହୁଅନ୍ତି । ତେଣୁ ଯୋଗୀ ଯୋଗକରିବା ଅବସ୍ଥାରେ ପ୍ରତ୍ୟେକ ଚକ୍ରକୁ ଭେଦକରି ଚକ୍ରସ୍ଥିତ ଦେବତାଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇ ଲଲାଟ ଚକ୍ରରେ ଚୈତନ୍ୟ ମଣ୍ଡଳରେ ପହଞ୍ଚନ୍ତି । ଏହି ସମୟରେ ଶ୍ରୀଗୁରୁଦେବଙ୍କ ଆଦେଶ ପ୍ରତି ନିଷ୍ଠା ଓ ଦୃଢ଼ ଭାବରକ୍ଷି ଆଗେଇଲେ ସମସ୍ତ ବିଘ୍ନ ନାଶହୋଇ ଯୋଗୀର ମନ ଅନାଦିଙ୍କ ପ୍ରତି ଆକର୍ଷିତ ହୋଇଯାଏ ।

**ଅଇଶ୍ୱର୍ଯ୍ୟ ଥାପି -------------------- କର ଆଶ ॥**

ବ୍ରହ୍ମ ଉପଲବ୍ଧି ପାଇଁ ଦୁଇଟି କାରଣ ଥାଏ । ଭୋଗ, ଐଶ୍ୱର୍ଯ୍ୟ ମଧ୍ୟରେ ଥାଇ ପରମାର୍ଥ ଅନୁଭବ କରି ହୁଏ ନାହିଁ । ପ୍ରାଥମିକ ଅବସ୍ଥାରେ ଐଶ୍ୱର୍ଯ୍ୟର ବାହ୍ୟଭୋଗରୁ ଦୂରେଇ  ରହି ବ୍ରହ୍ମଙ୍କ ସହିତ ଯୋଗ ହେବା ପର୍ଯ୍ୟନ୍ତ

ବୈରାଗ୍ୟ ଅବଲମ୍ବନ କରିବା ଏକାନ୍ତ ଆବଶ୍ୟକ । ଯୋଗୀ ଏହାପରେ ସମାଧିସ୍ଥ ହୋଇ ସେହି ସ୍ତରରେ ସୂକ୍ଷ୍ମରେ ଐଶ୍ୱର୍ଯ୍ୟ, ଜ୍ଞାନ ଗୁଣାତ୍ମକ କ୍ରିୟା ଅନୁଭବ କରେ । ଏହାପରେ ସାଧନ ସୋପାନର କ୍ରମ ଉନ୍ନତି ପାଇ ଅନାଦି (ଆଜ୍ଞା) ଚକ୍ରରେ ପହଞ୍ଚି ଏଠାରେ ଐଶ୍ୱର୍ଯ୍ୟ ଅଣିମାଦିରେ ଥିବା 'ସୁ' ସୂକ୍ଷ୍ମାଦୀୟ କ୍ରିୟା ସଂଗଠିତ କରେ । ଜୀବ ଏହାପରେ ଲଲାଟ ଚକ୍ରରେ ପହଞ୍ଚିଯାଏ । ଏଠାରେ ଅଣିମା ଐଶ୍ୱର୍ଯ୍ୟକୁ 'ବୁ' ଓ 'ସୁ' କରି ସୂକ୍ଷ୍ମରେ କ୍ରିୟା ସଂଗଠିତ କରେ । ଏହି ସମୟରେ 'ସମ୍ପରୀୟ' ନାଦର ପଞ୍ଚମ ଅବସ୍ଥା ସୃଷ୍ଟିହୋଇ ''ଅବନାବାୟୁ'' ପ୍ରବାହିତ ହୁଏ । ଏହି ଅବସ୍ଥାରେ ଯୋଗୀ ଅନାହାରୀ ହୋଇଯାଏ । ଚକ୍ଷୁର 'ଭ୍ରୂ' ମଧ୍ୟରେ ଡ଼ୋଳା ସ୍ଥିର ହୋଇଯାଏ । ଚକ୍ଷୁ ସବୁବେଳେ ଲାଲରଙ୍ଗ ଧାରଣ କରିଥାଏ । ଚକ୍ଷୁର ଉପର ପତା ତଳ ଭାଗ ଫୁଲିଲା ପରି ଦିଶେ । ଭ୍ରୂକୁଞ୍ଚନ ହୁଏ ନାହିଁ । ରାଧାକୃଷ୍ଣଙ୍କର ଯୁଗଳ ମୂର୍ତ୍ତି ଲଲାଟରେ ଦେଖାଯାଏ । ଜ୍ୟୋତିରେ ନୀଳ, ଧବଳ ବର୍ଣ୍ଣର ଆଲୋକ ରୂପ ପ୍ରଦର୍ଶିତ ହୁଏ । ଉଭୟ ଅଂଗ ଏକବର୍ଣ୍ଣ ହୋଇ ସ୍ୱର୍ଗ (ମସ୍ତକ), ମର୍ତ୍ତ୍ୟ (ଉଦର) ଓ ପାତାଳ (ପାଦଦେଶରୁ) ସାତପ୍ରକାରର ଶୈଧିକର୍ପ କର୍ମ ଜ୍ଞାନ ତତ୍ତ୍ୱ ଆହରଣ ପାଇଁ ସାହାଯ୍ୟ ଯୋଗାଇଥାଏ ।

**ହରପରେ ଝର ------------------------ ଶାହାସ୍ତର ପଦ୍ମେ ॥**

ଯୋଗୀ କଣ୍ଠଚକ୍ରରେ ଅନୁଭବ କରେ ଯେ, ଧବଳର ଶୋରୀସା ଜ୍ଞାନ, ପଞ୍ଚଭୂତର ଅଣୁ, ଚକ୍ରମାନ କର୍ମ ଏହିଚକ୍ରରୁ ନିଷ୍ପନ୍ନ ହେଉଅଛି । ଏଠାରେ ସେ ପୁନର୍ବାର ଅନୁଭବ କରେ, ମାତୃଗର୍ଭଜ୍ଞାନ ଷଷ୍ଠ ସୋପାନରେ ଚେତା ବାଟେ ଆସି ପୁଣି ଫେରି ଯାଉଅଛି । ଏଭଳି ହେବାର କାରଣ-କଣ୍ଠ ଚକ୍ରରେ ଦ୍ୱାଦଶ ସୋପାନ ଅଛି । ଏହି ସମସ୍ତ ସୋପାନ ପୂର୍ଣ୍ଣ ଅନୁଭବ ହେଲା ପରେ ହିଁ ଚିତ୍ତ ସ୍ଥିର ହୁଏ । ତେଣୁ ଷଷ୍ଠ ସୋପାନରେ ଅନୁଭୂତ ଜ୍ଞାନ ଚିତ୍ତ ସ୍ଥିର ହୋଇ ନଥିବାରୁ ସ୍ଥାୟୀ ହୋଇ ରହେ ନାହିଁ । ଯୋଗୀର ଏହି ଅବସ୍ଥାରେ ଉପଯୁକ୍ତ ଜ୍ଞାନଗୁରୁ ନ ମିଳିଲେ ସେ ଜ୍ଞାନ ପାଗଳ ହୋଇଯାଏ । ଉଚିତ ସଦ୍‌ଗୁରୁ ପ୍ରାପ୍ତ ହେଲେ ତାଙ୍କ କୃପା ଓ ଶିକ୍ଷାରେ ଲଘିମାଦି ଜ୍ଞାନକୁ ନାସାଗ୍ରରେ ରଖି ତାପରେ ଯୋଗୀ ଜୀବବ୍ରହ୍ମ, ପରଂବ୍ରହ୍ମ ଭାବକୁ ଗ୍ରହଣ କରିପାରେ ଓ ଚିତ୍ତରେ ଅହରହ ପଦ୍ମପାଦ ଦର୍ଶନ କରୁଥାଏ ।

**ନାମବ୍ରହ୍ମ ତହିଁ .......................... ନାଳ ପରେ ଚିହ୍ନ ।**

ଯୋଗୀ ନିର୍ବିକଳ୍ପ ସମାଧି ଅବସ୍ଥାରେ ଅନୁଭବ କରେ, ଆଜ୍ଞାଚକ୍ରରେ ଯୁଗଳାଙ୍ଗର ଯନ୍ତ୍ର ସୂକ୍ଷ୍ମରେ ହରିଦ୍ରାବର୍ଣ୍ଣ ଧାରଣ କରିଅଛି । ଏହି ଅବସ୍ଥାରେ ସାଧକ ତ୍ରିଗୁଣାତ୍ମିକା କ୍ରିୟାରୁ ଅଣୁକୋଷମାନ ନିଶ୍ୱାସ ପଥ ଦେଇ ପ୍ରାଣ କେନ୍ଦ୍ରରେ ରଖି କୁଣ୍ଡଳିନୀ ସାଧନ କରିବା ଅବସ୍ଥାରେ ଭିନ୍ନରୂପ ଅନୁଭୂତି ଉପଲବ୍ଧି କରେ । ଏ ରୂପ ଦିବାଭାଗରେ ନୀଳ, ଧବଳ, ରାତ୍ରରେ କେବଳ ଧବଳ ବର୍ଣ୍ଣ ଦେଖାଯାଆନ୍ତି । ପୂର୍ଣ୍ଣିମାରେ ଯୋଗୀ ଗୈରୀକବର୍ଣ୍ଣ ମଧ ଅନୁଭବ କରେ । ଏହି ସମୟରେ ଯୋଗୀ ତା'ର ଦେହ ଥିବା ପର୍ଯ୍ୟନ୍ତ ବାହ୍ୟଜ୍ଞାନ-ଶୂନ୍ୟ ହୋଇଯାଏ । ଏଠାରେ ''କାଳିନ୍ଦୀ ହ୍ରଦ'' ହେଉଛି କୁଣ୍ଡଳିନୀର ''ସୌରୀବ୍ରତ'' କ୍ରିୟା । ଏହିଠାରେ ପ୍ରତ୍ୟେକ ପ୍ରାଣୀର ''କାଳଚକ୍ର'' ଆଦାନପ୍ରଦାନ ହେଉଥାଏ । ଏହି ଚକ୍ରରେ ପ୍ରାଣୀ ପାପକର୍ମର ଫଳ ପ୍ରାପ୍ତି ହୋଇ ଜନ୍ମାନ୍ତରରେ ଭୋଗ କରୁଥାଏ । ଯୋଗସାଧନ ''ଅନୁକ୍ଷୟ'' ସମାଧି ଅବସ୍ଥାରେ ଶୁଦ୍ଧିଭାବମାନ ତୋଳି କ୍ଷୀରସାଗର, ଜ୍ଞାନସାଗରରେ ଭାସମାନ ''ସୌକ୍ଷୀଁ ଚୈତନ୍ୟ କମଳ'' ଦ୍ୱାରା ପୂର୍ଣ୍ଣ ନିର୍ବିକଳ୍ପ ସମାଧି କର୍ମ୍ମ ସଂପାଦନ କରେ ।

**ବାଜୁଛି ବାଜଣା...................... ଆପଣାକୁ ଦେଖ ।।**

ବାଜଣା, ଅର୍ଥାତ୍ ନାଦବ୍ରହ୍ମର ଧ୍ୱନି ସଦାସର୍ବଦା ବାଜୁଥାଏ । ଏହିଠାରେ ବ୍ରହ୍ମା ମଧ ବଣା ହୋଇଯାଆନ୍ତି । ବାରବଙ୍କୁନାଳ ହେଉଛି ଦ୍ୱାଦଶଚକ୍ରବାହୀ ନାଡ଼ି । ଯୋଗୀ ଯେତେବେଳେ ନିଜ ଆତ୍ମାକୁ ଦର୍ଶନ କରେ, ସେତେବେଳେ ସପ୍ତଲୋକ ଭେଦ କରି ପ୍ରତ୍ୟେକ ବୀଜକୁ ଯନ୍ତ୍ର, ଅକ୍ଷରଦ୍ୱାରା ଅନୁଭବ କରେ । ''କ୍ଲୀଂ'' ବୀଜରେ ଥିବା ଏକୋଇଶ ''ଶୂନୋଁଯନ୍ତ୍ର'' ମାନ ଏହି ଅବସ୍ଥାରେ ଲକ୍ଷ୍ୟ କରେ । ଏହି ଅବସ୍ଥାରେ ଯୋଗୀ ନିଜେ ନିଜକୁ ଚିହ୍ନେ ଓ ''ମୁଁ'' ଜ୍ଞାତ ହୁଏ ।

**ବାରିଧରି ..............................ଜାତିସ୍ମର ଭକ୍ତ ସେହି ।।**

ମାୟା ବନ୍ଧନରେ ଥିବା ପର୍ଯ୍ୟନ୍ତ ଜୀବ ''ମୁଁ''''ମୋର'' ଆଦି ଅହଙ୍କାର ଭାବ ତୋଳିଥାଏ । ଚୈତନ୍ୟ ଜାଗରଣ ପରେ ''ମୁଁ''କୁ ଦର୍ଶନ କରେ ଓ ଆତ୍ମ ଜ୍ଞାନ ଉପଲବ୍ଧି କରେ । ଏହି ଅବସ୍ଥାରେ ''ଆତ୍ମା''ର ଯେଉଁ କଳେବର ବର୍ଣ୍ଣ ଅଛି ତାହାକୁ ମଧ ଜ୍ଞାତ ଅବସ୍ଥାକୁ ଆଣେ । ଜ୍ଞାନଆତ୍ମା ଓ ଧ୍ୟାନଆତ୍ମାକୁ ଏକତ୍ରୀକରଣ କରେ । ଏହିଠାରେ ଅଚ୍ୟୁତ ''ପିଣ୍ଡତତ୍ତ୍ୱ''ର ସମସ୍ତ ଅନୁଭବ କର୍ମମାନ ପ୍ରମାଣ ଦେଇଛନ୍ତି । ଯୋଗଚକ୍ର ଅନୁଯାୟୀ ଯୋଗୀ ସାଧନ କରି ଏହି ଅବସ୍ଥାରେ ''ଜାତିସ୍ମର'' ହୁଏ । ପୂର୍ବଜନ୍ମର ସମସ୍ତ ବିବରଣୀ, ବ୍ରହ୍ମାଣ୍ଡ ତତ୍ତ୍ୱର ସମସ୍ତ ବ୍ରହ୍ମାଣ୍ଡୀୟ ଜ୍ଞାନ, ବିଜ୍ଞାନ, ମହାବିଜ୍ଞାନ, କାଳ ବିଜ୍ଞାନ, ତତ୍ତ୍ୱମାନ, ମନ୍ତ୍ର, ଯନ୍ତ୍ର, ତନ୍ତ୍ରବିଜ୍ଞାନର ପ୍ରତ୍ୟକ୍ଷଦର୍ଶୀ ହୋଇ ଧରାଧାମକୁ ଆସିଥାଏ । ଯୋନିଜନ୍ମା ହେଲେ ମଧ ତାକୁ ମାୟା ଗ୍ରାସ କରିପାରେ ନାହିଁ । ଏହି ଜ୍ଞାନ ପିଣ୍ଡଥିବା ପର୍ଯ୍ୟନ୍ତ ଜ୍ୱଳନ୍ତ ଅବସ୍ଥାରେ ଶୁଦ୍ଧ ହୋଇଥାଏ ।

**ସିଦ୍ଧିବ୍ରହ୍ମ ଗୋଟି ...................... ହରାଦିସ ।।**

''ନିର୍ବିକଳ୍ପ'' ସମାଧିରୁ ଫେରି ମହାପୁରୁଷ ଅଚ୍ୟୁତାନନ୍ଦ ''ବ୍ରହ୍ମ''ର ୩୨ (ବତିଶ) ''କଳାରାଣ୍ଡ୍ର'' ଯନ୍ତ୍ରମାନ ଅନୁଭବ କରିଥିଲେ । ଯିଏ ଏହାକୁ ଅନୁଭବ କରେ ସେ ''ସିଦ୍ଧବ୍ରହ୍ମ'' ଅଟେ । ପ୍ରତ୍ୟେକ ବୀଜର ପ୍ରଥମ ଉତ୍ପତ୍ତି ସ୍ଥଳମାନ ସେ ଖୋଜିବୁଲେ । ସାଧନ ଅବସ୍ଥାରେ ଏହା ଅନୁଭୂତ ହୁଏ ନାହିଁ । ସମାଧିରୁ ଫେରିଲେ ଆପେ ଆପେ ଜାଣି ହୋଇଯାଏ । ତ୍ରୀବୀଜ ଗୁଣାତ୍ମକ ଭାବ ମହାଶୂନ୍ୟରୁ ଯେଉଁ ''ପରା, ପଶ୍ୟତି, ମଧ୍ୟମା, ବୈଖାରୀ'' ଦେଇ ଆସେ ତାହା ପୂର୍ଣ୍ଣଭାବରେ ମହାପୁରୁଷ ଉପଲବ୍ଧି କରିଥିଲେ । ''ବଜ୍ରକବାଟ'' ଠାରେ ଅଚେତନ ଦ୍ୱାରରେ ମାୟା ଚକ୍ର ବା ଦୃଢ଼ କବାଟ ପକାଇ ବସିଛି । ମହାପୁରୁଷ କଠୋର ସାଧନ କରି ଏହି ବଜ୍ରକବାଟ ଭେଦ କରି ''ହରାଦିୟ'' ସୂତ୍ରଦ୍ୱାରା ୭୨ ଗୋଟି ଯନ୍ତ୍ରମାନ ଜ୍ଞାତ ହୋଇଥିଲେ । ପଞ୍ଚାକ୍ଷର ଯନ୍ତ୍ରମାନ ପିଣ୍ଡରେ ପ୍ରତ୍ୟେକଟି ବ୍ରହ୍ମାଣ୍ଡ, ୭୨ ଗୋଟି ଅକ୍ଷୌଣୀୟ ସୂତ୍ରାକୁ ଦେହ ତତ୍ତ୍ୱକୁ ଆଣି ଜଗତକୁ ଦର୍ଶାଇ ଯାଇ ଅଛନ୍ତି ।

ପୂର୍ବରେ ଉଇଁବ ପଶ୍ଚିମେ ବୁଡ଼ିବ
ଦକ୍ଷିଣେ କରିବ ମେଳି ।
ଉତ୍ତରରୁ ଯେବେ ଦକ୍ଷିଣା ବହିବ
ତେବେ ଶେଷ ହେବ କଳି ।।

# ନୀଳଚକ୍ର
## ଚେତନାର ସଙ୍କେତ

### ଧାରା ଗ୍ରହଣ ପରେ

ଗୋଟିଏ ଗଛରେ ମାତ୍ର ନିର୍ଦ୍ଦିଷ୍ଟ ଗୋଟିଏ ପ୍ରକାର ଫଳ ଫଳେ, ଏକଥା ସଚରାଚର ସମସ୍ତେ ଜାଣନ୍ତି । ମାତ୍ର ଧର୍ମ ଏକ ବିଚିତ୍ର ବୃକ୍ଷ । ଧର୍ମ ବୃକ୍ଷରେ ଏକାବେଳକେ ଦଶ ପ୍ରକାର ଫଳ ଫଳେ । ଧର୍ମରକ୍ଷା କରି ପ୍ରକୃତ ଅର୍ଥରେ ଧର୍ମାଚରଣ କରୁଥିବା ବ୍ୟକ୍ତି ଏହି ଦଶପ୍ରକାର ସୁମିଷ୍ଟ ଫଳର ସୁମଧୁର ରସ ଆସ୍ୱାଦନ କରି ଦିବ୍ୟ ଆନନ୍ଦ ଲାଭ କରନ୍ତି । ସେହି ଦଶଗୋଟି ଫଳର ନାମ ହେଉଛି : ସତ୍ୟ, ଶାନ୍ତି, ଦୟା, କ୍ଷମା, ନମ୍ରତା, ସାଧୁତା, ଦୃଢ଼ତା, ଉଦାରତା, ପବିତ୍ରତା ଏବଂ ନୈତିକତା । ଏହି ଧରାଧାମରେ ଦୁର୍ଲଭ ମଣିଷ ଶରୀରଟିଏ ଧାରଣକରି ଜନ୍ମହୋଇଥିବା ଯେ କୌଣସି ବ୍ୟକ୍ତି ତା'ର ହୃଦୟକ୍ଷେତ୍ରରେ ଏହି ଧର୍ମବୃକ୍ଷଟି ରୋପଣ କରି ଉପଯୁକ୍ତ ପରିବେଶରେ ତା'ର ରକ୍ଷଣାବେକ୍ଷଣ କଲେ, ନିଶ୍ଚିତ ଭାବରେ ଏତେଗୁଡ଼ିଏ ସୁରସପୂର୍ଣ୍ଣ ସୁମିଷ୍ଟ ଫଳ ତୋଳି ଆପଣାର ଆଧାତ୍ମିକ ଉନ୍ନୟନ ସହିତ ନିଖିଳବିଶ୍ୱର କଲ୍ୟାଣ ଅବଶ୍ୟ କରିପାରିବ । ଆଗାମୀ ଦିନର ନୂତନ ଆଲୋକ ଫୁଟିବାର ସମୟ ସମାଗତ । ତୁମ୍ଭେମାନେ ଆଜିଠୁଁ ଏହି ଦଶପ୍ରକାର ଫଳ ଫଳୁଥିବା ଧର୍ମବୃକ୍ଷର ଯତ୍ନନିଅ । ନଚେତ୍ ଠିକ୍ ସମୟରେ ହାରିଯିବ ଯେ ! ସବୁହରାଇ ବସିବ ଯେ !!

ଯେ ବିନା ନିମନ୍ତ୍ରଣରେ କାହାରି ଅତିଥି ହୁଏ, ପର ଘରେ ମୁରବୀ ପଣିଆ ଦେଖାଏ, ଶତ୍ରୁଠାରୁ ସମ୍ମାନ ଆଶାକରେ, ନୀଚ ଲୋକଠାରୁ ଅନୁଗ୍ରହ ଭିକ୍ଷା କରେ, ଯାଚି ହୋଇ ଭଦ୍ରଲୋକୀ କରେ, ଶୁଣିବାକୁ ଇଚ୍ଛା କରୁନଥିବା ଲୋକମାନଙ୍କ ଆଗରେ ନିଜର ବାହାଦୁରୀ ଗପୁଥାଏ, ସେ ପ୍ରକାର ଲୋକଙ୍କୁ ନିର୍ବୋଧ ବା ମୂର୍ଖ କୁହାଯାଏ । ତୁମ୍ଭେମାନେ ଏପରି କର୍ମକରି ନିଜକୁ ନିର୍ବୋଧ ବା ମୂର୍ଖ ସଜାଅ ନାହିଁ । ଅନ୍ୟମାନଙ୍କ ଅପେକ୍ଷା ନିଜର ଭଲପଣିଆ ପ୍ରମାଣ କର । ଅନ୍ୟ କାହାରି ଆଖିରେ ଛୋଟ ହେଲା ପରି କୌଣସି କାମ ତୁମ୍ଭେମାନେ କେବେହେଲେ କରନାହିଁ ।

କଳିକାଳର ଦଶ ଦୋଷ ହିଁ ତୁମ୍ଭମାନଙ୍କୁ ଦୁର୍ବଳ କରିଦେଇଛି । ଏହି ଦଶଦୋଷକୁ ପାରୁପର୍ଯ୍ୟନ୍ତ ସାଧନା କରି ତୁମ୍ଭ ଅନ୍ତଃକରଣରୁ ଦୂର କରିଦିଅ । ଏହି ଦଶଦୋଷ କ'ଣ ଜାଣିଛ କି ? ତାହାହେଉଛି : ଅନ୍ୟାୟ, ଅନୀତି, କାମନା, ବାସନା, ହିଂସା, ଘୃଣା, ଭୟ, କ୍ରୋଧ, ମିଥ୍ୟା ଓ ଚୋରୀ । ଏଗୁଡ଼ିକହେଉଛି କଳିହତ ମଣିଷ ଭିତରେ ଥିବା ଦଶଗୋଟି ଦୋଷ । ଏମାନେ ସୁଯୋଗ ପାଇବାମାତ୍ରେ ମଣିଷକୁ ଆକ୍ରମଣ କରି ଭୟଙ୍କର ବିପଦ ଆଡ଼କୁ ଟାଣି ନିଅନ୍ତି । ଆଗାମୀ ଦିନର ସୁସ୍ଥ ସୁନ୍ଦର ସମାଜରେ ମଣିଷ ପରି ମଣିଷଟିଏ ହୋଇ ବଂଚିବା ପାଇଁ ତୁମ୍ଭମାନଙ୍କର ମନଭିତରେ ଲୁଚି ରହିଥିବା ଏହି ଶତ୍ରୁମାନଙ୍କୁ ପ୍ରାଣପଣେ ସାଧନା କରି ସଂପୂର୍ଣ୍ଣ ରୂପେ ଧ୍ୱଂସକର ।

ମନକୁ ଦୁର୍ଭାବନା ଠାରୁ ଦୂରରେ ରଖ, କେବେହେଲେ ଅସତ୍ ବା ଅମଙ୍ଗଳ ଚିନ୍ତା କରନାହିଁ । ଯାହା ସତ୍ୟ ଓ ନ୍ୟାୟ ସେହି ବିଷୟରେ ଅଧିକରୁ ଅଧିକତର ଚିନ୍ତା କର; ସତ୍ୟ, ଧର୍ମ ଓ ଶୃଙ୍ଖଳା ରକ୍ଷାକରି ମନକୁ ପବିତ୍ର ରଖ । ସର୍ବଦା ବିଶ୍ୱର ମଙ୍ଗଳ କାମନା କରିବା ହିଁ ମାନସିକ ଶୁଦ୍ଧି ଅଟେ । ମାନସିକ ଶୁଦ୍ଧତା ବଳରେ ତୁମ୍ଭେମାନେ

ମାନସିକ ବ୍ୟାଧିକବଳରୁ ରକ୍ଷା ପାଇବ । ଆଗାମୀ ଯୁଗରେ ସୁସ୍ଥସୁନ୍ଦର ଜୀବନ ଯାପନ ପାଇଁ ମାନସିକ ଶୁଦ୍ଧିର ଅତ୍ୟନ୍ତ ଆବଶ୍ୟକତା ରହିଛି । ତୁମ୍ଭେମାନେ ଏବେଠାରୁ ଅଭ୍ୟାସ ସାଧନ କରି ମାନସିକ ଶୁଦ୍ଧି ଲାଭ କରିବାକୁ ଯତ୍ନବାନ ହୁଅ ନଚେତ୍ ବିଶ୍ୱମାନବ ସମାଜ ଆଗେଇ ଯିବ ଓ ତୁମ୍ଭେ ବହୁ ପଛରେ ପଡ଼ିଯାଇ କେବଳ ଛଟପଟ ହେବସିନା !!

ବିଶ୍ୱକର୍ତ୍ତା ମଣିଷକୁ ସୃଷ୍ଟିକରିବା ମୁହୂର୍ତ୍ତରୁ ଆତ୍ମାରକ୍ଷା ପାଇଁ, ତା'କୁ ସଦ୍‌ଚିନ୍ତା, ସଦ୍‌କର୍ମ ଏବଂ ସଦ୍‌ସାହସ ରୂପକ ଦିବ୍ୟଶକ୍ତି ଦାନ କରି ଅଛନ୍ତି । ଯେଉଁ ବିବେକୀ ବୁଦ୍ଧିମାନ ବ୍ୟକ୍ତି ସେହି ଦିବ୍ୟଶକ୍ତିକୁ ନିଜ ଅନ୍ତରରେ ଅନୁଭବ କରିପାରନ୍ତି, ସେମାନେ ହିଁ ଆତ୍ମଜ୍ଞାନୀ । ନିଜ ଅନ୍ତଃକରଣରେ ଥିବା ଏହି ମହାନ ଶକ୍ତିକୁ ଅନୁଭବ କରିବାକୁ ତୁମ୍ଭେମାନେ ଚେଷ୍ଟାକର । ସଦ୍‌ଚିନ୍ତା ଆତ୍ମାକୁ ରକ୍ଷା ଓ ନିର୍ମଳ କରିବା ସହିତ ଆତ୍ମୋନ୍ନୟନ ପଥ ଉନ୍ମୁକ୍ତ କରେ । ସଦ୍‌କର୍ମ ଶରୀରକୁ ରକ୍ଷାକରି ବ୍ୟକ୍ତିତ୍ୱର ବିକାଶ କରେ । ସଦ୍ ସାହସ ଦେହ ଓ ମନ ଉଭୟକୁ ଦୃଢ଼ ଏବଂ ପବିତ୍ର କରେ ।

ଅବିଶ୍ୱାସରୁ ମାନସିକ ଦୁର୍ବଳତା ସୃଷ୍ଟିହୁଏ । ଦୃଢ଼ତା ହିଁ ବିଶ୍ୱାସର ଲକ୍ଷଣ । ଯେ ବିଶ୍ୱସ୍ତଲୋକଙ୍କୁ ବିଶ୍ୱାସ କରେ ନାହିଁ, ସେ ନିଜକୁ ମଧ୍ୟ ବିଶ୍ୱାସ କରିପାରେ ନାହିଁ । ଜୀବନରେ ସୁଖ ଓ ଶାନ୍ତି ପାଇଁ ପ୍ରଥମେ ଦୃଢ଼ମନ ଆବଶ୍ୟକ । ଯାହା ଅନ୍ୟାୟ, ଯେଉଁ କାମକଲେ ବା ଯେପରି ଆଚରଣ ଦେଖାଇଲେ, ଲୋକେ ନିନ୍ଦା ବା ଘୃଣା କରନ୍ତି, ସେପରି କାମ ଓ ଆଚରଣ ନ କରିବା ପାଇଁ ଦୃଢ଼ ମନରେ ସଂକଳ୍ପ କର । କୁକର୍ମ ଓ କଦାଚାର (ଅନ୍ୟପ୍ରତି ଖରାପ ଆଚରଣ) ଅଭିଶାପ ବହନ କରେ । ମାତ୍ର ସୁକର୍ମ ଓ ସଦାଚାର (ଅନ୍ୟପ୍ରତି ଭଲ ଆଚରଣ) ଆଶୀର୍ବାଦ ଆଣିଦିଏ । ଦୃଢ଼ମନା ବ୍ୟକ୍ତି ଅସମ୍ଭବକୁ ମଧ୍ୟ ସମ୍ଭବ କରିପାରେ । ଆଧାତ୍ମିକ ଜଗତରେ ସମ୍ପଦକ୍ଷୟକୁ କ୍ଷତି କୁହାଯାଏ ନାହିଁ । ସ୍ୱାସ୍ଥ୍ୟହାନିରେ ସାମାନ୍ୟକ୍ଷତି ଓ ସମ୍ମାନହାନିରେ ପ୍ରଚୁର କ୍ଷତି ହୋଇଥାଏ । ମାତ୍ର ସାହସ ହରାଇଲେ ସବୁକିଛି ନଷ୍ଟ ହୋଇଯାଏ ।

ବାରମ୍ବାର ବ୍ୟବହାର କରିବା ଦ୍ୱାରା ଆମର ପୋଷାକପତ୍ର ଧୂଳିମଇଳା ଲାଗି ଅପରିଷ୍କାର ହୋଇଗଲେ, ଶାରୀରିକ ସ୍ୱାସ୍ଥ୍ୟରକ୍ଷା ଓ ମାନସିକ ଶାନ୍ତି ନିମନ୍ତେ ତା'କୁ ଯେପରି ପରିଷ୍କାର କରିବା ଆବଶ୍ୟକ ହୁଏ, ସେହିପରି ନାନାଦି ସାଂସାରିକ ଯନ୍ତ୍ରଣାରେ ଅଶାନ୍ତି ଓ ବିଭ୍ରାନ୍ତ ହୋଇ ପଡ଼ିଥିବା ମନ ବା ଆତ୍ମାର ଶାନ୍ତି ବିଧାନ ପାଇଁ ସଦାଚାର ଅଭ୍ୟାସ କରିବା ଆବଶ୍ୟକ । ଏହା ମଧ୍ୟ ଅଭ୍ୟାସ ଯୋଗର ଅନ୍ୟତମ ଅଙ୍ଗ ଅଟେ । ସଦାଚାରର ଅର୍ଥ : ସଦ୍ ଆଚାର ବା ସଦ୍ ଆଚରଣ । ସକଳ ପ୍ରକାର ଅଧର୍ମ, ଅନ୍ୟାୟ, ଅନୀତି ଓ ଅସଦ୍ ଆଚରଣ ଠାରୁ ଦେହ ଓ ମନକୁ ମୁକ୍ତ ରଖିଲେ ଯାଇ ମନ ଓ ଆତ୍ମା ଶୁଦ୍ଧ ଓ ପବିତ୍ର ହୋଇଥାଏ । ଅନ୍ୟମାନଙ୍କ ପ୍ରତି ସବୁବେଳେ ସବୁସ୍ଥାନରେ ଉତ୍ତମ ବନ୍ଧୁତ୍ୱ ଓ ଭ୍ରାତୃତ୍ୱ ପୂର୍ଣ୍ଣ ଆଚରଣ ପ୍ରଦର୍ଶନ କର । ଅନ୍ୟକୁ ଦୁଃଖ ଦିଅ ନାହିଁ । ଅନ୍ୟର ନିନ୍ଦାଗାନ କରନାହିଁ । ଅନ୍ୟର ମନ୍ଦକର୍ମ ପାଇଁ ସେହି ମନ୍ଦକର୍ମକୁ ଘୃଣାକର, ମାତ୍ର ସେହି ବ୍ୟକ୍ତିଙ୍କୁ ଆଦର କର । ଏହାହିଁ ସଦାଚାର । ଏହାଦ୍ୱାରା ଶାନ୍ତିପୂର୍ଣ୍ଣ ସୁନ୍ଦର ଜୀବନ ଲାଭ କରିପାରିବ ।

❋❋❋

ରାତି ପାହିଲାଣି ରତି ସରିନାହିଁ ଗତି ପଥ ରୁଦ୍ଧ କରୁ
ସତୀ ହୋଇ ପତି କତିରେ ନରହୁ ଛତି ଧରୁ ମରୁ ମରୁ ।।
ବେଳରତରତ ଯିବୁ ଦୂରପଥ ସତ ଆସୁଅଛି ଉଇଁ ।
ଗତାଗତ ଭୁଲି ଭରିଥା'ରେ ଝୁଲି ଚରଣପଙ୍କଜ ଛୁଇଁ ।।

# ଜରିଆ ତୀର୍ଥ

*(ତୀର୍ଥ ବୋଇଲେ ପୁଣ୍ୟକ୍ଷେତ୍ର, ପୁଣ୍ୟଧାମ, ପୁଣ୍ୟଜଳ ଓ ପୁଣ୍ୟଘାଟକୁ ମଧ୍ୟ ତୀର୍ଥ ବୋଲାଯାଏ । ଏହି ଦୃଷ୍ଟିରୁ ''ଜରିଆତୀର୍ଥ'' ନାମକରଣର ସାର୍ଥକତା ଓ ଯଥାର୍ଥତା ପ୍ରତିପାଦିତ । ଯୁଗାନୁବାଦରେ ଦ୍ୱାପର ସଂସ୍କୃତିର ଅନ୍ତିମ ପର୍ଯ୍ୟାୟରେ କଳିଲୀଳାରେ ଲୀଳା ସଂଗିନୀ ହେବା ଅଭିପ୍ରାୟରେ ତ୍ରିବେଣୀ: ଗଙ୍ଗା, ଯମୁନା ଓ ସରସ୍ୱତୀ ଗୁପ୍ତରେ ଜରିଆ/ସୁବର୍ଣ୍ଣା/ମହାଝରା ନାମରେ ପ୍ରବହମାନା । ପୁଣ୍ୟକ୍ଷେତ୍ର ସମୀପସ୍ଥ ପୁଣ୍ୟତୋୟା ଜରିଆ ପରମକାରୁଣିକ ଠାକୁରଙ୍କର ଅପାର କରୁଣାରୁ ଜରିଆ ତୀର୍ଥ/ତରମ ଘାଟର ସ୍ୱାକ୍ଷର ବହନ କରିଛି ।*

*ସେହି ପବିତ୍ର ସ୍ମୃତି ଚାରଣାର ଦ୍ୟୋତକ ''ଜରିଆତୀର୍ଥ'' 'ତରମ' ପୃଷ୍ଠାରେ ଅଗଣିତ ପାଠକ ପାଠିକାଙ୍କର ଅବଗତି ନିମନ୍ତେ ପରିସ୍ଥ ହୋଇଛି । ଏହା ପାଠକରି ଜରିଆତୀର୍ଥର ତାତ୍ପର୍ଯ୍ୟ ଉପଲବ୍ଧ କରିପାରିଲେ, ଆମର ଶ୍ରମ ସାର୍ଥକ ହେବ ।।)*

ସନାତନ ଧର୍ମର ମୁଖଶାଳା, ଚିରବନ୍ଦନୀୟ ''ଶ୍ରୀମଦ୍ ଭଗବତଗୀତା''ର ପୃଷ୍ଠା ମଣ୍ଡନ କରିଥିବା ପରମପୁରୁଷଙ୍କ ଏହି ଅଧରାମୃତ ଏବେ ମଧ୍ୟ ତନୁମନରେ ପୁଲକ ଭରିଦିଏ । ପ୍ରତିଯୁଗରେ ଜୀବ ବେଦନାର୍ତ୍ତ ପ୍ରତୀକ୍ଷା.... ''ସେ ଆସିବେ, ଦୁଷ୍କୃତ ମାନଙ୍କୁ ବିନାଶ କରି ସାଧୁମାନଙ୍କୁ ପରିତ୍ରାଣ କରିବେ । ଅଧର୍ମର ଅନ୍ଧକାର ନାଶ କରି ଧର୍ମ ଜ୍ୟୋତି ପ୍ରଜ୍ଜ୍ୱଳିତ କରିବେ । ଏହି ଅମର ବାଣୀକୁ ସାକାର କରିବାକୁ ଲୀଳାମୟ ପ୍ରତି ଯୁଗରେ ଓହ୍ଲାଇ ଆସିଛନ୍ତି ଧରାଧାମକୁ ନିଜର ପ୍ରିୟତମମାନଙ୍କ ସଙ୍ଗରେ ଏକାକାର ହେବାପାଇଁ ।

ଦ୍ୱାପର ଯୁଗର ଅବସାନ ହୋଇଛି । କଳିର ରାଜତ୍ୱ ଆରମ୍ଭ ହୋଇ ଯାଇଛି । ଯୁଗ ଶେଷରେ ଆପଣାର ବଚନ ରକ୍ଷାକରି ପ୍ରଭୁ ମର୍ତ୍ତ୍ୟାବତରଣ କରିବେ । ଅମରପୁରୀରେ ସମସ୍ତଙ୍କ ଆକୁଳ ପ୍ରାର୍ଥନା-ପ୍ରଭୁଙ୍କ ସହିତ ଧରାପୃଷ୍ଠକୁ ଆସିବେ ଲୀଳାଙ୍ଗର ସୌଭାଗ୍ୟ ନେଇ । ସେମାନଙ୍କର ଅଳି ପୂର୍ଣ୍ଣ କରିଛନ୍ତି ପୂର୍ଣ୍ଣେଶ୍ୱର । ମାତ୍ର ନଟବରନାଗରଙ୍କର ନଟକୂଟ ବୁଝନ୍ତି ବା କେତେଜଣ ? ଦେବ, ଯକ୍ଷ, କିନ୍ନର, ଗନ୍ଧର୍ବ, ମୁନି, ଋଷି, ଯୋଗୀ ସମସ୍ତେ ଯେତେବେଳେ ଆନନ୍ଦରେ ଅଧିର, ସେତିକିବେଳେ ଅନନ୍ତକାଳରୁ ମନ୍ତ୍ରାଭିଷିକ୍ତ କୋଟି କୋଟି ଜଳବିନ୍ଦୁରେ ଅନାହତ, ପରାପର ଯୁଗର ଅସୀମ କାହାଣୀରେ ବର୍ଣ୍ଣିତ ଚିର ବନ୍ଦନୀୟା ମା' ଗଙ୍ଗା, ଯମୁନା ଓ ସରସ୍ୱତୀଙ୍କର ଚକ୍ଷୁକୋଣରେ ହତାଶର ଅଶ୍ରୁ । କାରଣ ଏଥରକ ମର୍ତ୍ତ୍ୟ ଯାତ୍ରାରେ ସେମାନଙ୍କର ପାଇଁ ଲୀଳା ଦ୍ୱାର ରୁଦ୍ଧ । କନ୍ୟାସମ ଏହି ତ୍ରିବେଣୀଙ୍କ ଦୁଃଖରେ ମ୍ରିୟମାଣ ହୋଇ ଋଷିମାନେ ଅଳି କରି ବସନ୍ତି । ସତେଯେପରି ତ୍ରିଲୋକସ୍ୱାମୀ ସ୍ୱଅଙ୍ଗସମ୍ଭୂତ କନ୍ୟାମାନଙ୍କ ଶ୍ରେଷ୍ଠତ୍ୱ ପ୍ରତିପାଦନ ପାଇଁ ଏହି ଅନୁନୟ ଅପେକ୍ଷାରେ ଥିଲେ । ସଂଗେ ସଂଗେ ଅମୃତମୟଙ୍କ ରଙ୍ଗା ଅଧରରୁ ଝରି ପଡ଼ିଲା ସ୍ୱୀକାରୋକ୍ତି ।

ଯୋଗୀମାନେ ଧ୍ୟାନ ମାର୍ଗରେ ଦର୍ଶନ କଲେ କଳି ଶେଷରେ ସ୍ୱାମୀଙ୍କର ଆବିର୍ଭାବ ସ୍ଥଳ । ସେମାନେ ଲକ୍ଷ୍ୟ କଲେ, ମହାସାଧକ ଋଷି ''ବର୍ଗୀୟ'' କଠୋର ତପ ଆଚରଣ କରି ମହାସମାଧିରେ ବିବଶ କରାଇ ଦେଇଛନ୍ତି ଭକ୍ତବତ୍ସଳ ଶ୍ରୀପତିଙ୍କୁ ତାଙ୍କରି ତପସ୍ୟା ସ୍ଥଳ ମାହାଙ୍ଗା ବଗାର (ବର୍ଗୀୟ ଋଷିଙ୍କ ନାମାନୁସାରେ) ଗ୍ରାମରେ ଅବତରିତ ହୋଇ କଳିଲୀଳା ସଂପାଦନ କରିବାକୁ । ତେଣୁ ସେମାନେ ତ୍ରିବେଣୀଙ୍କୁ ନିର୍ଦ୍ଦେଶ ଦେଲେ - ପାତାଳପଥରେ ଗତିକରି ମର୍ତ୍ତ୍ୟବୈକୁଣ୍ଠର ମର୍ଯ୍ୟାଦା ଲାଭ କରିବାକୁ ଯାଇଥିବା ମାହାଙ୍ଗାର ବଗାର ଗ୍ରାମ ନିକଟରେ ପ୍ରବାହିତ ହେବା ପାଇଁ ଏବଂ ସେମାନଙ୍କର ନାମ ଦେଲେ ''ଜରିଆ, ସୁବର୍ଣ୍ଣା ଓ ମହାଝରା ।''

ଏହି ସମସ୍ତ ଗୁପ୍ତଲୀଳାର ସୂକ୍ଷ୍ମ କାରଣ ଓ କ୍ରିୟାକୁ ପଞ୍ଚସଖା ଏବଂ ମହାତ୍ମା ଅରକ୍ଷିତ ଦାସ ସେମାନଙ୍କ ଧ୍ୟାନ ମାର୍ଗରେ ଦର୍ଶନ କରି ''ଚଉଦ ଡ଼ିବିଡ଼ିବି''ରେ ମହାପୁରୁଷ ଅଚ୍ୟୁତ ପ୍ରଭୁଙ୍କ ଶ୍ରୀମୁଖ ବାଣୀକୁ ଉଦ୍ଧାର କରି ଲେଖିଛନ୍ତି -

''ମୁହୁର୍ଭି ମହୁରା ଗ୍ରାମରେ ଆମ୍ଭେ ଜନମ ହେବୁ ।
ଅଚ୍ଛବ କୂଳରେ ବଢ଼ିଣ କଳି ଖେଳ ଖେଳିବୁ ।
ଆତ୍ମନାମ ହେବ 'କେଶବ, ନେତ୍ରେ ଦେଖିବୁ ତୁହି ।
ଉତ୍ତରେ ସରସ୍ୱତୀ, ଗଙ୍ଗା, ଯମୁନା ଥିବ ତହିଁ ।।

ଜରିଆ ବୋଲିଣ ତା ନାମ ମନ ମଧ୍ୟରେ ରଖ ।
ପୂର୍ବରେ ମହାତ୍ମା ବିଦୁର ଗାଦି ଥିବ ପ୍ରତ୍ୟକ୍ଷ ।।’’

‘‘ମହାବିବେକ ଗ୍ରନ୍ଥରେ’’ ରେ ଦର୍ଶାଇଛନ୍ତି :

‘‘ଉତ୍ତର ଦିଗରେ ଜରିଆ ରହିଛି ଗଙ୍ଗା, ଯମୁନା, ସରସ୍ୱତୀ ।
ପଶ୍ଚିମ ଦିଗରେ ଶୁକ୍ଳେଶ୍ୱର ବୋଲି ପବିତ୍ର ଲିଙ୍ଗେକ ସ୍ଥିତି ।’’

‘‘ଚକଡ଼ା ମଡ଼ାଣ ତୋରଣା ମଲ୍ଲୀ’’ ରେ ଉଲ୍ଲେଖ କରିଛନ୍ତି :

ଜରିଆ ବୋଲିଣ ନଦୀ କୂଳେଣ ।
ଗୁପତ ଖେଳ କରେ ନାରାୟଣ ।’’

‘‘ମହାଗୁପ୍ତ ପଦ୍ମକଳ୍ପ’’ରେ ମହାପୁରୁଷ ଅରକ୍ଷିତ ଦାସ କହନ୍ତି :

‘‘ଜରିଆ ନାମ ଅଟେ ସରସ୍ୱତୀ ନଦୀ ।
କହିଲି ତୋ ଆଗେ ରାମ ଶୁଣ ମନଭେଦି ।।’’
‘‘ମହୀଝରା ନାମଥିବ ଯମୁନା ଯେ ନଦୀ ।
କହିଲି ବୁଝାଇ ରାମ ଲୟକର ଭେଦି ।।’’

ଅନ୍ତଃସଲିଳା ମା’ ଜରିଆ କାର୍ତ୍ତିକ ପୂର୍ଣ୍ଣିମା (ରାସପୂର୍ଣ୍ଣିମା) ପବିତ୍ର ତିଥିରେ ହିଁ ଝରି ଆସିଥିଲେ ଏହି କ୍ଷୁଦ୍ରପଲ୍ଲୀ ମାହାଙ୍ଗା ନିକଟକୁ ତାଙ୍କର ପ୍ରିୟତମଙ୍କ ଆଗମନକୁ ଅପେକ୍ଷା କରିବା ପାଇଁ । ଉକ୍ତ ରହସ୍ୟ ସମାଧି ସ୍ତରରେ ଅବଲୋକନ କରି ସପ୍ତଋଷି ଯଥା : ଜରିବ୍ରହ୍ମ, କୃଷ୍ଣୀଧ୍ୱଜ, ନିରୁଦ୍ରିକ, ବୃଧଗଙ୍ଗ, ପୌଲସୀ, ସୁବେଶୀ ଓ ଶୁକ୍ଷାତକ ଓହ୍ଲାଇ ଆସିଲେ ପୁଣ୍ୟତୋୟା ଜରିଆର ଧାରରେ ତପ ଆଚରଣ କରି ଜୀବନ ସାର୍ଥକ କରିବା ପାଇଁ । ଉକ୍ତ ଋଷିମାନେ ତାଙ୍କର ସିଦ୍ଧିପ୍ରାପ୍ତି ସମୟରେ ପରମ ପିତାଙ୍କ ନିକଟରେ ଅଳି କରିଥିଲେ, ‘‘ହେ ପ୍ରଭୁ ! ଆପଣ ଯେତେବେଳେ ମାନବ ଅଙ୍ଗରେ କଳି ଲୀଳା ରଚନା କରିବାକୁ ଏହି ପବିତ୍ର ଧାମକୁ ଅବତରଣ କରିବେ, ଆମର ଏହି ସିଦ୍ଧି ପ୍ରାପ୍ତି ଦିବସରେ ‘ଜରିଆ ତୀର୍ଥ’ ପ୍ରତିଷ୍ଠା କରିବେ ଓ ସର୍ବପାପ ନାଶନ ମୁକ୍ତି, ମୋକ୍ଷ, ନିର୍ବାଣର ଘାଟ ପ୍ରତିଷ୍ଠା କରିବେ । ଏହି ମହାପୁରୁଷମାନେ ଏଇ କାର୍ତ୍ତିକ (ରାସ) ପୂର୍ଣ୍ଣିମା ଦିନ ହିଁ ସିଦ୍ଧିଲାଭ କରିବା ସହ ‘ଜରିଆତୀର୍ଥ’ର ବରପ୍ରାପ୍ତ ହୋଇଥିଲେ । ଏହି ଗୋପନ ସତ୍ୟକୁ ମହାପୁରୁଷ ଅଚ୍ୟୁତ ତାଙ୍କର ‘ତୋରଣ ମଲ୍ଲୀ’ରେ ଉଲ୍ଲେଖ କରି ଯାଇଛନ୍ତି ।

‘‘ଶୁଣରାମ ତୁଇ ହେତୁ ଚେତାଇ । କଳିକାଳେ ପାଦ ତୀରିଥ ଯାଇ ॥
କାର୍ତ୍ତିକରାସ ପୂର୍ଣ୍ଣ ଦିବସେ । ମରତଭୂଇଁକୁ ଜରିଆ ଆସେ ॥
ସୂକ୍ଷମ ଖସିଛି ଜାଣିବ ରାମ । ତୁଳା ବିଂଶ ପଞ୍ଚ ଚାରିରେ କାମ ॥
ଭୃଗୁ ବାସ ବାର ଦ୍ୱିଜା ସୁତର । ଦେବୀ ମଣ୍ଡଳରେ ଘାଟ ତୁ କର ॥
ଫିରିଙ୍ଗି ଶାସନ ଊନବିଂଶରେ । ତେର ଗୁଣନରେ ଚାରି ତୀର୍ଥରେ ॥
ଗୁଣ ଦଶ ଚାରି ପାଞ୍ଚ ମିଶାଇ । ଯୋଗ କରିଦେବୁ ତୀର୍ଥରେ ଯାଇ ॥
ଯାଗ, ହୋମ, ପିଣ୍ଡ ଦାନ ଯେ ହେବ । ଅସ୍ଥି ବିସର୍ଜନ ଭକତେ ଦେବ ॥
ବିଧି ବରଷଇ ସୂକ୍ଷମ ସାତ । ଉଜାଣି ଜାଣିବୁ ସୁକାନ୍ତି ସୁତ ॥
ଜାଣିଥାଅ ରାମ ଏହି ବାରତା । ଯୁଗ ଯୁଗ କୀର୍ତ୍ତି ମୁକତି ଦାତା ।।’’

ଏହି ସୂଚନାରେ ମହାପୁରୁଷ ତାଙ୍କ ପ୍ରିୟଶିଷ୍ୟ ରାମଦାସଙ୍କୁ କହନ୍ତି ‘‘ରାମ ! ତୋର ଚେତନା ଜାଗ୍ରତ କରାଇ ମନେରଖ । କଳିଯୁଗର ସର୍ବପାପ, ସର୍ବକଳୁଷ ନାଶ ପାଦତୀର୍ଥ ‘ଜରିଆ’ରେ ହିଁ ଅବସ୍ଥାନ କରିବ । ‘‘କାର୍ତ୍ତିକ ରାସପୂର୍ଣ୍ଣ ଦିବସ’’ ଅର୍ଥାତ୍ କାର୍ତ୍ତିକ ମାସର ପୂର୍ଣ୍ଣିମାରେ ଜରିଆର ମର୍ତ୍ତ୍ୟାବତରଣ ହୋଇଥିଲା । ଏହି

ଦିନ ହିଁ ମହାତୀର୍ଥଶକ୍ତି ସୂକ୍ଷ୍ମରୁ ତା'ର ଜଳରାଶିକୁ ଖସି ଆସିବ । ''ତୁଳା ବିଂଶ ପଞ୍ଚାରିରେ କାମ'' ଅର୍ଥାତ୍ ତୁଳା ମାସ (ବିଂଶ ୨୦ + ପଞ୍ଚ ୫ + ଚାରି ୪ =)୨୯ ଦିନ ହୋଇଥିବ । ''ଭୃଗୁବାସ ବାର ଦ୍ୱିଜା ସୁତର । ଏଠାରେ ପଦ୍ୟାଂଶର ଯତିପାତ ଯୋଗୁଁ ସୁତ ଶବ୍ଦ ଶେଷରେ ଲେଖା ହୋଇଛି । ଭୃଗୁ-ସୁତ-ବାର-ଦ୍ୱିଜା । ଭୃଗୁଙ୍କ ସୁତ ଶୁକ୍ର ବାରଟି ଅର୍ଥାତ୍ ହୋଇଥିବ - ଦ୍ୱିଜା ନକ୍ଷତ୍ର ଭୋଗ ହେଉଥିବ । ଏହି ଦିନ ଦେବୀମଣ୍ଡଳରେ ଘାଟ ପ୍ରତିଷ୍ଠା ହେବ । ମସିହା ସଂପର୍କରେ ସୂଚନା ଦେଇ କହିଛନ୍ତି - ''ଫିରିଙ୍ଗି ଶାସନ ଊନବିଂଶରେ'' ଏଠାରେ ଇଂରାଜୀକୁ ଫିରିଙ୍ଗି ଶାସନ ଭାବରେ ବର୍ଣ୍ଣନା କରିଛନ୍ତି - ସୁତରାଂ ଇଂରାଜୀ ''୧୯'' । ''ତେର ଗୁଣନରେ ଚାରି ତୀର୍ଥରେ, ଗୁଣ ଦଶଚାରି ପାଞ୍ଚମିଶାଇ ଯୋଗ କରିବୁ ।'' ଅର୍ଥାତ୍ ୧୩ x ୪ = ୫୨, ୪ x ୧୦ + ୫ = ୪୫, ୫୨ + ୪୫ = ୯୭ । ଏଣୁ ମସିହା ହେଲା ୧୯୯୭ । ଏହି ୧୯୯୭ ମସିହାକୁ ଉପବର୍ଣ୍ଣିତ ତିଥି ସହ ଯୋଗ ଦିବସରେ ଦେବୀ ମଣ୍ଡଳରେ ଘାଟ ପ୍ରତିଷ୍ଠା ହେବାକୁ ଉପରୋକ୍ତ ସପ୍ତଋଷି ବରମାଗିଥିଲେ । ସେମାନଙ୍କର ବରର ପ୍ରଭାବରେ ସୂକ୍ଷ୍ମରେ ବିଧି ଅର୍ଥାତ୍ ପରଂବ୍ରହ୍ମଙ୍କ ଶ୍ରୀପାଦପଦ୍ମରୁ ଆଶିଷର ବର୍ଷା ହେଉଥିବ । ସୁକାନ୍ତି ସୁତ ହୋଇ ଗୁପତରେ ଖେଳୁଥିବା ସେଇ ପରମପୁରୁଷ ହିଁ ସେଦିନ ଏହି ମହାତୀର୍ଥ ପ୍ରତିଷ୍ଠା କରିବେ । ସେହିଦିନ ହିଁ ସୁକାନ୍ତି ସୁତକୁ ଠିକ୍ ଭାବରେ ଚିହ୍ନି ପାରିବୁ ।।'' ଶେଷରେ କହିଛନ୍ତି, ''ରାମ ! ପରମପୁରୁଷଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ''ଚରମ'' ଘାଟ ଯୁଗ ଯୁଗ ପାଇଁ ଅମର କୀର୍ତ୍ତିର ସ୍ମାରକ ବହନ କରିବା ସଂଗେ ସଂଗେ ମୁକତିଦାତାର ପରିଚୟ ବହନ କରିବ । ସ୍ମରଣ ରଖିବୁ ।

ଦୀର୍ଘ ୫୦୦ ବର୍ଷ ପୂର୍ବେ ଦିବ୍ୟଦ୍ରଷ୍ଟା ଅଚ୍ୟୁତ ଯାହା ଲେଖିଥିଲେ ଆଜି ତାହା ସତ୍ୟରେ ପରିଣତ ହୋଇଛି । ଆଜି ସେହି ପବିତ୍ର ଦିବସ ୧୯୯୭ ମସିହା ତୁଳା ଦି୨୯ନ କାର୍ତ୍ତିକମାସ ରାସ ପୂର୍ଣ୍ଣିମା ଶୁକ୍ରବାର । ସୁକାନ୍ତିସୁତ 'କେଶବ' ଦେବୀ ମଣ୍ଡଳ ଅର୍ଥାତ୍ ମାହେଶ୍ୱରୀଙ୍କ ଘାଟରେ ପ୍ରତିଷ୍ଠା କରିଛନ୍ତି ଏ ଯୁଗର ମହାନ୍‌ତୀର୍ଥ ''ଜରିଆ ତୀର୍ଥ'' ଏବଂ ଘାଟିଟିର ନାମ କରଣ କରିଛନ୍ତି ''ଚରମ ଘାଟ'' । ''ଚରମ'' ଅର୍ଥାତ୍ ଶେଷ ପର୍ଯ୍ୟାୟ । ଏହି ଘାଟରେ ଶ୍ରଦ୍ଧା, ବିଶ୍ୱାସ ଓ ଭକ୍ତିପୂତ ଭାବରେ ସ୍ନାନ, ତର୍ପଣ, ପିଣ୍ଡଦାନ, ଅସ୍ଥିବିସର୍ଜ୍ଜନ ଏବଂ ମାନସିକ ବାଞ୍ଛା ଇତ୍ୟାଦି କଲେ ''ଚରମ'' ଫଳ ପ୍ରାପ୍ତି ନିଶ୍ଚୟ ହେବ ।

ଅସୀମ, ଅଗୋଚର ତାଙ୍କର ଲୀଳା । ଇଚ୍ଛାମୟ ଇଚ୍ଛାକରି ଯେତିକି ଜଣାଇବାକୁ ଚାହୁଁଛନ୍ତି କେବଳ ମାତ୍ର ସେତିକି ହିଁ ଆମ୍ଭେମାନେ ପ୍ରକାଶ କରୁଛୁ । ଶେଷରେ ସେହି ପରମପୁରୁଷ 'ଜରିଆ କୁଳିଆଙ୍କ' ଶ୍ରୀପାଦପୀଠରେ ବିନମ୍ର ପ୍ରାର୍ଥନା ରଖୁଛୁ ଏହି ମହାନ୍‌ତୀର୍ଥର ମହକରେ ବ୍ରହ୍ମାଣ୍ଡ ସୁବାଷିତ ହେଉ । ସମସ୍ତଙ୍କର ସର୍ବ ସୁକାମନା ପୂର୍ଣ୍ଣ ହେଉ ।

ଓଁ ଶାନ୍ତିଃ ଓଁ ଶାନ୍ତିଃ ଓଁ ଶାନ୍ତିଃ
ସାଧାରଣ ସମ୍ପାଦକ
ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ



ଚାହେଁନାରେ ଧନ ! ପୂଜା ଅରଚନ
ଟଙ୍କା, ସୁନା ବଇଭବ ।
ପାଗଳ ପରାୟେ ଧାଏଁ ତୋର ପଛେ
ପାଇବାକୁ ଟିକେ ଭାବ ।।
*- ଶ୍ରୀଶ୍ରୀଶ୍ରୀ ଠାକୁର*

# ଆଶ୍ରମ ସନ୍ଦେଶ

- ତା ୨୮.୯.୯୭ : ରବିବାର : ଏହିଦିନ ଦିବା ଘ ୧ ୧ଟିକାରୁ ଘ ୨ଟିକା ପର୍ଯ୍ୟନ୍ତ ଶ୍ରୀ ଗୁରୁସ୍ୱାମୀ ଜଗତପୁର 'କେଶବ ଭବନ'ରେ ଅବସ୍ଥାନ କରିବା ପରେ କୁଳିଆ କେନ୍ଦ୍ରିୟ ଶାଖା ବୈଠକରେ ଯୋଗଦାନ କରିଥିଲେ । ସେଠାରେ ସନ୍ଦେଶପତ୍ରଧାରୀ ସମସ୍ତ ଗୁରୁଭ୍ରାତା/ଭଗ୍ନୀମାନେ ଯେପରି ନିୟମିତ ନିଜ ନିଜର ଶାଖା ବୈଠକରେ ଉପସ୍ଥିତ ରହି କର୍ମଧାରା ସୂଚାରୁରୂପେ ପାଳନ କରିଯିବେ, ସେ ଦିଗରେ ଯତ୍ନ ନେବା ପାଇଁ ଶାଖା ପରିଚାଳକମାନଙ୍କୁ ନିର୍ଦ୍ଦେଶ ତଥା ଉପଦେଶ ପ୍ରଦାନ କରି ସଂଧ୍ୟା ଘ ୭ଟିକାରେ ପ୍ରତ୍ୟାବର୍ତ୍ତନ କରିଥିଲେ ।
- ତା୦୧.୧୦.୯୭ : ବୁଧବାର : ବରାଙ୍ଗଗ୍ରାମର ଗୁରୁଭ୍ରାତା ଶ୍ରୀ ଜଗବଂଧୁ ଜେନାଙ୍କୁ ଶ୍ରୀଗୁରୁସ୍ୱାମୀଙ୍କର ଶ୍ରୀପାଦୁକା ପ୍ରାପ୍ତି । ଅନ୍ୟ ପ୍ରେମିକ ଭ୍ରାତାମାନଙ୍କର ମିଳିତ ସହଯୋଗରେ ଶ୍ରୀ ଜେନା ଶ୍ରୀପାଦୁକାକୁ ମସ୍ତକରେ ଧାରଣ କରି ମହାମନ୍ତ୍ର ସଂକୀର୍ତ୍ତନ ମଧ୍ୟରେ ତାଙ୍କ ଗ୍ରାମକୁ ଦୀର୍ଘ କୋଡ଼ିଏ କିଲୋମିଟର ପଥ ଚାଲିଚାଲି ନେଇଥିଲେ ।
- ତା ୦୬.୧୦.୯୭ : ସୋମବାର ଠାରୁ ତା ୧୩.୧୦.୯୭ : ସୋମବାର : ଶ୍ରୀ ଗୁରୁସ୍ୱାମୀଙ୍କ ସମ୍ବଲପୁର ଓ କେନ୍ଦୁଝରକୁ ଗୋପନ ଯାତ୍ରା ।
- ତା ୧୫.୧୦.୯୭ : ବୁଧବାର : ପବିତ୍ର କୁମାର ପୂର୍ଣ୍ଣିମା । 'ଚରମ' ପତ୍ରିକାର ମର୍ତ୍ତ୍ୟାବତରଣ ଦିବସ । ସେହି ଉପଲକ୍ଷେ ଜଗତପୁରସ୍ଥିତ କେଶବ ଭବନରେ ବାର୍ଷିକ ଉତ୍ସବ ପାଳନ, ପୂର୍ଣ୍ଣ ଦିବସ ବ୍ୟାପି ମହାମନ୍ତ୍ର ସଂକୀର୍ତ୍ତନ ଓ ଅପରାହ୍ଣରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା ।
- ତା ୧୯.୧୦.୯୭ : ରବିବାର ଠାରୁ ତା ୨୮.୧୦.୯୭ : ମଙ୍ଗଳବାର : ଶ୍ରୀଗୁରୁସ୍ୱାମୀ ସୃଷ୍ଟିକଲ୍ୟାଣ ପାଇଁ କେତେକ ଗୋପନ ସୂକ୍ଷ୍ମକାର୍ଯ୍ୟ ନିମନ୍ତେ ଉତ୍ତର ଭାରତ ଯାତ୍ରା କରିଥିଲେ ।
- ତା ୨୮.୧୦.୯୭ : ମଙ୍ଗଳବାର : ସଂଧ୍ୟା ଘ୬.୪୫ମିନିଟରେ ଆଶ୍ରମ ଅନ୍ତେବାସୀ ତଥା ଅଖଣ୍ଡ ନାମାଚାରୀ ଗଙ୍ଗାଧର ଜେନାଙ୍କର ଦେହାନ୍ତ ହୋଇଯାଇଛି ।
- ତା ୦୮.୧୧.୯୭ : ଶନିବାର : ରାତ୍ର ଘ୧୦।୩୦ମିନିଟଠାରୁ ଘ୩।୧୦ ମିନିଟ ମଧ୍ୟରେ ଶ୍ରୀଗୁରୁସ୍ୱାମୀ ଆକାଶବାଣୀର ବିଶିଷ୍ଟ ତବଲାବାଦକ ଶ୍ରୀଯୁକ୍ତ ଗୋପୀନାଥ ବେହେରା, ନିଶ୍ଚିନ୍ତ କୋଇଲି, ଗୁରୁଭ୍ରାତା ସର୍ବଶ୍ରୀ ଜଗବଂଧୁ ଜେନା, ବରାଙ୍ଗ, ଉଦ୍ଧବଚରଣ ସାହୁ, ଭଣଗାଁ, କୈଳାଶ ଚନ୍ଦ୍ର ପ୍ରଧାନ ଓ ଦାମୋଦର ପ୍ରଧାନ, ଗୋପାଳପୁରଙ୍କ ବାସଭବନରେ ପଦାର୍ପଣ କରି ସେମାନଙ୍କର ପ୍ରଣତି ଗ୍ରହଣ କରି କୃତାର୍ଥ କରିଥିଲେ ।
- ତା ୧୨.୧୧.୯୭ : ବୁଧବାର : ପୁଣ୍ୟତୋୟା କରିଆତଟସ୍ଥ ମାହେଶ୍ୱରୀଙ୍କ ମନ୍ଦିର ପ୍ରାଙ୍ଗଣରେ ପରିଷଦ୍ ଆନୁକୂଲ୍ୟରେ ପ୍ରସ୍ତୁତ କରାଯାଇଥିବା ଭଜନ କ୍ୟାସେଟ୍ ''କରିଆ କୂଳିଆ'' ଶ୍ରୀଗୁରୁସ୍ୱାମୀଙ୍କ ଉପସ୍ଥିତିରେ ବରେଣ୍ୟ ତବଲାବାଦକ ଶ୍ରୀଯୁକ୍ତ ଗୋପୀନାଥ ବେହେରାଙ୍କ ଦ୍ୱାରା ଶୁଭ ଉନ୍ମୋଚନ, କ୍ୟାସେଟ୍‌ରେ କଣ୍ଠଦାନ କରିଥିବା ସମସ୍ତ କଣ୍ଠଶିଳ୍ପୀ, ବାଦ୍ୟଶିଳ୍ପୀ, ସଂଗୀତ ନିର୍ଦ୍ଦେଶକ ଓ ଜଗନ୍ନାଥ ଇଲେକ୍‌ଟ୍ରୋନିକ୍‌ସ, କଟକର ସ୍ୱତ୍ତ୍ୱାଧିକାରୀ ପରିଷଦ୍‌ର ଆତିଥ୍ୟ ସ୍ୱୀକାର ସହ ଭଜନ ପରିବେଷଣ କରି ଉତ୍ସବଟିକୁ ସରସ ସୁନ୍ଦର କରିଥିଲେ । ସହସ୍ରାଧିକ ଭକ୍ତ ଉପସ୍ଥିତ ରହି ଉତ୍ସବଟିକୁ ଉପଭୋଗ କରିଥିଲେ । ଏହା ସହିତ ପରିଷଦ୍‌ର ସଂଗୀତ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଧ୍ୟ ପାଳନ କରାଯାଇଥିଲା । ସଂଗୀତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉତ୍ସବରେ ଉଦ୍‌ଘାଟନୀ ସଂଗୀତ ପରିବେଷଣ କରିଥିଲେ ।

- ତା୧୩.୧୧.୯୭ : ଗୁରୁବାର : ଉପରୋକ୍ତ ଉତ୍ସବ ଉପଲକ୍ଷେ ଜରିଆ ତଟରେ ଦିବସବ୍ୟାପି ମହାମନ୍ତ୍ର ସଂକୀର୍ତ୍ତନ ଓ ସଂଧ୍ୟା ଅବକାଶରେ ସତ୍‌ସଂଗ ଅନୁଷ୍ଠାନ କରାଯାଇଥିଲା ।
- ତା ୧୪.୧୧.୯୭ : ଶୁକ୍ରବାର : ପବିତ୍ର ରାହାସ ପୂର୍ଣ୍ଣିମା । ଧରାପୃଷ୍ଠରେ ଏକ ଅବିସ୍ମରଣୀ ଦିବସ । ଯୁଗାବତାର ଶ୍ରୀ ଗୁରୁସ୍ୱାମୀ ସ୍ୱୟଂ ''ଜରିଆ ତୀର୍ଥ'' ଓ ''ଚରମଘାଟ'' ପ୍ରତିଷ୍ଠା କରିଥିଲେ । ଏହି ଉପଲକ୍ଷେ ପବିତ୍ର ତୀର୍ଥ ଘାଟରେ ହଜାର ହଜାର ଲୋକ ପିଣ୍ଡଦାନ, ଅସ୍ଥି ବିସର୍ଜନ ଓ ଶିଶୁମାନଙ୍କର କେଶ ବିସର୍ଜନ କାର୍ଯ୍ୟ ଶ୍ରୀ ଗୁରୁସ୍ୱାମୀଙ୍କର ଉପସ୍ଥିତିରେ କରିଥିଲେ ।
- ତା ୧୫.୧୧.୯୭ : ଶନିବାର : ରାତ୍ର ଘ୧।୧୫ମିନିଟରେ ଶ୍ରୀଗୁରୁସ୍ୱାମୀଙ୍କର ''ମାତୃଗର୍ଭେ ବିନ୍ଦୁସ୍ଥାପନ ଉତ୍ସବ'' ମହାସମାରୋହରେ ପୂଜାର୍ଚ୍ଚନା ମାଧ୍ୟମରେ କ୍ଷେତ୍ର ପରିସର ମଧ୍ୟରେ ସମାହିତ ହୋଇଥିଲା । ଗର୍ଭଧାରିଣୀ ଜନନୀ ନିଜେ ପୂଜା ସ୍ଥଳରେ ଉପସ୍ଥିତ ରହି ପୂଜା ଗ୍ରହଣ କରିଥିଲେ । 'ମାତାପୁତ୍ର'ଙ୍କର ଅପୂର୍ବ ସ୍ୱର୍ଗୀୟ ମିଳନର ଦୁର୍ଲ୍ଲଭ ମୁହୂର୍ତ୍ତକୁ ଶତାଧିକ ଭକ୍ତ ଉପସ୍ଥିତ ରହି ଉପଭୋଗ କରିଥିଲେ ।
- ତା ୨୭.୧୧.୯୭ : ଗୁରୁବାର : ଆଶ୍ରମରେ ଅନ୍ତେବାସୀଙ୍କ 'ବନ୍ଧୁ' ତଥା ଚରମ ପରିବାରର ସଦସ୍ୟ ସଦାନନ୍ଦ ରାମାନୁଜଦାସ ଯିଏକି ଗତ ତା ୧୮.୧୧.୯୭ରିଖରେ ଦେହାନ୍ତ ହୋଇଯାଇଥିବାରୁ ତାଙ୍କର 'ତିଳତର୍ପଣ' ଉଦ୍ଦେଶ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା ।
- ତା ୦୧.୦୧.୯୭ : ଗୁରୁବାର : ଇଂରାଜୀ ନବବର୍ଷ ଉପଲକ୍ଷେ ଶ୍ରୀ ଗୁରୁସ୍ୱାମୀ ହଜାର ହଜାର ଭକ୍ତ, ଶିଷ୍ୟ, ଅନୁଗତମାନଙ୍କୁ ଦର୍ଶନ ଦେଇ ବିଭୂତି ଦାନ ଓ ରାତ୍ରରେ କଟିକଟା ଶାଖା ପରିଦର୍ଶନ କରିଥିଲେ । ଲୁଣାହାର (ସାଲେପୁର) ଗ୍ରାମରୁ ଗୁରୁଭ୍ରାତା ଶ୍ରୀ କୈଳାସ ଚନ୍ଦ୍ର ଦାସଙ୍କ ବାସଗୃହକୁ ପଦାର୍ପଣ କରି ସେମାନଙ୍କର ପ୍ରଣତି ଗ୍ରହଣ ଓ ଅବଶେଷରେ କ୍ଷେତ୍ର ପରିସରରେ ନବନିର୍ମିତ ଭୋଗଗୃହ ''ଚରମ ଚାଙ୍ଗୁଡ଼ି'' ଓ ''ଚରମ ପୁସ୍ତକାଳୟ'' ଉନ୍ମୋଚନ କରି ଆଶୀର୍ବାଦ ପ୍ରଦାନ କରିଥିଲେ ।
- ତା ୦୮.୦୧.୯୮ : ଗୁରୁବାର : ଠାକୁରାଙ୍କର ଶୁଭ ଜନ୍ମତିଥି ନିରାଡ଼ମ୍ବର ଭାବରେ ଆଶ୍ରମରେ ପାଳିତ ହୋଇଅଛି ।
- ତା ୨୪.୦୧.୯୮ : ଶନିବାର : ପଞ୍ଚଦଶ ଶତାବ୍ଦୀର ସାଧକ ଶିରୋମଣି ମହାପୁରୁଷ ଅରକ୍ଷିତ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ପୋଡ଼ପିଠା ଲାଗି ଓ ଖଞ୍ଜଣି ଭଜନ ସମାରୋହ ମହାଆଡ଼ମ୍ବରରେ ପାଳିତ ହୋଇଅଛି ।
- ତା ୧୧.୦୨.୯୮ : ବୁଧବାର : ପବିତ୍ର ''ଅସ୍ଥିପୂର୍ଣ୍ଣିମା'' । ଶ୍ରୀ ଗୁରୁସ୍ୱାମୀଙ୍କ ସ୍ଥୂଳ ଉପସ୍ଥିତିରେ ଜଗତପୁର 'କେଶବ ଭବନ' ପ୍ରାଙ୍ଗଣରେ ''ବାଲ୍ୟବ୍ରହ୍ମ ଦିବସ'' ମହାସମାରୋହରେ ପାଳନ ହୋଇଛି । ଏହି ଉପଲକ୍ଷେ ଶ୍ରୀ ଠାକୁର ମଞ୍ଚ ଉପରେ ଉପସ୍ଥିତ ରହି ଅଗଣିତ ବାଲ୍ୟବ୍ରହ୍ମ (ଶିଶୁ)ମାନଙ୍କ ଗହଣରେ ଏକାକାର ହୋଇ ସେମାନଙ୍କୁ ମିଷ୍ଟାନ୍ନ ନିଜେ ଖୁଆଇ ଦେଇଥିଲେ । ଏହି ଅବିସ୍ମରଣୀୟ ମୁହୂର୍ତ୍ତକୁ ହଜାର ହଜାର ଭକ୍ତ, ଶିଷ୍ୟ, ଅନୁଗତ ଉପଭୋଗ କରି ହରିବୋଲ, ହୁଳହୁଳି, ନାମ ସଂକୀର୍ତ୍ତନ ମାଧ୍ୟମରେ ଆନନ୍ଦାଶ୍ରୁ ପ୍ଲାବନରେ ସ୍ଥାନଟିକୁ ମର୍ତ୍ତ୍ୟ ବୈକୁଣ୍ଠରେ ପରିଣତ କରିଥିଲେ । ସଂଧ୍ୟା ଅବକାଶରେ କ୍ରମାନ୍ୱୟରେ ସତ୍‌ସଂଗ, ଭଜନ ସମାରୋହ ଓ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା ।

ଆମର ଲକ୍ଷ୍ୟ : ଚରମପ୍ରାପ୍ତି